

‘ଦ ରାଜା ସାବ୍’ର ଗୀତ ରିଲିଜ୍



▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-149 ♦TUESDAY ♦25 NOVEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୪୯ ♦ମଙ୍ଗଳବାର ♦୨୫ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

# ବଲିଉଡ୍‌ର 'ହି-ମ୍ୟାନ୍' ଧର୍ମେନ୍ଦ୍ରଙ୍କ ପରଲୋକ

■ ମୁମ୍ବଇ, ୨୪।୧୧ (ଏଜେନ୍ସି): ଆଉ ଜଣେ କିମ୍ବଦନ୍ତୀ ଅଭିନେତାଙ୍କୁ ହରାଇଛି ବଲିଉଡ୍। ହିନ୍ଦୀ ଚଳଚ୍ଚିତ୍ର ଜଗତର ହି-ମ୍ୟାନ ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ରଙ୍କ ପରଲୋକ ହୋଇଛି। ସୋମବାର ଅପରାହ୍ଣ ୧.୧୦ରେ ୮୯ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ୬ ଦଶନ୍ଧି ଧରି ସେ ପ୍ରଶଂସକଙ୍କ ହୃଦୟରେ ରାଜ୍ କରୁଥିବା ଧର୍ମେନ୍ଦ୍ର ପ୍ରାୟ ୩୦୦ ସିନେମାରେ ଅଭିନୟ କରିଥିଲେ। ତାଙ୍କ ସହ ବଲିଉଡ୍‌ରେ ଗୋଟିଏ ଯୁଗର ଅବସାନ ହୋଇଛି। ସେ ଆଗାମୀ ପିଢ଼ି

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି
## ଶୋକ ପ୍ରକାଶ କଲେ ମୋହନ, ନବୀନ
## ମହାନାୟକଙ୍କୁ ଅନ୍ତିମ ବିଦାୟ ଦେଲେ ସିନେ ତାରକା

ପାଇଁ ଏକ ବଳିଷ୍ଠ ପରମ୍ପରା ଛାଡି ଯାଇଛନ୍ତି। ମୁମ୍ବଇର ଭିଲେ ପାର୍ଲେ ଶ୍ମଶାନରେ ନିରାଡ଼ମ୍ବରରେ ଅପରାହ୍ଣ ୩ଟାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଧର୍ମେନ୍ଦ୍ରଙ୍କ ଦେହାନ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧର୍ମେନ୍ଦ୍ରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଧର୍ମେନ୍ଦ୍ରଙ୍କ ବିୟୋଗରେ ଭାରତୀୟ ସିନେମାରେ ଏକ ଯୁଗର ଅନ୍ତ ହେଲା ବୋଲି କହିଛନ୍ତି। ଅଭିନେତା ଅମିତାଭ ବଚ୍ଚନ, ଶାହରୁଖ ଖାନ୍, ସଞ୍ଜୟ ଦତ୍ତ, ସଲମାନ ଖାନ୍, ଅମୀର ଖାନ, ରଣବୀର ସିଂ, ଦୀପିକା ପାଦୁକୋନଙ୍କ ସମେତ ବହୁ ବଲିଉଡ୍ ତାରକା ଶ୍ମଶାନରେ ଉପସ୍ଥିତ ରହି ଏହି ମହାନାୟକଙ୍କ ଅନ୍ତିମ ବିଦାୟ ଦେଇଛନ୍ତି।

ଗତ କିଛିଦିନ ହେବ ଧର୍ମେନ୍ଦ ଅସୁସ୍ଥ ଥିଲେ। ସେ ବୟସାଧିକ ଜନିତ ରୋଗରେ ପୀଡ଼ିତ ଥିଲେ। ଗତ ୧୦ ତାରିଖରେ ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ହେବାରୁ ତାଙ୍କୁ ମୁମ୍ବଇର ଏକ ▶ପୃଷ୍ଠା-୭



ଅଲ୍‌ବିଦା ହି-ମ୍ୟାନ୍

▶ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି: ପୃଷ୍ଠା-୨

# ମିଲ୍ ଖୁନ୍ଦାଖୁନ୍ଦି: ଧାନ କିଣିବାକୁ ଅମଙ୍ଗ ମିଲର୍

■ ଭୁବନେଶ୍ୱର, ୨୪।୧୧(ସମିସ): ମିଲ୍‌ରେ ମହଜୁଦ ରହିଛି ପର୍ଯ୍ୟାପ୍ତ ପରିମାଣରେ ଧାନ। ଗତ ଖରିଫ୍ ଋତୁର ଧାନ ମିଲିଂ ସରିନାହିଁ, ରବି ଋତୁ ଧାନ ଆସି ଗଦା ହୋଇଛି। ଏପରି ଅବସ୍ଥାରେ ଚଳିତ ଖରିଫ ଧାନ କିଣିବାକୁ ମିଲର ନାରାଜ। ମିଲ୍‌ରେ ଫାଙ୍କା ସ୍ଥାନ ନ ଥିବାରୁ ଧାନ କିଣିଲେ କେଉଁଠାରେ ରଖିବୁ ବୋଲି ସରକାରଙ୍କୁ ପାଲଟା ପ୍ରଶ୍ନ କରୁଛନ୍ତି। ଏହାକୁ ନେଇ ସରକାର-ମିଲରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଛକାପଞ୍ଝା ଚଳିତ ବର୍ଷ ଧାନ କିଣାରେ ଅହେତୁକ ବିଳମ୍ବ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଚାଷୀ ନେତାମାନେ ମିଲର-ସରକାରଙ୍କ ଏହି ବିବାଦକୁ କେବଳ ଚାଷୀଙ୍କୁ ଭୂଆଁ ବୁଲାଇବାକୁ ଉଦ୍ଦିଷ୍ଟ ବୋଲି ଅଭିଯୋଗ କରିଛନ୍ତି।

## ପ୍ରତିଶ୍ରୁତି ସତ୍ତ୍ୱେ କଷ୍ଟମ୍ ମିଲିଂ ଦର ବଢ଼ାଇଲେନି ସରକାର
## ରକ୍ଷଣାବେକ୍ଷଣ ଖର୍ଚ୍ଚ ଦେଉ ନ ଥିବାରୁ ଅସନ୍ତୋଷ

ମିଲରମାନଙ୍କ ଅଭିଯୋଗ ଅନୁଯାୟୀ ସରକାର ଧାର୍ଯ୍ୟ ସମୟରେ ଉତ୍ପାଦିତ ସମସ୍ତ ଚାଉଳ ଉଠାଉ ନ ଥିବାରୁ ବହୁ ପରିମାଣରେ ଚାଉଳ ଗଚ୍ଛିତ ରହିଛି। ଧାନକୁ ଚାଉଳ କରି ରଖିଲେ ନଷ୍ଟ ହେବାର ଆଶଙ୍କା ଥିବାରୁ ମିଲିଂ ହୋଇପାରୁନାହିଁ। ସରକାରଙ୍କ ପାଖରେ ଧାନ ଓ ଚାଉଳ ଗଚ୍ଛିତ ରଖିବା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥିବାରୁ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ସେହିପରି ମିଲ୍‌ରେ ଧାନ ଗଚ୍ଛିତ ରଖିଲେ ତାହାର ରକ୍ଷଣାବେକ୍ଷଣ ପାଇଁ ସରକାର କ୍ୱିଣ୍ଟାଲ ପିଛା ୭.୨୦ ଟଙ୍କା ଦେବାର ପ୍ରାବଧାନ ରହିଛି। ମାତ୍ର ଗତ ଦୁଇ ଆର୍ଥିକ ବର୍ଷରେ ଏଥିପାଇଁ ମିଲରମାନଙ୍କୁ ଚାଉଳ ଗଚ୍ଛିତ ରଖିବା ବାବଦ ଅର୍ଥରାଶି ▶ପୃଷ୍ଠା-୭

## ଚାଷୀ-ମିଲର୍ସ ସଲାସୁତୁରାରେ କଟ୍‌ନୀଛଟ୍‌ନୀ: ମନ୍ତ୍ରୀ

■ ଭୁବନେଶ୍ୱର, ୨୪।୧୧(ସମିସ): ଧାନ କିଣା ସମୟରେ ଚାଷୀ ଓ ମିଲର୍ସ ପରସ୍ପର ମଧ୍ୟରେ ସଲାସୁତୁରା ହୋଇ କଟନୀଛଟନୀ କରୁଛନ୍ତି। ଏଥିରେ ସରକାର କଣ କରିପାରିବେ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଟିପ୍ପଣୀକୁ ନେଇ ଆରମ୍ଭ ହୋଇଛି ବିବାଦ। ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ କଟନୀଛଟନୀ ନେଇ ମନ୍ତ୍ରୀଙ୍କ ମନ୍ତବ୍ୟ ଚାଷୀଙ୍କ ପ୍ରତି ଘୋର ଅପମାନ। ନିଜେ ନିଜର କ୍ଷତି କରିବାକୁ ଚାଷୀ କେମିତି ଚିନ୍ତା କରିବ ବୋଲି ସେ ପ୍ରଶ୍ନ କରିବା ସହ ମନ୍ତ୍ରୀ ତୃଣମୂଳସ୍ତରର

### ମନ୍ତ୍ରୀଙ୍କ ବେପରୁଆ ମନ୍ତବ୍ୟ ଚାଷୀଙ୍କ ପ୍ରତି ଘୋର ଅପମାନ: ବିଜେଡି
### ପ୍ରତିଶ୍ରୁତି ଭୁଲିଛନ୍ତି ସରକାର, ସବୁଠାରେ କଟନୀଛଟନୀ: କଂଗ୍ରେସ

ସ୍ଥିତି ଜାଣୁ ନ ଥିବା କଟାକ୍ଷ କରିଛନ୍ତି। ଗତବର୍ଷ ଚାଷୀଙ୍କ ଠାରୁ କୁଇଣ୍ଟାଲ ପିଛା ୧୦ରୁ ୧୨ କିଲୋ ଲେଖାଏଁ କଟନୀଛଟନୀ କରାଯାଇଛି। ବିନା କଟନୀଛଟନୀରେ ଧାନ କିଣା ନେଇ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଚାଷୀର ସ୍ୱାର୍ଥ ରକ୍ଷା କରିବା ଓ କଟନୀଛଟନୀ ରୋକିବା ପାଇଁ ସରକାରଙ୍କ ଆନ୍ତରିକତା ନାହିଁ। ଅପରପକ୍ଷରେ ଚଳିତବର୍ଷ କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପ୍ରତି ୬୦ ଟଙ୍କା ବଢ଼ାଇଥିବାବେଳେ ତାହାକୁ ରାଜ୍ୟ ସରକାର ଓଡ଼ିଶାର ଚାଷୀଙ୍କୁ ପ୍ରଦାନ ନ କରିବା ପାଇଁ ଯୋଜନା କରିଥିବା ସେ ଅଭିଯୋଗ କରିଛନ୍ତି। ସରକାର ଦେଉଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡିରୁ ଏହି ଟଙ୍କା କାଟିଦେବେ। ଫଳରେ ଚାଷୀ ଆର୍ଥିକ କ୍ଷତିରେ ପଡ଼ିବେ। ଏନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଅନୁରୂପ ଭାବରେ କଂଗ୍ରେସ ବିଧାୟକ ଦଳ ▶ପୃଷ୍ଠା-୭

# ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଶପଥ



■ ନୂଆଦିଲ୍ଲୀ, ୨୪।୧୧ (ଏଜେନ୍ସି): ଜଷ୍ଟିସ ସୂର୍ଯ୍ୟକାନ୍ତ ଭାରତର ୫୩ ତମ ପ୍ରଧାନ ବିଚାରପତି (ସିଜେଆଇ) ହୋଇଛନ୍ତି। ରାଷ୍ଟ୍ରପତି ଭବନରେ ସୋମବାର ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ହିନ୍ଦୀରେ ଶପଥ ନେଇ ସାରିବେ ପରେ ସିଜେଆଇ କାର୍ଯ୍ୟକ୍ରମରେ ଉପସ୍ଥିତ ନିଜ ଭଉଣୀ ଏବଂ ବଡ଼ ଭାଇଙ୍କୁ ପାଦ ଛୁଇଁ ପ୍ରଣାମ କରିଥିଲେ। ଏହି ଅବସରରେ ତାଙ୍କ ପରିବାରର ଅନ୍ୟ ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ଏହା ପରେ ସେ ଉପ-ରାଷ୍ଟ୍ରପତି ସିପି

## ନୂଆ ଉଦାହରଣ ସୃଷ୍ଟିକଲେ ବିଦାୟୀ ସିଜେଆଇ ଗଭାଇ
## ଉତ୍ତରାଧିକାରୀଙ୍କ ପାଇଁ ଛାଡ଼ିଗଲେ ସରକାରୀ ଗାଡ଼ି

ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଥିଲେ। ପୂର୍ବତନ ପ୍ରଧାନ ବିଚାରପତି ବିଆର ଗଭାଇ ନିଜ ଉତ୍ତରାଧିକାରୀଙ୍କୁ କୁଣ୍ଢାଇ ପକାଇ ଥିଲେ। ପ୍ରଥମ ଥର ପାଇଁ ଏହି ସମାରୋହରେ ବ୍ରାଜିଲ, ଭୁଟାନ, କେନିଆ, ମାଲେସିଆ, ▶ପୃଷ୍ଠା-୭

# ବରଗଡ଼ ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପିତ

■ ବରଗଡ଼, ୨୪।୧୧ (ସମିସ): ୭୮ତମ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଶୁଭସ୍ତମ୍ଭ ସୋମବାର ସ୍ଥାପିତ ହୋଇଛି। ପ୍ରଥମେ ଇଷ୍ଟଦେବୀ ମା’ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ବରଗଡ଼ ହାଟପଦାସ୍ଥିତ ସଞ୍ଚାର ପଡ଼ିଆରେ ରୀତିନୀତି ଆନୁସାରେ ପୂଜା କରି ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ରାଜପୁରୋହିତ ନିଖିଲ ଦାଶ ପୂଜାର୍ଚ୍ଚନା କରିଥିଲେ। ଏହାବ୍ୟତୀତ, ଚଳିତବର୍ଷ ଧନୁଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ନେଇ ଆଲୋଚନା ହୋଇଥିଲା। ଯାତ୍ରାରେ ଆଇନଶୃଙ୍ଖଳା ରକ୍ଷା ପାଇଁ କମିଟି ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଯାତ୍ରାରେ ଲକ୍ଷଲକ୍ଷ ଦର୍ଶକଙ୍କ ସୁରକ୍ଷା ଓ ସୁବିଧା ନିମନ୍ତେ ପୁଲିସ ବିଭାଗ ସଜାଗ ରହିଛି ବୋଲି ବରଗଡ଼ ଏସ୍‌ପି ଓ ଜିଲ୍ଲାପାଳ କହିଥିଲେ।


ଏହି ଅବସରରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲ, ଏସ୍‌ପି ପ୍ରହଲ୍ଲାଦ ସାହାଇ ମୀନା, ଉପ-ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ସମେତ ଧନୁଯାତ୍ରା କମିଟି ତଥା କଂସ ଅଭିନୟ କରୁଥିବା କଳାକାର ସୁଶୀଲ ମେହେର, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ଅକ୍ରୁର ମଲ୍ଲିକ, ଗୋପାଳ ଦାଶ, ଅବନୀ ପଣ୍ଡା, ମହାମନ୍ତ୍ରୀ ଗୋଲାପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ରାଜଦରବାର ମଞ୍ଚ କମିଟି ଆବାହକ ତଥା ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



**ସମୁଦ୍ର ମଧ୍ୟରେ ଏକାଧିକ ଘୂର୍ଣ୍ଣିବଳୟ**

# ଆଗକୁ ବଢ଼ିପାରୁନି ଲଘୁଚାପ

■ ଭୁବନେଶ୍ୱର, ୨୪।୧୧ (ସମିସ): ବର୍ତ୍ତମାନ ପ୍ରଶାନ୍ତ ମହାସାଗରରେ ଗୋଟିଏ ବାତ୍ୟା ସକ୍ରିୟ ରହିଛି। ଏହାସହ ମଲାକ୍କା ସମୁଦ୍ର ଏବଂ ଦକ୍ଷିଣ-ଆଣ୍ଡାମାନ ସାଗର ଉପରେ ଏକ ସୁଦୃଶ ଲଘୁଚାପ ରହିଛି। ଏହା ବ୍ୟତୀତ କୋମ୍‌ରିନ୍ ପାର୍ଶ୍ୱବର୍ତ୍ତୀ ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ଏବଂ ଶ୍ରୀଲଙ୍କା ଉପରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବା ବେଳେ ଆରବ ସାଗର ଉପରେ ଆଉ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ସମୁଦ୍ର ମଧ୍ୟରେ ଗୋଟିଏ ସମୟରେ ଏତେଗୁଡ଼ିଏ ଲଘୁଚାପ ଓ ଘୂର୍ଣ୍ଣିବଳୟ ଘେରି ରହିଥିବାରୁ ଉଭୟେ



## ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ଆଶଙ୍କା କ୍ଷୀଣ

ଉଭୟଙ୍କୁ ପ୍ରଭାବିତ କରୁଛନ୍ତି। ଏହାର ପରିଣାମ ସ୍ୱରୂପ ଦୀର୍ଘ ୬ ଦିନ ପରେ ମଧ୍ୟ ମଲ୍ଲାକା ସମୁଦ୍ର ନିକଟରେ ଥିବା ସୁଦୃଶ ଲଘୁଚାପ ବଙ୍ଗୋପସାଗରରେ ପହଞ୍ଚିପାରି ନାହିଁ। ଏହି ଲଘୁଚାପ ବାତ୍ୟାରେ ପରିଣତ ହେବ ବୋଲି ଆଇଏମ୍‌ଡି ପୂର୍ବରୁ ଆକଳନ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହା ଆଗକୁ ବଢୁ ନ ଥିବାରୁ ବାତ୍ୟା ସୃଷ୍ଟି ହେବା ଓ ଏହା ଆନ୍ଧ୍ର-ଓଡ଼ିଶା ଉପକୂଳ ମୁହାଁ ହେବା ଉପରେ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ଶ୍ରୀଲଙ୍କା ଉପରେ ରହିଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ ସୃଷ୍ଟି ହେବା ସହ ଏହା ବାତ୍ୟାରେ ପରିଣତ ହେବା ନେଇ ଆଉ ଏକ ନୂଆ ସମୀକରଣ ସୃଷ୍ଟି ହୋଇଛି। ▶ପୃଷ୍ଠା-୭

# ଗଣଦୁଷ୍କର୍ମ ପୀଡ଼ିତାଙ୍କୁ ଡାକ୍ତରଖାନାରେ ନିର୍ଯାତନା!

■ ଭୁବନେଶ୍ୱର, ୨୪।୧୧ (ସମିସ): ଖୋର୍ଦ୍ଧା ନାବାଳିକା ଗଣଦୁଷ୍କର୍ମ ମାମଲାରେ ତଦନ୍ତ ପ୍ରକ୍ରିୟାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଚିକିତ୍ସାଧୀନ ପୀଡ଼ିତାଙ୍କୁ ଡ଼ାକ୍ତରଖାନାରେ ନିର୍ଯାତନା ଦିଆଯାଉଥିବା ନେଇ ଆସିଛି ସାଂଘାତିକ ଅଭିଯୋଗ। ତଦନ୍ତକାରୀ ପୁଲିସ ଅଧିକାରୀ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ସହ ବୟାନ ବଦଳାଇବାକୁ ମାନସିକ ନିର୍ଯାତନା ଦେଉଥିବା ପୀଡ଼ିତାଙ୍କ ମା’ ଅଭିଯୋଗ କରିଛନ୍ତି।

କ୍ୟାପିଟାଲ ହସ୍ପିଟାଲରେ ଖୋର୍ଦ୍ଧା ବାଘମାରୀ ପୁଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଛି। ଗଣଦୁଷ୍କର୍ମ ମାମଲାରେ କିଏ କିଏ ସମ୍ପୃକ୍ତ ଅଛନ୍ତି। ଅପରାଧ କିଭଳି ସଂଗଠିତ ହେଲା। କେଉଁ

### ବୟାନ ବଦଳାଇବାକୁ ନାବାଳିକାଙ୍କ ଉପରେ ପୁଲିସର ଚାପ
### ତଦନ୍ତ ଅଧିକାରୀଙ୍କ ଭୂମିକାକୁ ନେଇ ମା’ ଆଣିଲେ ସାଂଘାତିକ ଅଭିଯୋଗ
### ହସ୍ପିଟାଲରେ ନାବାଳିକାଙ୍କୁ ଭେଟିଲେ ବିଜେଡି-କଂଗ୍ରେସ ନେତା
### ନିଜ ଆଡୁ ମାମଲା ରୁଜୁ କଲେ ଶିଶୁ ସୁରକ୍ଷା ଅଧିକାର କମିସନ

ପରିସ୍ଥିତିରେ ଅପରାଧ ଘଟିଲା, ଘଟଣା ପଛରେ କେଉଁକେଉଁ ଲୋକ ଅଛନ୍ତି ଆଦି ଅନେକ ପ୍ରଶ୍ନ ପୀଡ଼ିତାଙ୍କୁ କରାଯାଇଛି। ସେ ମଧ୍ୟ ▶ପୃଷ୍ଠା-୭

# କମିଲା ଅତିରିକ୍ତ ବଜେଟ ଆକାର

■ ଭୁବନେଶ୍ୱର,୨୪।୧୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଅତିରିକ୍ତ ବଜେଟ୍‌କୁ ମିଳିଛି ମଞ୍ଜୁରୀ। ଆସନ୍ତା ଶୀତ ଅଧିବେଶନ ୨୭ ତାରିଖରୁ ଆରମ୍ଭ ହେବ ଓ ୨୮ ତାରିଖରେ ଅତିରିକ୍ତ ବଜେଟ ଚିଠା ପ୍ରସ୍ତାବ ଆଗତ ହେବ। ମନ୍ତ୍ରୀ ପରିଷଦ ବୈଠକରେ ପ୍ରାୟ ୧୦ ହଜାର କୋଟି ଟଙ୍କାର ଚିଠା ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଥିବା ସୂଚନା ମିଳିଛି।

**୧୧ ହଜାର କୋଟି ମଧ୍ୟରେ ରହିବ ଅତିରିକ୍ତ ବଜେଟ୍ ଚିଠା ପ୍ରସ୍ତାବ**

**୨୮ ତାରିଖରେ ବିଧାନସଭାରେ ଆଗତ ହେବ ଅତିରିକ୍ତ ବଜେଟ**

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ମୋଟ ୧୨୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ ବିଧାନସଭାରେ ଆଗତ କରିଥିଲେ। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧୦୧୫୫ କୋଟି ଟଙ୍କା ଆବଣ୍ଟିତ ହୋଇଥିବା ବେଳେ ପ୍ରଶାସନିକ ବ୍ୟୟ ପାଇଁ ୧୬୮୫ କୋଟି ଟଙ୍କା ଆବଣ୍ଟିତ ହୋଇଥିଲା। ତେବେ ଚଳିତ ଆର୍ଥିକ ବର୍ଷରେ ଆବଣ୍ଟିତ ବଜେଟ ଅର୍ଥରେ ଆଖିଦୃଶିଆ ବ୍ୟୟ ହୋଇପାରି ନାହିଁ। ଏବେବି ବହୁ ବିଭାଗର ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ବେଶ୍ ନିରୁତ୍ସାହଜନକ ରହିଛି। ଯାହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ବିଭିନ୍ନ ବୈଠକରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିଯୋଗୁଁ ଅତିରିକ୍ତ ବଜେଟର ପରିମାଣକୁ ପୂର୍ବ ଆର୍ଥିକ ବର୍ଷ ତୁଳନାରେ କମାଇ ଦିଆଯାଇଥିବା ଆଲୋଚନା ହେଉଛି।

## ରାଜ୍ୟ କ୍ୟାବିନେଟରେ ୩ ପ୍ରସ୍ତାବକୁ ମଞ୍ଜୁରୀ

■ ଭୁବନେଶ୍ୱର, ୨୪।୧୧ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୩ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଅନୁମୋଦିତ ସମସ୍ତ ୩ଟି ପ୍ରସ୍ତାବ ସାଧାରଣ ପ୍ରଶାସନ ବିଭାଗର ହୋଇଥିବା ନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

୩ଟି ପ୍ରସ୍ତାବ ମଧ୍ୟରୁ ଉଚ୍ଚ ମାଧ୍ୟମିକସ୍ତର କିମ୍ବା ସମାନସ୍ତର ଅଧୀନସ୍ଥ ସ୍ୱତନ୍ତ୍ର ସେବା ଓ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ ୨୦୨୨ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ପୂର୍ବରୁ ଏହି ନିୟମାବଳୀର ଅନୁଚ୍ଛେଦ-୧ରେ ୧୧ଟି ଭିନ୍ନ ପଦବୀ ଅନ୍ତର୍ଭୁକ୍ତ କରାଯାଇଛି। ବର୍ତ୍ତମାନ ଉପରୋକ୍ତ ନିୟମାବଳୀ, ୨୦୨୨ର ନିୟମ-୩ରେ ଧାର୍ଯ୍ୟ ବ୍ୟବସ୍ଥା ଅନୁଯାୟୀ, ଅନୁଚ୍ଛେଦ-୧ରେ ଗୋଟିଏ ନୂଆ ପଦବୀ ସୃଷ୍ଟି ସହ ସ୍ୱରାଷ୍ଟ୍ର ବିଭାଗର ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର ଅଧିନରେ ଥିବା କନିଷ୍ଠ ଅପରାଧ ବିଧି ସହାୟକ ପଦବୀକୁ ଅନ୍ତର୍ଭୁକ୍ତ କରାଯିବ। ଯାହାଫଳରେ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସର୍ବମୋଟ ୧୨ଟି ଭିନ୍ନ ପଦବୀକୁ ମିଳିତ ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ। ସେହିପରି ରାଜ୍ୟ ସରକାରଙ୍କ ଅଧିନସ୍ଥ ଖ-ବର୍ଗ ଏବଂ ଗ-ବର୍ଗ ଅନ୍ତର୍ଗତ ସ୍ୱତନ୍ତ୍ର ସେବା ଓ ପଦବୀରେ ନିଯୁକ୍ତି ପାଇଁ ମିଳିତ ▶ପୃଷ୍ଠା-୭

# ଅଲ୍‌ବିଦା ହି-ମ୍ୟାନ୍



## କୃଷ୍ଣ ଦେଓ୍ୱଲରୁ ଧର୍ମେନ୍ଦ୍ର

ଧର୍ମେନ୍ଦ୍ରଙ୍କ ପ୍ରକୃତ ନାଁ କୃଷ୍ଣ ଦେଓ୍ୱଲ । ତେବେ ସେ ଫିଲ୍ମକୁ ଆସିବା ପରେ ଧର୍ମେନ୍ଦ୍ର ନାଁରେ ଲୋକପ୍ରିୟ ହେଲେ । ସେ ୧୯୩୫ ମସିହା ଡିସେମ୍ବର ୮ ତାରିଖରେ ଲୁଧିଆନାର ସାହନେବାଲ ଗାଁରେ ଜନ୍ମଗ୍ରହଣ କରିଥିଲେ । ସେ ଦ୍ୱାଦଶ ଶ୍ରେଣୀ ଯାଏଁ ପାଠ ପଢ଼ିଛନ୍ତି । ଆଗକୁ ପଢ଼ିବାକୁ ଚାହୁଁଥିଲେ, ହେଲେ ଅଭିନୟ ନିଶା ତାଙ୍କର ଏତେ ବେଶି ହେଲା ଯେ ସେ ଆଉ ପାଠ ପଢ଼ିଲେ ନାହିଁ ।

ଆଉ ନାହାଁନ୍ତି ବଲିଉଡ୍‌ର **ହି-ମ୍ୟାନ୍** ଧର୍ମେନ୍ଦ୍ର । ଅସଂଖ୍ୟ ପ୍ରଶଂସକଙ୍କୁ ଶୋକ ସାଗରରେ ଭସାଇ ୮୯ ବର୍ଷ ବୟସରେ ସୋମବାର ପରଲୋକ ଗମନ କରିଛନ୍ତି 'ଡ୍ରିମ୍‌ଗର୍ଲ'ଙ୍କ ଡ୍ରିମ୍ ପୁରୁଷ ବୀରୁ । ରୋମାଣ୍ଟିକ୍ ହେଉ କି ଆକ୍ସନ୍ ଅଥବା କମେଡ଼ି ପ୍ରତ୍ୟେକ ଚରିତ୍ରକୁ ପରଦାରେ ଜୀବନ୍ତ କରିପାରୁଥିଲେ ସେ । ସାତ ଦଶନ୍ଧିର କ୍ୟାରିୟରରେ ୩୦୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରୀରେ ସବୁଠୁ ଅଧିକ ହିଟ୍ ଫିଲ୍ମ ଦେବାର ଶ୍ରେୟ ଧର୍ମେନ୍ଦ୍ରଙ୍କୁ ଯାଏ । 'ଦିଲ୍ ଭି ତେରା ହମ୍ ଭି ତେରେ' ଫିଲ୍ମରୁ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ । 'ଫୁଲ୍ ଔର୍ ପଥର' ଫିଲ୍ମ ଦେଇଥିଲା ତାଙ୍କୁ 'ହି-ମ୍ୟାନ୍'ର ପରିଚୟ । ଏହି ଫିଲ୍ମରେ ସେ ସାର୍ଟ ଖୋଲି ଦର୍ଶକଙ୍କ ପ୍ରିୟ 'ହି-ମ୍ୟାନ୍' ପାଲଟି ଯାଇଥିଲେ । ସେ ହିନ୍ଦୀ ସିନେମାର ପ୍ରଥମ ଆକ୍ସନ୍ ଷ୍ଟାର୍ ଥିଲେ । ଷ୍ଟଣ୍ଟ ମ୍ୟାନ୍ ବିନା ନିଜେ ଷ୍ଟଣ୍ଟ ସିନ୍ କରୁଥିଲେ । 'ଶୋଲେ', 'ଚୁପ୍‌କେ ଚୁପ୍‌କେ', 'ସତ୍ୟକାମ', 'ଅନୁପମା', 'ଧରମ୍‌ବୀର' ଆଦି ଫିଲ୍ମରେ ସେ ନିଖୁଣ ଅଭିନୟ ଦ୍ୱାରା ଦର୍ଶକଙ୍କ ହୃଦୟରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଥିଲେ । ବୟସାଧିକ ସତ୍ତ୍ୱେ ବି ଧର୍ମେନ୍ଦ୍ର ଅଭିନୟ ଛାଡ଼ି ନ ଥିଲେ । ତାଙ୍କୁ ଶେଷଥର ପାଇଁ 'ତେରି ବାତୋଁ ମେଁ ଐସା ଉଲ୍‌ଝା ଜିୟା'ରେ ଦେଖିବାକୁ ମିଳିଥିଲା । ସେ 'ଇକ୍କିସ୍' ଫିଲ୍ମରେ ମଧ୍ୟ ଅଭିନୟ କରିଥିଲେ । ଏହି ଫିଲ୍ମଟି ଡିସେମ୍ବର ୨୫ରେ ରିଲିଜ ହେବ । ହେଲେ ତାଙ୍କ ଫିଲ୍ମ ରିଲିଜ୍ ହେବା ପୂର୍ବରୁ ସେ ଏ ଦୁନିଆରୁ ବିଦାୟ ନେଇଛନ୍ତି । ଜୀବନ ଯୁଦ୍ଧରେ ହାରିଯାଇଥିଲେ ସୁଦ୍ଧା ଧର୍ମେନ୍ଦ୍ର ତାଙ୍କର ସ୍ମିତହାସ୍ୟ, ଗମ୍ଭୀର ସଂଳାପ, ବଳିଷ୍ଠ ଅଭିନୟ ମାଧ୍ୟମରେ ସବୁବେଳେ ଦର୍ଶକଙ୍କ ହୃଦୟରେ ରହିବେ ।

## ଅମର କରିଛି 'ବୀରୁ'

ସେ ତାଙ୍କ ସିନେମା କ୍ୟାରିୟରରେ ୩୦୦ ସିନେମା କରିଛନ୍ତି । ହେଲେ ତାଙ୍କ ଜୀବନର ସବୁଠୁ ସ୍ମରଣୀୟ ସିନେମା ହେଉଛି 'ଶୋଲେ ।' ଏହି ସିନେମାରେ ବୀରୁ ଚରିତ୍ର ତାଙ୍କୁ ଅମର କରାଇଛି । ଧର୍ମେନ୍ଦ୍ରଙ୍କ ନାଁ ନେବା ମାତ୍ରେ ହିଁ ଏହି ଚରିତ୍ରଟି ଆପେ ସମସ୍ତଙ୍କ ମନକୁ ଆସିଯାଏ । ସିନେମାଟି ଏବେ ଏବେ ଗୋଲଡେନ ଜୁବଲି ମଧ୍ୟ ପୂରା କରିଛି ।

## ଦୁଇ ଥର ବିବାହ

ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ର ଦୁଇ ଥର ବିବାହ କରିଥିଲେ । ୧୯୫୪ ମସିହାରେ ପ୍ରଥମେ ସେ ପ୍ରକାଶ କୌରଙ୍କୁ ବିବାହ କରିଥିଲେ । ସେତେବେଳେ ସେ ଦୁଇଟି ପୁତ୍ର ସନ୍ତାନ ଓ ଦୁଇଟି କନ୍ୟା ସନ୍ତାନର ପିତା ହୋଇଥିଲେ । ସେମାନେ ହେଲେ ସନି ଦେଓ୍ୱଲ, ବବି ଦେଓ୍ୱଲ, ବିଜେତା ଦେଓ୍ୱଲ ଏବଂ ଅଜିତା ଦେଓ୍ୱଲ । ସେହିପରି ୧୯୮୦ ମସିହାରେ ତାଙ୍କଠାରୁ ୧୩ ବର୍ଷ ସାନ ଡ୍ରିମ୍‌ଗର୍ଲ ହେମାମାଳିନୀଙ୍କ ସହିତ ତାଙ୍କର ଦ୍ୱିତୀୟ ବିବାହ ହେଲା । ପରବର୍ତ୍ତୀ ସମୟରେ ହେମାମାଳିନୀ ଓ ଧର୍ମେନ୍ଦ୍ରଙ୍କର ଈଶା ଓ ଅହାନା ହେଲେ ଦୁଇ ସନ୍ତାନ । 'ତୁମ୍ ହସିନ୍ ମେଁ ଜବାନ୍' ସେଟ୍‌ରେ ହେମାମାଳିନୀଙ୍କ ସହ ଧର୍ମେନ୍ଦ୍ରଙ୍କ ପ୍ରଥମ ସାକ୍ଷାତ ହୋଇଥିଲା । ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଗଲା । ଦୁହେଁ ପରସ୍ପରକୁ ଭଲ ପାଇ ବସିଲେ । ଧର୍ମେନ୍ଦ୍ର ବିବାହିତ ଜାଣି ବି ଡ୍ରିମ୍‌ଗର୍ଲ ତାଙ୍କ ସହିତ ବିବାହ କରିବାକୁ ରାଜି ହୋଇଥିଲେ । ଅନ୍ୟପଟେ ଧର୍ମେନ୍ଦ୍ର ପ୍ରଥମ ପତ୍ନୀଙ୍କୁ ଛାଡ଼ପତ୍ର ଦେବାକୁ ଚାହୁଁ ନ ଥିଲେ । ତେଣୁ ହେମାମାଳିନୀଙ୍କୁ ସେ ୨୧ ଅଗଷ୍ଟ ୧୯୭୯ ମସିହାରେ ଇସ୍‌ଲାମ୍ ରୀତିନୀତିରେ ବିବାହ କଲେ । ପରେ ଏହି ଦମ୍ପତି ୨ ମଇ, ୧୯୮୦ ମସିହାରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ।



## ପ୍ରଥମ ରୋଜଗାର ୫୧ ଟଙ୍କା

୧୯୬୦ ମସିହାରେ ଧର୍ମେନ୍ଦ୍ର ତାଙ୍କର ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ । ଅର୍ଜୁନ ହିଙ୍ଗୋରାନୀଙ୍କ ପ୍ରଥମ ଫିଲ୍ମ 'ଦିଲ୍ ଭି ତେରା, ହମ୍ ଭି ତେରେ'ରେ ତାଙ୍କ ଅଭିନୟ ଦେଖିବାକୁ ମିଳିଥିଲା । ଏଥିରେ ତାଙ୍କୁ ପାରିଶ୍ରମିକ ୫୧ ଟଙ୍କା ମିଳିଥିଲା । ତେବେ ସେ ତାଙ୍କ କ୍ୟାରିୟରର ଆରମ୍ଭ ରୋମାଣ୍ଟିକ୍ ହିରୋ ଭାବେ କରିଥିଲେ । ଅବଶ୍ୟ ଖୁବ୍‌ଶୀଘ୍ର ସେ ଆକ୍ସନ ଷ୍ଟାର୍ ଭାବେ ଲୋକପ୍ରିୟ ହୋଇଥିଲେ । କେବଳ ସେତିକି ନୁହେଁ; ୧୯୬୦-୭୦ରେ ସବୁଠୁ ଅଧିକ ଫିଲ୍ମ ସାଇନ୍ କରିଥିବା ଅଭିନେତା ପାଲଟିଲେ । ଏହି ସମୟରେ ସେ 'ହି ମ୍ୟାନ୍' ଭାବେ ଲୋକପ୍ରିୟ ହେଲେ ।



## ବିବାହ ପରେ ଅଭିନୟ

ଧର୍ମେନ୍ଦ୍ରଙ୍କ ପ୍ରଥମ ବିବାହ ପରେ ଫିଲ୍ମ କ୍ୟାରିୟର କରିବା ପାଇଁ ମୁମ୍ବାଇ ଆସିଲେ । ସେ ଫିଲ୍ମଫେୟାର୍ ମାଗାଜିନ୍‌ର 'ନ୍ୟୁ ଟ୍ୟାଲେଣ୍ଟ ଆୱାର୍ଡ' ଜିତି ମୁମ୍ବାଇ ଆସିଥିଲେ । ୧୯୬୦ ମସିହାରେ ସେ 'ଦିଲ୍ ଭି ତେରା ହମ୍ ଭି ତେରେ' ସିନେମାରୁ ଅଭିନୟ ଯାତ୍ରା ଆରମ୍ଭ କରିଥିଲେ । ଏହି ସିନେମା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ତାଙ୍କ ପ୍ରଥମ ସିନେମା ଫ୍ଲପ୍ ହୋଇଥିଲା; ହେଲେ ତାଙ୍କ କ୍ୟାରିୟରର ରାସ୍ତା ଖୋଲି ଯାଇଥିଲା । ଏହାପରେ ସେ ୧୯୬୧ ମସିହାରେ ଲଗାତାର ଅନେକ ହିଟ୍ ସିନେମା ଭେଟି ଦେଲେ । 'ସୋଲା ଔର୍ ଶବ୍‌ନମ୍', 'ଅନ୍‌ପଢ଼', 'ବନ୍ଦିନୀ', 'ଶୋଲେ', 'ସୀତା ଔର୍ ଗୀତା', 'ଧରମ୍ ବୀର୍', 'ୟାଦୋଁ କି ବାରାତ୍', 'ଚରସ୍', 'ଚୁପ୍‌କେ ଚୁପ୍‌କେ' ଭଳି ସିନେମାରେ ଦର୍ଶକଙ୍କ ମନ ଜିଣିଛନ୍ତି । ସେ କେବଳ ଅଭିନେତା ଭାବେ ନୁହେଁ; ପ୍ରଯୋଜକ ଭାବେ ବି କାମ କରି ସଫଳତା ଅର୍ଜନ କରିଛନ୍ତି ।



## ଅଭୁଲା ସଂଳାପ

'ବସନ୍ତୀ ଇନ୍ କୁତୋ କେ ସାମ୍ନେ ମତ୍ ନାଚ୍' (ଶୋଲେ)

'ଉମା ଜି! ସାୟଦ୍ ଆପ୍ କଭି ଖୁଦ୍ କୋ ହସ୍‌ତେ ହୁଏ ନହିଁ ଦେଖା, କଭି ଚୁପ୍‌କେ ସେ ଆଇନେ କେ ସାମ୍‌ନେ ଜା କର୍ ଦେଖିଏ, ଔର୍ ଦେଖିଏ, ୟେ ହସି କିତ୍‌ନେ ଖୁବ୍ ସୁରତ୍ ହୈ ।' (ଅନୁପମା)

'କୁତେ କମିନୋ, ମେଁ ତେରା ଖୁନ୍ ପି ଯାଉଁଙ୍ଗା' (ୟାଦୋଁ କେ ବାରାତ୍)

ହ୍ୱେନ୍ ଆଇ ଡେଡ୍, ପୁଲିସ୍ କମିଂ...ପୁଲିସ୍ କମିଂ, ବୁଢ଼ିଆ ଗୋଇଙ୍ଗ ଜେଲ୍...ଇନ୍ ଜେଲ୍ ବୁଢ଼ିଆ ଚକି ପିସିଂ ଆଣ୍ଡ ପିସିଂ, ଆଣ୍ଡ ପିସିଂ, ଆଣ୍ଡ ପିସିଂ ।' (ଶୋଲେ)

'ମର୍ଦ୍ଦ କା ଖୁନ୍ ଔର୍ ଔରତ୍ କା ଆଁସୁ ଜବ୍ ତକ୍ ନ ବହେ... ଉନ୍ କି କିମତ୍ ନହିଁ ଲଗାୟୀ ଜା ସକ୍‌ତି ।' (ଧରମ୍ ବୀର୍)

'କିସି ଭି ଭାଷା କା ମଜାକ୍ ଉଡ଼ାନା ଘଟିୟାପନ୍ ହୈ, ଔର୍ ମେଁ ୱହି କର୍ ରହା ହୁଁ ।' (ଚୁପ୍‌କେ ଚୁପ୍‌କେ)

## ଶ୍ରେଷ୍ଠ ସିନେମା

- ବନ୍ଦିନୀ (୧୯୬୩)
- ହକିକତ୍(୧୯୬୪)
- ଅନୁପମା (୧୯୬୬)
- ଫୁଲ୍ ଔର୍ ପଥର୍ (୧୯୬୬)
- ଆଖେଁ (୧୯୬୮)
- ସତ୍ୟକାମ୍ (୧୯୬୯)
- ଜୀବନ୍ ମୃତ୍ୟୁ (୧୯୭୦)
- ମେରା ଗାଓଁ ମେରା ଦେଶ୍(୧୯୭୧)
- ଗୁଡ୍ଡି (୧୯୭୧)
- ଶୋଲେ (୧୯୭୫)
- ଚୁପ୍‌କେ ଚୁପ୍‌କେ (୧୯୭୫)
- ଡ୍ରିମ୍‌ଗର୍ଲ (୧୯୭୭)
- ଧରମ୍ ବୀର୍ (୧୯୭୭)
- ୟମ୍‌ଲା, ପଗ୍‌ଲା, ଦିୱାନା (୨୦୧୧)

## ଶେଷ ଇନ୍‌ଷ୍ଟା ପୋଷ୍ଟ

ଅକ୍ଟୋବର ୨ ତାରିଖରେ ଧର୍ମେନ୍ଦ୍ର ଇନଷ୍ଟାଗ୍ରାମ୍‌ରେ ଶେଷ ପୋଷ୍ଟ କରିଥିଲେ । ସେ ତାଙ୍କ ଆକାଉଣ୍ଟ @ଆପ୍‌କା ଧରମ୍‌ରେ ଏକ ଭିଡିଓ ବାର୍ତ୍ତା ସେୟାର୍ କରିଥିଲେ । ସେ ଏକ କାର୍ ଉପରେ ବସି ହାତରେ ଗାଡ଼ିର ଷ୍ଟିୟରିଂ ଧରିଥିବା ଏହି ଭିଡିଓରେ ଦେଖିବାକୁ ମିଳିଥିଲା । ନିଜ ଷ୍ଟାଇଲ୍ ଓ ଅନ୍ଦାଜ୍‌ରେ ସେ ନିଜ ପ୍ରଶଂସକଙ୍କୁ ପବିତ୍ର ଦଶହରାର ଶୁଭେଚ୍ଛା ଜଣାଇଥିଲେ ।

# ରାଜଧାନୀରେ ଗର୍ଜିଲେ ଅଙ୍ଗନୱାଡି କର୍ମୀ

## କର୍ମୀଙ୍କୁ ୧୮ ହଜାର ଟଙ୍କା ଓ ସହାୟିକାଙ୍କୁ ୯ ହଜାର ଦରମା ଦାବି

ଭୁବନେଶ୍ୱର, ୨୪।୧୧(ସମିସ): ଅଙ୍ଗନବାଡି କର୍ମୀମାନେ ୧୧ ଦଫା ଦାବି ନେଇ ବିଧାନସଭା ସମ୍ମୁଖରେ ସୋମବାର କରିଛନ୍ତି ବିରାଟ ଆନ୍ଦୋଳନ। ହଜାର ହଜାର କର୍ମୀ ଏକାଠି ହୋଇ ନିର୍ବାଚନ ପୂର୍ବରୁ ବିଜେପି ବିଧାୟକ ଓ ନେତାମାନେ ଦେଇଥିବା ପ୍ରତିଶ୍ରୁତିକୁ ମନେ ପକାଇଛନ୍ତି। ଦେଢ଼ ବର୍ଷ ପରେ ମଧ୍ୟ ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ସରକାରଙ୍କୁ ଚରମବାଣୀ ଶୁଣାଇଛନ୍ତି। ଏବେ ଦାବି ପୂରଣ କର, ନହେଲେ ଆଗକୁ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଚେତାବନୀ ଦେଇଛନ୍ତି। ଅଙ୍ଗନବାଡି କର୍ମୀଙ୍କ ଦରମା ୧୮ ହଜାର ଏବଂ ସହକର୍ମୀଙ୍କ ଦରମା ୯ ହଜାର କରିବା ପାଇଁ ସଂଘ ଦାବି କରିଛି। ଏହାସହ ସରକାରୀ ମାନ୍ୟତା ପ୍ରଦାନ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ୫ ହଜାର ଏବଂ ସହକର୍ମୀଙ୍କୁ ୩ ହଜାର ପେନସନ, ପଦୋନ୍ନତି, ମୃତ୍ୟୁକାଳୀନ ସହାୟତା, ଅବସର ସମୟରେ କର୍ମୀଙ୍କୁ ୧୦ ଲକ୍ଷ ଓ ସହକର୍ମୀଙ୍କୁ ୫ ଲକ୍ଷ ପ୍ରଦାନ ପରି ୧୧ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ବିଧାନସଭାରେ ଅଧିବେସନରେ ସେମାନଙ୍କ ଦାବି ପୂରଣ ପାଇଁ ସରକାର ଘୋଷଣା ନ କଲେ ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବ ବୋଲି ସଂଘର ସଭାନେତ୍ରୀ ସୁମିତ୍ରା ମହାପାତ୍ର ଓ ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ କହିଛନ୍ତି।



# +୨ ପରୀକ୍ଷା ଦେବେ ୪ ଲକ୍ଷ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୪।୧୧(ସମିସ): ଫେବୃଆରୀ ତୃତୀୟ ସପ୍ତାହଠାରୁ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ପ୍ରାୟ ୪ ଲକ୍ଷ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି। କଳା ବର୍ଗରେ ସର୍ବାଧିକ ୨ଲକ୍ଷ ୫୪ହଜାର ୩୨୬ଜଣ ଫର୍ମ ପୂରଣ କରିଥିବା ବେଳେ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର, ବାଣିଜ୍ୟରେ ୨୪ ହଜାର ୩୬୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୮୮୭ଜଣ ପିଲା ରହିଛନ୍ତି। ତନ୍ମଧ୍ୟରେ ୩ ଲକ୍ଷ ୭୩ ହଜାର ୯୧୦ ରେଗୁଲାର୍ ଏବଂ ୨୪ ହଜାର ୬୭୨ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀ ରହିଛନ୍ତି।

ପରୀକ୍ଷା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ପ୍ରସ୍ତୁତି ପ୍ରାୟ ଚୂଡ଼ାନ୍ତ ପ୍ରକ୍ରିୟାରେ ପହଞ୍ଚିଛି। ଫର୍ମ ପୂରଣ ପ୍ରକ୍ରିୟା ସରିଥିବା ବେଳେ ଡିସେମ୍ବର ୨୨ତାରିଖରୁ ଇଣ୍ଟରନାଲ୍ ପରୀକ୍ଷା ଆରମ୍ଭ ହେବ। ବାର୍ଷିକ ପରୀକ୍ଷା ପାଇଁ ଫେବୃଆରୀ ୧୪ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ୧୫ରୁ ୨୫ତାରିଖ ମଧ୍ୟରେ ପରୀକ୍ଷା ଆରମ୍ଭ ହେବ। ଏହା ପୂର୍ବରୁ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ସିଏଚ୍‌ଏସ୍‌ଇ ବ୍ୟାପକ ପ୍ରସ୍ତୁତି ଜାରି ରଖିଛି। ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଷ୍ଟ୍ରଙ୍ଗରୁମ୍ ସମେତ ପରୀକ୍ଷା ହଲ୍, ଲାବରୋଟାରୀ ଓ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବାକୁ ସିଏଚ୍‌ଏସ୍‌ଇ ଗୁରୁତ୍ୱ ଦେଇଛି। ବିଶେଷକରି ପ୍ରଥମଥର ପାଇଁ ସେଣ୍ଟର୍ ହେଉଥିବା ଶିକ୍ଷାନୁଷ୍ଠାନରେ ସିସିଟିଭି ସୁନିଶ୍ଚିତ କରିବାକୁ କୁହାଯାଇଛି। ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାକୁ ଯାଞ୍ଚ କରି ତାରିଖ ଓ ସମୟ ଠିକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଗୁଡ଼ିକର ଆଇଡି ଓ ପାସୱାର୍ଡ ମଧ୍ୟ ଆସନ୍ତା ୨୯ ତାରିଖ ସୁଦ୍ଧା ସିଏଚ୍‌ଏସ୍‌ଇକୁ ପ୍ରଦାନ କରିବେ। ଫଳରେ କୃତ୍ରିମ ବୁଦ୍ଧିମତା (ଏଆଇ) ଉପଯୋଗ କରି ପରୀକ୍ଷା ସମୟର ସିଧା ପ୍ରସାରଣ ଦେଖିବା ସହ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରୁ ନିୟନ୍ତ୍ରଣ କରାଯାଇ ପାରିବ। କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ, ସିଧାସଳଖ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ।

# ସୀମାନ୍ତରେ ୧୫ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୪।୧୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ଆଜି ୧୫ ଦୁର୍ଦ୍ଦାନ୍ତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆଜି ସୁକୁମା ପୁଲିସ ନିକଟରେ ଏହି ମାଓବାଦୀମାନେ ସଙ୍ଗଠନ ଛାଡ଼ି ଆତ୍ମସମର୍ପଣ କରିଛନ୍ତି। ସୁକମା ପୁଲିସ ଅଧୀକ୍ଷକ କିରଣ ଚୌହାନ ଏହି ସୂଚନା ଦେଇଛନ୍ତି। ଦିନକୁ ଦିନ ମାଓ ସଙ୍ଗଠନ ଭୁଶୁଡ଼ିବାରେ ଲାଗିଥିବା ବେଳେ ଅନେକ ମାଓବାଦୀ କ୍ରମାଗତ ଭାବେ ଆତ୍ମସମର୍ପଣ କରିବାରେ ଲାଗିଛନ୍ତି। ଏହି କ୍ରମରେ ଆଜି ମାଓ ସଙ୍ଗଠନର ପିଏଲ୍‌ଜିଏ ବାଟାଲିୟନ ନମ୍ବର ୧ର ସକ୍ରିୟ ୪ ହାର୍ଡକୋର୍ ମାଓବାଦୀ ସହ ମୋଟ ୧୫ଜଣ ମାଓବାଦୀ ସୁକୁମା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ୪ଜଣ ପିପିସିଏମ୍ କ୍ୟାଡର୍, ଦୁଇଜଣ ଏସିଏମ୍ କ୍ୟାଡର୍, ତିନିଜଣ ଦଳୀୟ ସଦସ୍ୟ ଏବଂ ୮ ଜଣ ମାଓ ସଦସ୍ୟ ଅଛନ୍ତି। ଏଥିରେ ପାଞ୍ଚଜଣ ମହିଳା ଏବଂ ଦଶ ଜଣ ପୁରୁଷ ମାଓବାଦୀ ରହିଥିବା ବେଳେ ଆତ୍ମସମର୍ପଣକାରୀ ମାଓବାଦୀଙ୍କ ପାଇଁ ୪୮ ଲକ୍ଷ ଟଙ୍କା ଇନାମ ଘୋଷଣା କରାଯାଇଥିଲା। ଏହି ଆତ୍ମସମର୍ପଣକାରୀଙ୍କୁ ସରକାରୀ ନୀତି ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ପୁଣି ଶାନ୍ତି ପ୍ରସ୍ତାବ ଦେଲା ମାଓ ସଂଗଠନ

ମାଲକାନଗିରି,୨୪।୧୧(ସମିସ): ଶେଷ ନିଶ୍ୱାସ ନେଉଥିବା ମାଓ ସଂଗଠନ ପୁଣିଥରେ ଶାନ୍ତି ବାର୍ତ୍ତା ପ୍ରସ୍ତାବ ଦେଇଛି। ବର୍ତ୍ତମାନ ମାଓ ସଙ୍ଗଠନ ସିଧାସଳଖ ଆତ୍ମସମର୍ପଣ କରିବାକୁ ସ୍ୱୀକାର କରିବା ସହ ଏଥିପାଇଁ ସମୟ ମାଗିଛନ୍ତି। ମାଓ ସଂଗଠନର ଏମ୍‌ଏମ୍‌ସି ଦଳ ପକ୍ଷରୁ ଏନେଇ ଏକ ଅଡିଓ-ଟେପ୍ ଜାରି କରାଯାଇ ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଛତିଶଗଡ଼ ସରକାରଙ୍କୁ ଏହି ଅନୁରୋଧ କରିଛନ୍ତି।

**ଆତ୍ମସମର୍ପଣ ପାଇଁ ଫେବ୍ରୁଆରୀ ଯାଏଁ ସମୟ ମାଗିଲା**

ସଙ୍ଗଠନର ମାଓନେତା ଅନନ୍ତ ଏକ ଅଡିଓ ଜାରି କରି କହିଛନ୍ତି ଯେ ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓମୁକ୍ତ ପାଇଁ ଯେଉଁ ଟାର୍ଗେଟ୍ ନେଇଛନ୍ତି ସେଥିରେ ଆମେ ସହଯୋଗ କରିବୁ। ଆମେ ଅସ୍ତ୍ରଶସ୍ତ୍ର ତ୍ୟାଗ କରିବା ପାଇଁ ମାଓ ସଙ୍ଗଠନର ନେତୃତ୍ୱ ନେଉଥିବା ଅନେକ ମାଓନେତା ବର୍ତ୍ତମାନ ନିଷ୍ପତ୍ତି ନେଇଛୁ। ତେବେ ଏଥିପାଇଁ ଆମକୁ କିଛି ସମୟ ଦରକାର। ଆସନ୍ତା ୨୦୨୬ ମସିହା ଫେବ୍ରୁଆରୀ ମଧ୍ୟରେ ଆମେ ସରକାରଙ୍କ ଆତ୍ମସମର୍ପଣ ନୀତି ଅନୁଯାୟୀ ମୁଖ୍ୟସ୍ରୋତରେ ସାମିଲ ହେବୁ। ଏହି ସମୟ ଆମକୁ କେବଳ ଆମ ସଦସ୍ୟମାନଙ୍କୁ ଯୋଗାଯୋଗ କରି ଏକତ୍ରିତ କରିବା ପାଇଁ ଦରକାର। ଏହା ମଧ୍ୟରେ ସରକାର ମଧ୍ୟ ଆମକୁ ସହଯୋଗ କରି କୌଣସି ମାଓ ଦମନ ଅପରେସନ୍ ନ କରିବା ପାଇଁ ସେ ନିବେଦନ କରିଛନ୍ତି। ଏହାସହ ସେ ଆହୁରି ମଧ୍ୟ କହିଛନ୍ତି ଯେ ଚଳିତବର୍ଷ ଆମେ ପିଏଲଜିଏ ସପ୍ତାହ ମଧ୍ୟ ପାଳନ କରିବୁ ନାହିଁ। ସରକାର ଆମକୁ ଏହି ସହଯୋଗ କରନ୍ତୁ, ଉଭୟ ପକ୍ଷରୁ ପଦକ୍ଷେପ ନେଲେ, ଏକ ଉତ୍ତମ ପରିବେଶ ମାଧ୍ୟରେ ସମସ୍ତେ ସାଧାରଣ ସ୍ରୋତରେ ସାମିଲ ହେବେ। ଏହାକୁ ନେଇ ଆମେ ସରକାରଙ୍କ ପ୍ରତିକ୍ରିୟାକୁ ମଧ୍ୟ ଅପେକ୍ଷା କରିବୁ। ଏହି ଅଡିଓ ବାର୍ତ୍ତାକୁ ରେଡିଓ ଓ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ କରିବା ପାଇଁ ସେ ଅନୁରୋଧ କରିଛନ୍ତି।

### ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲା

# ଶଙ୍କର ପୃଷ୍ଟି ସମେତ ୧୨ ଅଭିଯୁକ୍ତଙ୍କୁ ଝାରପଡ଼ା ଜେଲ୍ ସ୍ଥାନାନ୍ତର

ବ୍ରହ୍ମପୁର, ୨୪।୧୧ (ସମିସ): ପୁଲିସ ଏସ୍‌ଆଇ ଚାକିରି କେଲେଙ୍କାରୀ ମାମଲାରେ ବ୍ରହ୍ମପର ଜେଲ୍‌ରେ ଥିବା ୧୨ଅଭିଯୁକ୍ତଙ୍କୁ ଆଜି ରାତିରେ ଭୁବନେଶ୍ୱର ଝାରପଡ଼ା ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ, ମାଷ୍ଟରମାଇଣ୍ଡ ତଥା ପଞ୍ଚସଫ୍ଟ ଟେକ୍ନୋଲୋଜିସ ପ୍ରାଇଭେଟ ଲିମିଟେଡର ମାଲିକ ଗଞ୍ଜାମ ଜିଲ୍ଲା ବ୍ରାହ୍ମଣଛାଇ ଗ୍ରାମର ଶଙ୍କର ପୃଷ୍ଟି ସମେତ ସିଲିକନ ଟେକ୍ କମ୍ପାନୀର ମାଲିକ ସୁରେଶ ଚନ୍ଦ୍ର ନାୟକ, ମୁଖ୍ୟ ଦଲାଲ ଅରବିନ୍ଦ ଦାସ ଓ ମୁନା ମହାନ୍ତି, ବିଶ୍ୱରଞ୍ଜନ ବେହେରା, ଶ୍ରୀକାନ୍ତ ମହାରଣା, ଏ. ଅଭିମନ୍ୟୁ ଦୋରା, ପ୍ରିୟଦର୍ଶିନୀ ସାମଲ, ସାଗର କୁମାର ଗୌଡ଼, ଲୋକନାଥ ସାହୁ, ବିଶ୍ୱଜିତ ହରିଚନ୍ଦନ ଓ ତଫିମ ଅହମ୍ମଦ ଖାନ।

ସିବିଆଇର ତଦନ୍ତକାରୀ ଅଧିକାରୀ ତଥା ଅତିରିକ୍ତ ଏସପି ବୈଦ୍ୟନାଥ ସାମଲ ଓ ସିବିଆଇ ଓକିଲ ଏ. କୁମାରଙ୍କ ସମେତ ୪ଜଣ ଅଧିକାରୀ ସୋମବାର ଅପରାହ୍ଣରେ ବ୍ରହ୍ମପୁରସ୍ଥିତ ଜିଲ୍ଲା କୋର୍ଟ ପରିସରରେ ପିପି ବିଶ୍ୱଜିତ ବରାଳଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ପରେ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମଙ୍କ ସହ ମଧ୍ୟ ମାମଲା ସମ୍ପର୍କରେ ପୃଥକ ଭାବେ ଆଲୋଚନା କରିଥିଲେ। ସିବିଆଇକୁ ତଦନ୍ତରେ ପୁଲିସ ସମସ୍ତ ସହଯୋଗ କରିବ ବୋଲି ଏସପି ପ୍ରତିଶ୍ରୁତି ଦେଇଥିଲେ। ପରେ ବିଳମ୍ବିତ ରାତିରେ ସମସ୍ତ ୧୨ଜଣ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାର କରାଯାଇ ଭୁବନେଶ୍ୱର ଅଭିମୁଖେ କଡ଼ା ସୁରକ୍ଷା ମଧ୍ୟରେ ନିଆଯାଇଥିଲା।

ମାମଲାର ତଦନ୍ତଭାର ସିବିଆଇକୁ ହସ୍ତାନ୍ତର ପରେ ସମସ୍ତ ନଥିପତ୍ର ସହ ମାମଲାକୁ ସିବିଆଇ ଅଦାଲତକୁ ସ୍ଥାନାନ୍ତର କରିବାକୁ ଜେଏମ୍‌ଏଫ୍‌ସି କୋର୍ଟରେ ସିବିଆଇ ପକ୍ଷରୁ ଆବେଦନ କରାଯାଇଥିଲା। ସେହିପରି ମଣ୍ଡଳ କାରାଗାରରେ ଥିବା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ସମେତ ସମସ୍ତ ୧୨ଜଣ ଅଭିଯୁକ୍ତଙ୍କୁ ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲକୁ ସ୍ଥାନାନ୍ତର ପାଇଁ ମଧ୍ୟ ନିବେଦନ କରିଥିଲା ସିବିଆଇ।

ପୂର୍ବରୁ ମାମଲାରେ ଗିରଫ ହୋଇ ମଣ୍ଡଳ କାରାଗାରରେ ଥିବା ୧୧୪ଜଣ ଏସଆଇ ଚାକିରି ଆଶୟୀଙ୍କୁ କୋର୍ଟରୁ ଜାମିନ ମିଳିବା ପରେ ସେମାନେ ମୁକୁଳିଥିଲେ। ଏପଟେ ସିବିଆଇ ମାମଲାର ତଦନ୍ତ ଜାରି ରଖିଥିବାରୁ ବ୍ରହ୍ମପୁର ଗୋଳନ୍ଥରା ଥାନା ଅଧିକାରୀ ତଥା ଡିଏସପି ବିବେକାନନ୍ଦ ସ୍ୱାଇଁ ଏବଂ କ୍ରାଇମବ୍ରାଞ୍ଚ ଡିଏସପି ରତ୍ନପ୍ରଭା ସ୍ୱାଇଁଙ୍କଠାରୁ ମାମଲା ସମ୍ପର୍କିତ କାଗଜପତ୍ର ହାସଲ କରିଛି ସିବିଆଇ।

ଉଲ୍ଲେଖଯୋଗ୍ୟ, ଗତ ସେପ୍ଟମ୍ବର ୨୯ ତାରିଖରେ ୩ଜଣ ଦଲାଲ ଓ ୧୧୪ଜଣ ଚାକିରି ଆଶୟୀଙ୍କୁ ବ୍ରହ୍ମପୁର ପୁଲିସ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଅଞ୍ଚଳରୁ କାବୁ କରିବା ପରେ ଏହି ଜାଲିଆତିର ପର୍ଦ୍ଦାଫାସ ହୋଇଥିଲା। ଏନେଇ ପ୍ରଥମେ ଗୋଳନ୍ଥରା ଥାନାରେ ପୁଲିସ ଏକ ମାମଲା ରୁଜୁ କରିଥିଲା।

# ଛାତରୁ ଖସି ଦୁଇ ଓଡ଼ିଆ ଦାଦନଙ୍କ ମୃତ୍ୟୁ

ସୋର, ୨୪।୧୧ (ସମିସ): ପୁଣି ଦାଦନ ଦୁଃଖ। ଚେନ୍ନାଇରେ ଦାଦନ ଖଟୁଥିବା ବାଲେଶ୍ୱର ଜିଲ୍ଲା ସୋର ଥାନା ଦାଣ୍ଡହରିପୁର ଗ୍ରାମର ଦୁଇ ଶ୍ରମିକ ଛାତରୁ ପଡ଼ି ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଦାଣ୍ଡହରିପୁର ଗ୍ରାମର ଶଶିକାନ୍ତ ମଳିକ (୪୫), ବୀରେନ୍ଦ୍ର ମଳିକ (୩୫)। ଏହି ଦୁର୍ଘଟଣାରୁ ସେମାନଙ୍କ ସାଥୀ ଅରୁଣ ମଳିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ଶଶିକାନ୍ତ, ବୀରେନ୍ଦ୍ର ଓ ଅରୁଣ ଚେନ୍ନାଇର ଏକ ସ୍କ୍ରାପ୍ କମ୍ପାନୀରେ କାମ କରନ୍ତି। ଗତ ଶନିବାର ୩ଜଣ ଯାକ ଏକ ବିଲଡିଂ ଉପରେ ଚଢ଼ି କାନ୍ଥ ଭାଙ୍ଗୁଥିବା ବେଳେ ଶଶିକାନ୍ତ ଏବଂ ବୀରେନ୍ଦ୍ର ଅସାବଧାନତା ବଶତଃ ତିନି ମହଲାରୁ ତଳକୁ ଖସି ପଡ଼ିଥିଲେ। ତେବେ ସୌଭାଗ୍ୟବଶତଃ ଅରୁଣ ଏକ ରଡ୍‌କୁ ଧରି ଝୁଲି ରହି ନିଜ ଜୀବନ ବଞ୍ଚାଇଥିଲେ। ସାଥୀ ଶ୍ରମିକମାନେ ଦୁହିଁଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏହି ଖବର ମିଳିବା ପରେ ଦୁହିଁଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଥିଲା। ଖବର ପାଇ ଉଭୟଙ୍କ ପରିବାରଲୋକେ ଚେନ୍ନାଇରେ ପହଞ୍ଚିଥିଲେ। ବ୍ୟବଚ୍ଛେଦ ପରେ ଦୁହିଁଙ୍କ ଶବକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୋମବାର ଅପରାହ୍ଣରେ ଉଭୟଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ଉଭୟଙ୍କ ମରଶରୀରକୁ ଦୁଇଟି ସ୍ୱର୍ଗରଥରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ସମୟରେ ସରପଞ୍ଚ ମୋନିକା ପରିଡ଼ା, ସମିତି ସଭ୍ୟା ସାଇସ୍ମିତା ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ପରିକ୍ରମା କରିବା ପରେ ଉଭୟଙ୍କ ଶବକୁ ଅନ୍ତିମ ସଂସ୍କାର କରାଯାଇଛି।

# କାର୍ଯ୍ୟରେ ଯୋଗଦେଲେ ପିସିସି ସହପ୍ରଭାରୀ କୁସୁମ କୁମାର

ଭୁବନେଶ୍ୱର, ୨୪।୧୧ (ସମିସ): ଦିନେ ଓଡ଼ିଶା କଂଗ୍ରେସର ଗଡ଼ ଥିଲା। ଏବେ ୨୫ ବର୍ଷ ହେବ ରାଜ୍ୟରେ କଂଗ୍ରେସ ସରକାର ନାହିଁ। କିନ୍ତୁ ୨୦୨୯ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ କେଉଁଭଳି ଭଲ ପ୍ରଦର୍ଶନ କରି ସରକାରକୁ ଆସିବ, ସେ ଦିଗରେ

**‘ଦଳକୁ ଦୁର୍ବଳ ନୁହେଁ; ମଜଭୁତ କରିବାକୁ ନେତା ଗୋଷ୍ଠୀ କରନ୍ତୁ’**

ଆମେ କାର୍ଯ୍ୟ ଆରମ୍ଭ କରିବୁ ବୋଲି କଂଗ୍ରେସର ନବନିଯୁକ୍ତ ସହପ୍ରଭାରୀ ତଥା ଏଆଇସିସି ସମ୍ପାଦକ ଜେଟି କୁସୁମ କୁମାର କହିଛନ୍ତି। ସେ କହିଛନ୍ତି, ସବୁ ନେତାଙ୍କୁ ଏକାଠି କରି ଓଡ଼ିଶା କଂଗ୍ରେସକୁ ଆଗକୁ ନେବାକୁ ଆମେ ଯୋଜନା କରିଛୁ। ମୁଁ ସଂପୂର୍ଣ୍ଣ ଓଡ଼ିଶା ବୁଲି କେଉଁଭଳି କଂଗ୍ରେସ ଦଳକୁ ମଜବୁତ୍ କରାଯିବ, କାର୍ଯ୍ୟ କରିବି। ଦୁର୍ବଳ କରିବାକୁ ନୁହେଁ, ଦଳକୁ ମଜଭୁତ୍ କରିବାକୁ କଂଗ୍ରେସ ନେତା ଓ କର୍ମୀ ଗୋଷ୍ଠୀ କରନ୍ତୁ ବୋଲି ସେ କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ୧୫ତମ ପାଳି ଅଭିଯୋଗ ଶୁଣାଣି

# ମୁଖ୍ୟମନ୍ତ୍ରୀଙ୍କ ସହ ୮ ମନ୍ତ୍ରୀ ଶୁଣିଲେ ଅଭିଯୋଗ

ଭୁବନେଶ୍ୱର, ୨୪।୧୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୧୫ତମ ପାଳିରେ ଲୋକଙ୍କର ବିଭିନ୍ନ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ୮ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଭୁବନେଶ୍ୱର ୟୁନିଟ୍-୨ରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୪ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୨,୯୫୦ଟି ଅଭିଯୋଗ ମଧ୍ୟରୁ ୧୨,୩୭୧ଟି ଅର୍ଥାତ୍ ୯୬% ଅଭିଯୋଗର ସମାଧାନ କରାଯାଇଛି। ବାକି ୫୭୯ଟି ଅଭିଯୋଗ ପ୍ରକ୍ରିୟା ମଧ୍ୟରେ ରହିଛି।

ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ସକାଳେ ଆସି ବାହାରେ ଅପେକ୍ଷା କରିଥିବା ୩୪ଜଣ ଭିନ୍ନକ୍ଷମ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀମାନଙ୍କ ଅଭିଯୋଗ ଶୁଣିଥିଲେ।

ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ଏବଂ ସହାୟତା ପ୍ରଦାନ କରିବା ପାଇଁ ଆମେ ବଦ୍ଧପରିକର। ଜିଲ୍ଲାସ୍ତରରେ ଆସୁଥିବା ଅଭିଯୋଗଗୁଡ଼ିକୁ ସେଠାରେ ସମାଧାନ କରିବା ପାଇଁ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ଗତ ଜିଲ୍ଲାପାଳ ଓ ଏସପି ସମ୍ମିଳନୀରେ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଅଧିକାଂଶ ସମସ୍ୟାଗୁଡ଼ିକ ସ୍ଥାନୀୟ ପ୍ରଶାସନ ଦ୍ୱାରା ସମାଧାନ ହୋଇପାରିବ। ଲୋକମାନଙ୍କୁ ସେମାନଙ୍କର ସମସ୍ୟା ନେଇ ଭୁବନେଶ୍ୱର ଆସିବାକୁ ପଡ଼ିବ ନାହିଁ।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ଡ. ମୁକେଶ ମହାଲିଙ୍ଗ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଭୂତି ଭୂଷଣ ଜେନା, ପ୍ରଦୀପ ବଳସାମନ୍ତ, ଗଣେଶରାମ ସିଂହଖୁଣ୍ଟିଆ ଓ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

### ବିଧାୟକଙ୍କ ସୁପାରିସରେ ଶିକ୍ଷକ ବଦଳି ପ୍ରସଙ୍ଗ

# ହାଇକୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ, ୨୪।୧୧ (ସମିସ): ବିଧାୟକ ଓ ସାଂସଦମାନେ ନିଜ ନିର୍ବାଚନମଣ୍ଡଳୀର ୧୫ ଯୋଗ୍ୟ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ୍ କରିବା ନେଇ ରାଜ୍ୟ ସରକାର ଗ୍ରହଣ କରିଥିବା ନୀତିଗତ ନିଷ୍ପତ୍ତିକୁ ଚାଲେଞ୍ଜ କରି ଦାୟର ମାମଲାଗୁଡ଼ିକର ଶୁଣାଣି ଆଜି ହାଇକୋର୍ଟରେ ଶେଷ ହୋଇଛି। ଜଷ୍ଟିସ୍ ଦୀକ୍ଷିତ କୃଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ସଂକ୍ରାନ୍ତୀୟ ୩୦ରୁ ଅଧିକ ମାମଲାର ଏକତ୍ର ପୂର୍ଣ୍ଣାଙ୍ଗ ଶୁଣାଣି କରାଯାଇଥିଲା। ଆବେଦନକାରୀ, ରାଜ୍ୟ ସରକାର ଏବଂ ଅନ୍ୟ ପ୍ରତିପକ୍ଷଙ୍କ ତରଫରୁ ଚୂଡ଼ାନ୍ତ ପର୍ଯ୍ୟାୟ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଓ ଦେଶର ଅନ୍ୟ ହାଇକୋର୍ଟମାନଙ୍କ ରାୟର ନଜିର ମଧ୍ୟ ଖଣ୍ଡପୀଠ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ହାଇକୋର୍ଟ ମାମଲାଗୁଡ଼ିକର ରାୟ ସଂରକ୍ଷିତ ରଖିଛନ୍ତି। ତେବେ ମାମଲାର ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ ପୂର୍ବରୁ ଜାରି କରାଯାଇଥିବା ଅନ୍ତରୀଣ ରହିତାଦେଶ ବଳବତ୍ତର ରହିବ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

**୩୦ରୁ ଅଧିକ ମାମଲାର ଚୂଡ଼ାନ୍ତ ଯୁକ୍ତି ଉପସ୍ଥାପନ; ଅନ୍ତରୀଣ ରହିତାଦେଶ ବଳବତ୍ତର**

ସୂଚନାଯୋଗ୍ୟ, କେତେକ ଜିଲ୍ଲାରେ ବିଧାୟକଙ୍କ ସୁପାରିସ ଆଧାରରେ ଜାରି କରାଯାଇଥିବା ବଦଳି ନିର୍ଦ୍ଦେଶକୁ ଚାଲେଞ୍ଜ କରି ଶିକ୍ଷକ ଶିକ୍ଷୟିତ୍ରୀମାନେ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୧୨, ମେ’ ୧୫ରେ ପ୍ରକାଶିତ ବଦଳି ଗାଇଡ୍‌ଲାଇନ୍ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି ଏହି ବଦଳି ଆଦେଶ ଜାରି କରାଯାଇଛି। ପୂର୍ବରୁ ହାଇକୋର୍ଟ ମାମଲାଗୁଡ଼ିକର ପ୍ରାରମ୍ଭିକ ଶୁଣାଣି କରି ବଦଳି ଆଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ଆବେଦନକାରୀମାନେ ସମାନ ପଦବୀରେ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିବେ ବୋଲି କହିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ଓ ଡ. ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଥିବା ବେଳେ ପ୍ରତିପକ୍ଷଙ୍କ ତରଫରୁ ଆଇନଜୀବୀ କ୍ଷୀରୋଦ କୁମାର ରାଉତ ଯୁକ୍ତି ଉପସ୍ଥାପନ କରିଥିଲେ।

### କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର ମୃତ୍ୟୁ ଘଟଣା

# ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ବାର୍ ଆସୋସିଏସନ୍

କଟକ, ୨୪।୧୧ (ସମିସ): ଓଡ଼ିଆ ସଙ୍ଗୀତ ଜଗତର ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଆକସ୍ମିକ ଓ ସନ୍ଦେହଜନକ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଯୁଗ୍ମ ସମ୍ପାଦିକା ତଥା ଆଇନଜୀବୀ ପଦ୍ମାଳୟା ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଜରିଆରେ ଏକ ଚିଠି ଲେଖି ଘଟଣାର ନିରପେକ୍ଷ ଓ ବ୍ୟାପକ ତଦନ୍ତ ପାଇଁ ଦାବି ଉଠାଇଛନ୍ତି।

ମୁଖ୍ୟମନ୍ତ୍ରୀ ଏହା ଉପରେ ତୁରନ୍ତ ହସ୍ତକ୍ଷେପ କରି ତଦନ୍ତ କରିବା ଆବଶ୍ୟକ। ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀ ବା କ୍ରାଇମବ୍ରାଞ୍ଚ କିମ୍ବା ସିଆଇଡିର ତତ୍ତ୍ୱାବଧାନରେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେଉ। ମୃତ୍ୟୁ ସହ ଜଡ଼ିତ ସମସ୍ତ ବ୍ୟକ୍ତି, ପରିବାର ସଦସ୍ୟ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଲୋକଙ୍କୁ ପଚରାଉଚରା କରାଯାଉ। ହ୍ୟୁମାନ୍ ସାଗରଙ୍କ ମୋବାଇଲ୍ ଫୋନ୍ ସହ ସମସ୍ତ ଡିଜିଟାଲ୍ ପ୍ରମାଣ, ସନ୍ଦିଗ୍ଧ ବ୍ୟକ୍ତିଙ୍କ ମୋବାଇଲ୍ ରେକର୍ଡ, ବ୍ୟାଙ୍କ୍ ଆକାଉଣ୍ଟ ଓ ସାମାଜିକ ଗଣମାଧ୍ୟମ ବିଷୟବସ୍ତୁକୁ ସଂରକ୍ଷିତ କରାଯାଇ ବିଶ୍ଳେଷଣ କରାଯାଉ। ନ୍ୟାୟ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥା ଫେରାଇ ଆଣିବା ପାଇଁ ଏକ ସ୍ୱଚ୍ଛ ରିପୋର୍ଟ ସାର୍ବଜନୀନ କରାଯାଉ ବୋଲି ସେ ଚିଠିରେ ଦର୍ଶାଇଛନ୍ତି।

ଅହମୀୟା ଗାୟକ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ଘଟଣାରେ ଆସାମ ସରକାରଙ୍କ ଦ୍ୱାରା ହୋଇଥିବା ତଦନ୍ତକୁ ଉଦାହରଣ ଦେଇ ଓଡ଼ିଶା ସରକାର ଏହି ମାମଲାରେ ଦୃଢ଼ ପଦକ୍ଷେପ ନେବାକୁ ଆଇନଜୀବୀ ପଦ୍ମାଳୟା ଦାବି କରିଛନ୍ତି।

ଏହି ଚିଠିରେ ଦର୍ଶାଯାଇଛି ଯେ ନଭେମ୍ବର ୧୭ ତାରିଖରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ହ୍ୟୁମାନ୍‌ଙ୍କ ମୃତ୍ୟୁ ଘଟିଥିଲା। ନଭେମ୍ବର ୧୪ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନେ ତାଙ୍କର ମଲ୍ଟିଅର୍ଗାନ୍ ଡିସ୍‌ଫଙ୍କସନ୍ ସିଣ୍ଡ୍ରୋମ୍, କ୍ରୋନିକ୍ ଲିଭର୍ ଫେଲିଓର୍ ଏବଂ ଦ୍ୱିପାକ୍ଷିକ ନିମୋନିଆ ଭଳି ଗୁରୁତର ରୋଗ ଚିହ୍ନଟ କରିଥିଲେ। ତେବେ ତାଙ୍କର ହଠାତ୍ ଦେହାନ୍ତ ଓ ମୃତ୍ୟୁ ପଛର ପରିସ୍ଥିତିକୁ ନେଇ ସାଧାରଣରେ ବ୍ୟାପକ ସନ୍ଦେହ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଆଇନଜୀବୀଙ୍କ ଦାବି ଅନୁଯାୟୀ, ଅନେକ ଭିଡିଓ, ଅଡିଓ, ରିପୋର୍ଟ ଏବଂ ବୟାନ ସୋସିଆଲ୍ ମିଡିଆରେ ଘୂରି ବୁଲୁଛି। ଏଥିରେ ଥିବା ତଥ୍ୟରୁ ଜଣାପଡୁଛି ଯେ ଏହା ଏକ ସାଧାରଣ ବା ପ୍ରାକୃତିକ ମୃତ୍ୟୁ ନୁହେଁ। ଏହା ପଛରେ ଅପରାଧିକ ଷଡ଼ଯନ୍ତ୍ର ରହିଛି।

ସେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଚିଠିରେ ଆହୁରି ଉଲ୍ଲେଖ କରିଛନ୍ତି ଯେ ହ୍ୟୁମାନ୍‌ଙ୍କ ଉପରେ କ୍ରମାଗତ ଭାବରେ ହଇରାଣ, ବାଧ୍ୟବାଧକତା ଓ ବାହ୍ୟ ପ୍ରଭାବ ରହି ଥିଲା, ଯାହାକି ତାଙ୍କ ମୃତ୍ୟୁ ସହିତ ସିଧାସଳଖ ସମ୍ପର୍କ ରହିଛି। ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଖରାପ ହେଉଥିଲେ ମଧ୍ୟ ତାଙ୍କ ପରିଚାଳକମାନେ ତାଙ୍କୁ ଦିଲ୍ଲୀକୁ ଏୟାରଲିଫ୍ଟ କରିବାକୁ ମନା କରିଦେଇଥିଲେ ଏବଂ ତାଙ୍କ ମା’ଙ୍କୁ ଅପମାନଜନକ ଭାଷା ବ୍ୟବହାର କରିଥିଲେ। ପରିଚାଳକମାନେ ତାଙ୍କୁ ନିର୍ଯାତନା ଦେଉଥିଲେ ଏବଂ ତାଙ୍କ କଳାକାର ଜୀବନକୁ ନଷ୍ଟ କରିଦେବାକୁ ଚେଷ୍ଟା କରୁଥିଲେ। ସେ ଅସୁସ୍ଥ ଥିବା ସତ୍ତ୍ୱେ ଅଧିକ ଟଙ୍କା ପାଇଁ ତାଙ୍କୁ ଷ୍ଟେଜ୍ ସୋ’ କରିବାକୁ ବାଧ୍ୟ କରାଯାଉଥିଲା। ତାଙ୍କର ୨ପରିଚାଳକ ଏବଂ ଲୁଲୁ ମହାନ୍ତି ନାମକ ଜଣେ ଇଭେଣ୍ଟ ଅର୍ଗାନାଇଜର୍ ହ୍ୟୁମାନ୍ ସାଗରଙ୍କ ପୂର୍ଣ୍ଣ ସମ୍ମତି ବିନା ସମସ୍ତ ଆର୍ଥିକ କାରବାର, ପ୍ରଦର୍ଶନ ସମୟ ଏବଂ ବ୍ୟାଙ୍କ୍ ଆକାଉଣ୍ଟ ପରିଚାଳନା କରୁଥିଲେ। ଅନ୍ୟପଟେ ଡାକ୍ତର ସଞ୍ଜୀବ କୁମାର କର (ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ) ଗତକାଲି ଏକ ସାକ୍ଷାତକାରରେ କହିଛନ୍ତି ଯେ ସେ ୨୦୨୪ ସେପ୍ଟେମ୍ବରରୁ ହ୍ୟୁମାନ୍ ସାଗରଙ୍କୁ ଚିକିତ୍ସା କରୁଥିଲେ। ସେ ସମୟରେ ହ୍ୟୁମାନ୍ ସାଗର ଡିପ୍ରେସନ୍‌ରେ ଥିଲେ ଓ ଠିକ୍ ସମୟରେ ତାଙ୍କୁ ମାନସିକ ରୋଗ ବିଶେଷଜ୍ଞଙ୍କ ସହାୟତା ମିଳିନଥିଲା।

ଏହା ଭିତରେ, ଗତ ଶୁକ୍ରବାର ବଲାଙ୍ଗୀର ଟାଉନ୍ ଥାନାରେ ତାଙ୍କର ୨ ଜଣ ପରିଚାଳକଙ୍କ ବିରୋଧରେ ଏକ ଏତଲା ମଧ୍ୟ ହୋଇଛି। ଏଣୁ ତୁରନ୍ତ ରାଜ୍ୟ ସରକାର ଏହା ଉପରେ ନଜର ଦେବାକୁ ସେ ଦାବି ଜଣାଇଛନ୍ତି।

### ବସ୍‌ଷ୍ଟାଣ୍ଡରେ ମାନସିକ ଭିନ୍ନକ୍ଷମ ମହିଳାଙ୍କ ମୃତ ସନ୍ତାନ ପ୍ରସବ

# କେହି ପାଖ ମାଡ଼ିଲେନି

ଧରାକୋଟ, ୨୪।୧୧(ସମିସ): ମରିଗଲାଣି ମାନବିକତା। ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍ ମୁଣ୍ଡମରାଇ ବସ୍‌ଷ୍ଟାଣ୍ଡରେ ଆଜି ଏହାର ଏକ ନମୁନା ଦେଖିବାକୁ ମିଳିଛି। ଦୁଷ୍କର୍ମର ଶିକାର ହୋଇ ଗର୍ଭବତୀ ହୋଇଥିବା ଜଣେ ମାନସିକ ଭିନ୍ନକ୍ଷମ ମହିଳା ବସ୍‌ଷ୍ଟାଣ୍ଡ ଭିତରେ ପ୍ରସବ ବେଦନାରେ ଛଟପଟ ହେଉଥିଲେ ହେଁ କେହି ତାଙ୍କ ପାଖ ମାଡ଼ିନଥିଲେ। ଏପରିକି, ହସ୍ପିଟାଲକୁ ଫୋନ୍ କରି ମଧ୍ୟ ଜଣାଇବାକୁ ଉଚିତ୍ ମଣିନଥିଲେ।

**ମରିଗଲାଣି ମାନବିକତା**

ସୂଚନାନୁଯାୟୀ, ବସଷ୍ଟାଣ୍ଡରେ ଥିବା ଯାତ୍ରୀ ବିଶ୍ରାମାଗାରରେ ସୋମବାର ଭୋରରେ ବିଶ୍ରାମାଗାର ଭିତରେ ଦୟନୀୟ ଅବସ୍ଥାରେ ଝୁମୁରି ନାୟକ ନାମକ ୩୦ ବର୍ଷୀୟା ମହିଳା ପଡ଼ି ରହିଥିବା ବେଳେ ତାଙ୍କ ନିକଟରେ ଏକ ଅପରିପକ୍ୱ (୪/୫ ମାସର) ଶିଶୁ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମହିଳାଜଣଙ୍କ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ ସୁଦ୍ଧା ସେହି ବାଟ ଦେଇ ଯାଉଥିବା କୌଣସି ମହିଳା କିମ୍ବା ପୁରୁଷ ସହାୟତା ଦେବା ଦୂରର କଥା, ତାଙ୍କ ପାଖ ମଧ୍ୟ ମାଡ଼ି ନଥିଲେ। ଖବର ପାଇ ଧରାକୋଟ ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଦମକଳ ବାହିନୀ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଉଭୟ ମହିଳା ଓ ଶିଶୁକୁ ଉଦ୍ଧାର କରିଥିଲେ। ପରେ ଆଶାକର୍ମୀଙ୍କ ସହାୟତାରେ ଉଭୟଙ୍କୁ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ପରେ ମାନସିକ ବିକାରଗ୍ରସ୍ତ ମହିଳାଜଣଙ୍କ ଉଚ୍ଚ ରକ୍ତଚାପ, ରକ୍ତହୀନତା ଓ ମାତ୍ରାଧିକ ରକ୍ତସ୍ରାବ ଯୋଗୁଁ ଗୁରୁତର ହୋଇ ପଡ଼ିଥିବା ଜଣାପଡ଼ିଥିଲା। ତାଙ୍କୁ ତୁରନ୍ତ ୧୦୨ଆମ୍ବୁଲାନ୍ସରେ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ, ଶିଶୁଟିକୁ ମୃତ ଘୋଷଣା କରାଯାଇଥିଲା। ଘଟଣା ସମ୍ପର୍କରେ ଡାକ୍ତର ବିମଳେନ୍ଦୁ ପଣ୍ଡାଙ୍କ ସହ ଯୋଗାଯୋଗ ବେଳେ ଅପରିପକ୍ୱ ଅବସ୍ଥାରେ ସନ୍ତାନ ପ୍ରସବ ହୋଇଥିବାରୁ ତା’ର ମୃତ୍ୟୁ ଘଟିଛି ଏବଂ ମାତ୍ରାଧିକ ରକ୍ତସ୍ରାବ ଯୋଗୁଁ ମହିଳାଜଣଙ୍କ ଗୁରୁତର ହୋଇ ପଡ଼ିଛନ୍ତି ବୋଲି କହିଛନ୍ତି।

ପ୍ରଶ୍ନ ଉଠୁଛି, ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଗର୍ଭବତୀ କଲା କିଏ? ସରକାର ଗର୍ଭବତୀ ମା’ ଓ ଶିଶୁମାନଙ୍କ ସୁରକ୍ଷା ଓ ଯତ୍ନ ପାଇଁ ସଚେତନତା ସହ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଥିଲେ ମଧ୍ୟ ଏ କ୍ଷେତ୍ରରେ ତାହାର କୌଣସି ପ୍ରଭାବ ପଡ଼ିନଥିବା ଜଣାପଡ଼ିଛି। ମହିଳାଜଣଙ୍କ ଗର୍ଭବତୀ ଥିବା କ’ଣ କୌଣସି ସ୍ୱାସ୍ଥ୍ୟକର୍ମୀ କିମ୍ବା ଆଶା, ଅଙ୍ଗନବାଡ଼ି କର୍ମୀ କେହି ଜାଣିପାରିଲେ ନାହିଁ।

## 'ଶୀଘ୍ର ବଲାଙ୍ଗିର ଲୋକ ଉତ୍ସବ ଆୟୋଜନ କର'



ବଲାଙ୍ଗିର,୨୪ ।୧୧(ସମିସ): ଏ ପର୍ଯ୍ୟନ୍ତ ବଲାଙ୍ଗିର ଲୋକ ମହୋତ୍ସବ ପାଇଁ ପ୍ରଶାସନ ଚିନ୍ତା କରୁନି । ଏଣୁ ବଲାଙ୍ଗିରରେ କଳାକାର ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଏହାକୁ ନେଇ ଆଲୋଚନା ଜୋର୍ ଧରିଛି । ୧୯୯୯ରୁ ବଲାଙ୍ଗିର ଲୋକ ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଛି । କିଛି ବର୍ଷ ଧରି ନଭେମ୍ବର ପ୍ରଥମ ସପ୍ତାହରେ ଐତିହାସିକ କଳା ମଣ୍ଡପ ପଡିଆରେ ଏହା ଆୟୋଜିତ ହୋଇ ଆସୁଥିଲା । ତେବେ କିଛି ବର୍ଷ ହେବ ଜାନୁୟାରୀରେ ଏହା ଆୟୋଜନ ହେଉଛି । ଏହି ଉତ୍ସବ ପାଇଁ ଗ୍ରାମ୍ୟ କଳାକାର, ବ୍ୟବସାୟୀ ଏବଂ ସାଧାରଣ ଲୋକେ .ହିଁ ବସିଥାନ୍ତି । ଏ ବର୍ଷ ଏହା ବିଳମ୍ବ ହେବା ଆଶଙ୍କା ଦେଖା ଦେଇଛି । ଏହାକୁ ନେଇ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ମୁଖ୍ୟମନ୍ତ୍ରୀ ଓ ସଂସ୍କୃତ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କୁ ଭେଟି ଏକ ପତ୍ର ଦେଇଛି । ଆଗକୁ ସ୍କୁଲ, କଲେଜ ପରୀକ୍ଷା ପଡିବ । ଏଣୁ ଉତ୍ସବରେ ବାଧା ସୃଷ୍ଟି ହେବ । ତେଣୁ ମହୋତ୍ସବ ଶୀଘ୍ର ଆୟୋଜନ ପାଇଁ କମିଟି ଦାବି କରିଛି । ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଶମ୍ଭୁ ପ୍ରସାଦ ଶତପଥୀ, ପ୍ରଶାନ୍ତ ମହାକୁର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଥିଲେ ।

## ଆଇଡିଏମ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ବଲାଙ୍ଗିର,୨୪ ।୧୧(ସମିସ): ବଲାଙ୍ଗିର ବାଗଭାଡ଼ିଠାରେ ଥିବା ଆଇଡିଏମ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଅନମୋଲ ରିସ୍ତେ' ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଡ. ନଚିକେତା ଖମାରୀ ଶର୍ମା ଯୋଗ ଦେଇଥିଲେ । ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶିକା ସଂଧ୍ୟାରାଣୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ବବିତା ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ପରିଚାଳନା ନିର୍ଦ୍ଦେଶକ ଶଶିଭୂଷଣ ଦୀକ୍ଷିତ ବିଦ୍ୟାଳୟର ଗାରିମା ଓ ବିଭିନ୍ନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ସଫଳତା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଛାତ୍ର ଆଦ୍ୟାନ୍ତ ଦୀକ୍ଷିତ, ମନୀଷ ମିଶ୍ର, ଅଧ୍ୟାପକ ଅରବିନ୍ଦ ମିଶ୍ର, ଛାତ୍ରୀ ସୁଶ୍ରୀ ନନ୍ଦିନୀ, ଶିକ୍ଷକ ଧନେଶ୍ୱର ଖରେସଲ ମଞ୍ଚ ପରିଚାଳନା କରିଥିଲେ । ନିଶାନ୍ତ ଦୀକ୍ଷିତ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ନିକଟରେ ମେଡିକାଲ ଓ ଆଇଆଇଟିରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରୀ କ୍ରିତିକା ରାଉଳ ଓ ପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ବିଦ୍ୟାଳୟ ପକ୍ଷରୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ତଥା ବଲାଙ୍ଗୀରର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା ସହଯୋଗ କରିଥିଲେ ।

## ସିଏନ୍ଆଇ ଚର୍ଚ୍ଚ ପକ୍ଷରୁ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି



ଟିଟିଲାଗଡ,୨୪ ।୧୧(ସମିସ): ଓଡ଼ିଆ ସଙ୍ଗୀତ ଜଗତର ପ୍ରସିଦ୍ଧ କଣ୍ଠଶିଳ୍ପୀ ସ୍ୱର୍ଗତ ହ୍ୟୁମାନ ସାଗରଙ୍କୁ ରବିବାର ତାଙ୍କ ଜନ୍ମମାଟି ଟିଟିଲାଗଡ ସହରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସ୍ଥାନୀୟ ସିଏନଆଇ ଚର୍ଚ୍ଚ ପକ୍ଷରୁ ଆୟୋଜିତ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରାରେ ହ୍ୟୁମାନଙ୍କ ଶତାଧିକ ପ୍ରଶଂସକ ତଥା ସହରର ବିଭିନ୍ନ ବର୍ଗର ସଙ୍ଗୀତ ପ୍ରେମୀ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ମହାରାଜା ସାଗର ନିକଟ ଆଇ ଲଭ ଟିଟିଲାଗଡ ପାର୍କଠାରେ ପହଞ୍ଚି ଥିଲା । ସେଠାରେ ସମସ୍ତେ ହ୍ୟୁମାନଙ୍କ ଫଟୋଚିତ୍ର ସମ୍ମୁଖରେ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ହ୍ୟୁମାନଙ୍କ ଅକାଳ ବିୟୋଗ ସମସ୍ତ କଳାପ୍ରେମୀଙ୍କୁ ସ୍ତବ୍ଧ କରିଦେଇଥିବା ବେଳେ ନିଜ ମାଟିର ପୁଅକୁ ହରାଇ ଟିଟିଲାଗଡ ସହରବାସୀ ଗଭୀର ଶୋକରେ ବୁଡି ରହିଥିବା ଦେଖିବାକୁ ମିଳିଛି । ହ୍ୟୁମାନଙ୍କ ମଧୁର ସ୍ୱର ସବୁଦିନ ପାଇଁ ନିରବି ଯାଇଥିଲେ ମଧ୍ୟ ଟିଟିଲାଗଡ ସହରର ପ୍ରତ୍ୟେକ ଦୋକାନ ବଜାର ତଥା ସାମାଜିକ ଗଣମାଧ୍ୟମରେ ତାଙ୍କ ପ୍ରଶଂସକମାନେ ସେ ଗାଇଥିବା ଗୀତ ବଜାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିବା ଦେଖାଯାଇଛି । ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରାରେ ପାଷ୍ଟର ଆଚାର୍ଯ୍ୟ ଜ୍ୟୋତି ରଞ୍ଜନ ପାଇକ, ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ନରସିଂ ସିଂ,ଅ ।ଲୋକ ଦାସ, ଜଙ୍କସନ୍ ବିହାରୀ, ବାପି ଡେବିଡ, ଜ୍ୟୋତି ହରପାଲ, ପ୍ରାଣ ରଞ୍ଜନ ସାଗର, ରୋହିଣୀ ସାହୁ, ସାମ୍ବାଦିକ ସୁଧିର ଦାସ, ମନୋଜ ଶତପଥୀ, ହ୍ୟୁମାନଙ୍କ ପରିବାର ସଦସ୍ୟ ପ୍ରମୁଖଙ୍କ ସହ ତାଙ୍କ ଶତାଧିକ ପ୍ରଶଂସକ ସାମିଲ ହୋଇଥିଲେ ।

# ଧାନକିଣା ବୈଠକକୁ ଆସିଲେନି ୪ ବିଧାୟକ

ବଲାଙ୍ଗିର,୨୪ ।୧୧(ସମିସ)



- ଚାଷୀଙ୍କ ପ୍ରତି କେତେ ଦରଦ ପ୍ରମାଣ ମିଳିଲା
- ଧାନରେ ଭର୍ତ୍ତି ବିଭିନ୍ନ ମିଲ୍ ଗୋଦାମ
- କାଗଜ କଲମରେ ପ୍ରସ୍ତୁତି
- ଅବ୍ୟବସ୍ଥା ଥୟ

ଧନକିଣାକୁ ନେଇ ବଲାଙ୍ଗିର ଜିଲ୍ଲାରେ ଅଡୁଆ ସ୍ଥିତି ଦେଖିବାକୁ ମିଳିଛି । ବିଳମ୍ବରେ ଜିଲ୍ଲାସ୍ତରୀୟ ଧାନକିଣା ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା । ଏଥିରେ ଦୁଇ ସାଂସଦଙ୍କ ସହ କେବଳ ଜଣେ ବିଧାୟକ ଉପସ୍ଥିତ ଥିଲେ । ତେବେ ଅନ୍ୟ ବିଧାୟକମାନଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧିମାନେ ଉପସ୍ଥିତ ରହିବା ହିଁ ଚାଷୀ ଓ ସେମାନଙ୍କ ସମସ୍ୟା ପ୍ରତି ଜନପ୍ରତିନିଧିମାନେ କେତେ ଯତ୍ନବାନ ତାହା ସ୍ପଷ୍ଟ ହୋଇଛି । ଅନ୍ୟପକ୍ଷରେ ଧାନ ଅମଳ ଆରମ୍ଭ ହୋଇଛି; କିନ୍ତୁ ଧନାକିଣା ପାଇଁ ମିଲରମାନେ ପ୍ରସ୍ତୁତ ନ ଥିବା ଅଭିଯୋଗ ହୋଇଛି । ପୂର୍ବ ବର୍ଷ ଖରିଫ ଓ ରବି ଧାନରେ ମିଲର ଗୋଦାମ ଭର୍ତ୍ତି ଥିବା ବେଳେ ଚଳିତ ବର୍ଷ ଧାନ କିଣିଲେ କେଉଁଠି ରଖିବେ ତାକୁ ନେଇ ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ ଚଳିତ ବର୍ଷ ପୁଣି ପାଖାପାଖି ୧୦ ହଜାର ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ବୃଦ୍ଧି ହୋଇଛି । ବଲାଙ୍ଗିର ଜିଲ୍ଲାରେ ଧାନ କିଣାକୁ ନେଇ ସବୁବେଳେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥାଏ । ଗତ ଖରିଫରେ ଅଧିକ ଚାଷୀ ପଞ୍ଜିକରଣ କରିଥିବା ବେଳେ ସରକାର ଅଧିକ ପରିମାଣର ଧାନ ମଧ୍ୟ କିଣିଥିଲେ । ତେବେ ଠିକ୍ ସମୟରେ ଧାନ ବଦଳରେ ମିଲର୍‌ମାନେ ଦେଉଥିବା ଧାନରେ ଗୋଦାମ ଭର୍ତ୍ତି ରହିଥିବା ବେଳେ ବହୁ ପରିମାଣର ଧାନ ଓ ଚାଉଳ ଏବେ ବି ମିଲ ଗୋଦାମରେ ରହିଛି । ଏଭଳି ସ୍ଥିତିରେ ସୋମବାର ଜିଲ୍ଲାପାଳ ଗୌରୱ ଶିବାଜି ଇସଲୱାରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଧାନ କିଣା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଲୋକସଭା ସାଂସଦ ସଙ୍ଗୀତ କୁମାରୀ ସିଂଦେଓ, ରାଜ୍ୟସଭା ସାଂସଦ ନିରଂଜନ ବିଶି, ଟିଟିଲାଗଡ ବିଧାୟକ ନବୀନ ଜୈନ ଉପସ୍ଥିତ ଥଲେ; କିନ୍ତୁ ଅନ୍ୟ ଦୁଇ ମନ୍ତ୍ରୀ ଓ ଦୁଇ ବିଧାୟକଙ୍କ ବଦଳରେ ସେମାନଙ୍କ ପ୍ରତିନିଧି ଉପସ୍ଥିତ ଥିଲେ । ଡିସେମ୍ବର ୫ ତାରିଖରେ ଜିଲ୍ଲାରେ ଧାନ କିଣା ଆରମ୍ଭ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଏହି ବୈଠକରେ ଚିରାଚରିତ ଭାବେ ଜନପ୍ରତିନିଧିମାନେ ଲୋକ ଦେଖଣିଆ ଚାଷୀଙ୍କ ସମସ୍ୟା ବିଷୟରେ ଉପସ୍ଥାପନ କରିଥିଲେ । ବିଭାଗୀୟ ଅଧିକାରୀ ମଧ୍ୟ ସେହି ଅନୁସାରେ ନିଜ ଉତ୍ତର ରଖିଥିଲେ । ଚଳିତ ବର୍ଷ ପୁଣି ଆହୁରି ଅଧିକ ୧୦ ହଜାର ଚାଷୀଙ୍କ ପଞ୍ଜିକରଣ ହୋଇଛି । ଚଳିତ ଖରିଫରେ ୧ ଲକ୍ଷ ୫ ହଜାର ୩୧ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ତେବେ ଚଳିତ ଖରିଫ ଧାନ କିଣାକୁ ନେଇ ଜିଲ୍ଲାରେ ଅଧିକ ଅଡୁଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଥିବା ଆଲୋଚନା ହେଉଛି । କାରଣ ଜିଲ୍ଲାରେ ଗତ ୨୦୨୪-୨୫ ଖରିଫରେ କିଣାଯାଇଥିବା ୪୦ଲକ୍ଷ ୯୯ ହଜାର କୁଇଣ୍ଟାଲ ଧାନରୁ ଏପର୍ଯ୍ୟନ୍ତ ୩ ଲକ୍ଷ କୁଇଣ୍ଟାଲ ଧାନର ୧ଲକ୍ଷ ୮୦ ହଜାର କୁଇଣ୍ଟାଲ ଚାଉଳ ଫେରିନାହିଁ । ସେହିପରି ରବିଋତୁରେ ଜିଲ୍ଲାର ୫ଲକ୍ଷ କୁଇଣ୍ଟାଲ, କୋରାପୁଟରୁ ଆସିଥିବା ୯ ଲକ୍ଷ ୪ହଜାର କୁଇଣ୍ଟାଲ, ନୂଆପଡାରୁ ଆସିଥିବା ୬୯,୨୭୫ କୁଇଣ୍ଟାଲ ଓ ସୋନପୁର ଜିଲ୍ଲାରୁ ଆସିଥିବା ୯୪ହଜାର କୁଇଣ୍ଟାଲ ଧାନ ମହଜୁଦ ରହିଛି । ଖରିଫର ୩ଲକ୍ଷ କୁଇଣ୍ଟାଲ ଓ ରବିଋତୁର ପ୍ରାୟ ୧୪ଲକ୍ଷ କୁଇଣ୍ଟାଲ ଧାନ ମିଲର୍ସଙ୍କ ପାଖରେ ପଡ଼ିରହିଛି । ମିଲର୍ସଙ୍କର ଯେତେ ଗୋଦାମ ରହିଛି ସେ ସବୁ ଭର୍ତ୍ତି ହୋଇ ରହିଛି । ସେପଟେ କଷ୍ଟମ ମିଲିଂରେ ଧାନନେଇ କିଛି ମିଲର୍ସ ସର୍ଟେକ୍ସ ଚାଉଳ କରି ଖୋଲାବଜାରରେ ବିକ୍ରି କରିଦେଇଥିବା ଓ ଏବେ ନୂଆଧାନ କିଣି ସେହି ଚାଉଳ ଫେରାଉଥବା ମଧ୍ୟ ଅଭିଯୋଗ ହୋଇଛି । ଅନେକ ମିଲର୍ସ କେବଳ କଗଜକଲମରେ ଧାନ ଥିବା ଦର୍ଶାଉଥିବା ବେଳେ ପ୍ରକୃତରେ କିନ୍ତୁ ସେତେ ଧାନ ମିଲରେ ନାହିଁ । ଏପରିକି କେତେକ ମିଲର୍ସଙ୍କ ଗୋଦାମରେ ଯେତେ ଧାନ ରହିବାର କ୍ଷମତା ରହିଛି ତାଠାରୁ ୪ଗୁଣ ଅଧିକ ଧାନ କଷ୍ଟମ ମିଲିଂରେ ଦିଆଯାଇଥିବା ମଧ୍ୟ ଅଭିଯୋଗ ହେଉଛି । ଏଭଳି ସ୍ଥିତିରେ ଆଉ ମାତ୍ର ୧୨ ଦିନ ପରେ ଧାନ କିଣା ଆରମ୍ଭ ହେଲେ ଚାଷୀ କେମିତି ବ୍ୟବସ୍ଥିତ ଭାବେ ଧାନ ବିକିବେ ତାକୁ ନେଇ ପ୍ରଶ୍ନ ଉଠିଛି । ଏତେ ଅସୁବିଧା ଭିତରେ ଜିଲ୍ଲାରେ ଚଳିତ ଖରିଫ ଧାନ କିଣା ବ୍ୟବସ୍ଥା ରହିଥିବା ବେଳେ ଧାନ କିଣା ପ୍ରସ୍ତୁତି ବୈଠକରେ ଚାରି ଜଣ ବିଧାୟକ ଅନୁପସ୍ଥିତ ରହିବା ସେମାନଙ୍କ ଚାଷୀଙ୍କ ପ୍ରତି କେତେ ଦରଦ ଅଛି ତାହା ସ୍ପଷ୍ଟ ହୋଇଛି ବୋଲି ଚାଷୀ ନେତାମାନେ ମତ ରଖିଛନ୍ତି ।

# ଆୟୁଷ ଡାକ୍ତରଙ୍କ ଆନ୍ଦୋଳନକୁ ନରସିଂହଙ୍କ ସମର୍ଥନ

ବଲାଙ୍ଗିର,୨୪ ।୧୧(ସମିସ): ରାଜ୍ୟର ଆୟୁଷ ଡାକ୍ତର ଦୀର୍ଘ ବର୍ଷ ହେଲା ଆନ୍ଦୋଳନ କରୁଛନ୍ତି । ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେମାନଙ୍କ ଭୂମିକାକୁ ସ୍ୱୀକାର କରିବାକୁ ହେବ । ସରକାର କିନ୍ତୁ ବ୍ୟବସ୍ଥା ଉପରେ ଅବହେଳା କରୁଛନ୍ତି । ଏମିତି ବି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଓଡିଶା ବହୁତ ପଛୁଆ । ଯଦି ଆୟୁଷ ଡାକ୍ତରଙ୍କ ପ୍ରତି ଏପରି ଅବହେଳା ଜାରି ରହେ ତେବେ ସ୍ୱାସ୍ଥ୍ୟସେବା ଅବସ୍ଥା ଖରାପ ଆଡକୁ ଗତି କରିବ । ସରକାର ଏଥି ପ୍ରତି ସମ୍ବେଦନଶୀଳ ହୁଅନ୍ତୁ । ଡାକ୍ତରଙ୍କ ଦାବି ଯୁକ୍ତିଯୁକ୍ତ । ସେମାନଙ୍କ ଦାବି ଶୀଘ୍ର ପୂରଣ କରାଯାଉ । ସ୍ଥାନୀୟ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମୁଖରେ ସରକାରୀ ଆୟୁଷ ଡାକ୍ତରଙ୍କ ଆନ୍ଦୋଳନ ସ୍ଥଳରେ ପହଞ୍ଚି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ ଏହା କହିଛନ୍ତି ।



- ସରକାର ଆୟୁଷ ଡାକ୍ତରମାନଙ୍କୁ ଅଣଦେଖା ନ କରନ୍ତୁ
- ସେମାନଙ୍କ ସମସ୍ତ ଦାବି ପୂରଣ କରିବାକୁ ଚେଷ୍ଟା କରାଯାଉ
- ରାଜ୍ୟରେ ଏକ ଆୟୁର୍ବେଦ ବିଶ୍ୱ ବିଦ୍ୟାଳୟ ସ୍ଥାପନ ହେବା ଆବଶ୍ୟକ

ସେ ଆୟୁଷ ଡାକ୍ତରଙ୍କ ସମସ୍ତ ଦାବିକୁ ପୂର୍ଣ୍ଣ ସମର୍ଥନ କରୁଥିବା କହିଥିଲେ । ସରକାର ସେମାନଙ୍କୁ ଅଣଦେଖା କରନ୍ତୁ ନାହିଁ । ଏମାନେ ବହୁଦିନରୁ ଦାବି କରୁଛନ୍ତି । ଅତୀତରେ ମଧ୍ୟ ବିଧାନସଭା .ଲିଥିବା ବେଳେ ମଧ୍ୟ ଏମାନେ ନିଜ ଦାବି ନେଇ ଭୁବନେଶ୍ୱରରେ ଆନ୍ଦୋଳନ କରିଥିଲେ । ତତ୍କାଳୀନ ଶାସନ ସଚିବ ଆନ୍ଦୋଳନ ସ୍ଥଳିକୁ ଯାଇ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ବର୍ତ୍ତମାନର ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ସେ ସମୟର ଲୋଇସିଂହା ବିଧାୟକ ବିଧାନସଭା ଭିତରେ ଏମାନଙ୍କ ସମସ୍ତ ଦାବିକୁ ଯୁକ୍ତିଯୁକ୍ତ କହିବା ସହ ସେସବୁ ପୂରଣ ପାଇଁ ସେତେବେଳେ ସରକାରଙ୍କୁ ଅନୁରୋଧ କରିଥିଲେ । ତେଣୁ ଡାକ୍ତରଙ୍କ ସମସ୍ତ ଦାବି ପୂରଣ କରି ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ନିହାତି ଦରକାର ବୋଲି ଶ୍ରୀ ମିଶ୍ର କହିଛନ୍ତି ।

ଓପିଏସ୍‌ସି ଜରିଆରେ ନୂତନ ଆୟୁଷ ଡାକ୍ତର ପଦବି ସୃଷ୍ଟି, ଆୟୁଷ ଚିକିତ୍ସା କ୍ଷେତ୍ରରେ ଉଚ୍ଚ ଶିକ୍ଷାର ସୁଯୋଗ ସୃଷ୍ଟି କରାଯିବା, ହାଉସ ସର୍ଜନମାନଙ୍କ ବର୍ତ୍ତି ଡାଇନାମିକ ପଦ୍ଧତିରେ ବୃଦ୍ଧି କରାଯିବା, ଆୟୁଷ କଲେଜର ପରି.ଳନା କମିଟି ପୁନଃ ଗଠନ, ଆୟୁଷ ମନ୍ତ୍ରଣାଳୟର ନିୟମାବଳିକୁ ଓଡିଶା ସରକାର ପାଳନ କରିବା, ରାଜ୍ୟ ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ଯୋଜନାରେ ଆୟୁଷ ବିଭାଗକୁ ଅନ୍ତର୍ଭୁକ୍ତ କରିବା ଏବଂ ଏହାର ପ୍ରଚାର ପ୍ରସାର କରିବା, ସ୍ୱତନ୍ତ୍ର ଆୟୁଷ ବିଭାଗ ସ୍ଥାପନ କରିବାକୁ ଏମାନଙ୍କ ଦାବି ରହିଛି । ଆୟୁର୍ବେଦ ଚିକିତ୍ସା ବର୍ତ୍ତମାନ ସାରା ଦେଶ, ରାଜ୍ୟ ତଥା ଗ୍ରାମାଞ୍ଚଳରେ ବେଶ୍ ଆଦୃତ ହେବା ଦେଖାଯାଉଛି । ଅନେକ ଛାତ୍ରଛାତ୍ରୀ ଆୟୁର୍ବେଦ ଚିକିତ୍ସା ଉପରେ ପାଠ ପଢିବା ତଥା ଗବେଷଣା କରିବା ପାଇଁ ଉତ୍ସାହ ଦେଖାଉଛନ୍ତି । ତେଣୁ ରାଜ୍ୟ ସରକାର ଏକ ଆୟୁର୍ବେଦ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି ।

## ● ପାଟଣାଗଡ଼ରେ ଅଭିଯୋଗ ଶୁଣାଣି ଶିବିର
## 'ଅଫିସରମାନେ କେବଳ କାଜୁ ଖାଇବାକୁ ଆସୁଛନ୍ତି'



- ସାମ୍ବାଦିକ-ଅତିରିକ୍ତ ଜିଲ୍ଲାପାଳ କଥା କଟାକଟି
- ଲୋକଙ୍କ ଅଭିଯୋଗର ତଦନ୍ତ ଓ ସମାଧାନ ହେଉନି

ପାଟଣାଗଡ଼,୨୪ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକରେ ପ୍ରତି ମାସର ତୃତୀୟ ସୋମବାର ପ୍ରଶାସନ ତରଫରୁ ଅଭିଯୋଗ ଶୁଣାଣି ଶିବିର ହେଉଛି; ହେଲେ ଏହା କେବଳ ପ୍ରହସନ ପାଲଟିଛି । ସୋମବାର ମଧ୍ୟ ଏହି ଅଭିଯୋଗ ଶୁଣାଣି ଶିବିର ହୋଇଥିଲା । ଏଥିରେ ପାଟଣାଗଡ଼ର ବରିଷ୍ଠ ସାମ୍ବାଦିକ ପ୍ରହ୍ଲାଦ ପାଢ଼ୀ ମାଣ୍ଡିଆ ଦୁର୍ନୀତିର ତଦନ୍ତ ଦାବି କରିଥିଲେ । ମାଣ୍ଡିଆ ଦୁର୍ନୀତିର ତଦନ୍ତ ଦାବି କରି ସେ ତିନି ତିନି ଥର ଅଭିଯୋଗ କଲେଣି । ଏହା ସତ୍ତ୍ୱେ ତଦନ୍ତ ହେଉନି । ଏଥିରେ ବିରକ୍ତ ହୋଇ ସେ ପ୍ରଶାସନ ଉପରେ ବର୍ଷି ଥିଲେ । ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନି କି ଅଭିଯୋଗଗୁଡିକର ସମୀକ୍ଷା କରାଯାଉନାହିଁ । ଅଭିଯୋଗ ଶୁଣାଣି ଶିବିର କେବଳ ଲୋକଦେଖାଣିଆ ଭାବେ କରାଯାଉଛି । ଏଠାକୁ କେବଳ ଅଫିସରମାନେ କାଜୁ ଖାଇବା ପାଇଁ ଆସୁଥିବା ଶ୍ରୀ ପାଢ଼ୀ ଇଙ୍ଗିତ କରିଥିଲେ ।

ଏହାକୁ ନେଇ ତାଙ୍କର ଅତିରିକ୍ତ ଜିଲ୍ଲାପାଳଙ୍କ ସହ କଥା କଟାକଟି ହୋଇଥିଲା । ଏହି ଘଟଣା ଆଜି ପାଟଣାଗଡ଼ରେ ଲୋକଙ୍କୁ ଚର୍ଚ୍ଚା ପାଇଁ ଖୋରାକ ଯୋଗାଇଛି ।

## ରିବା ଅଧିବେଶନ ଓ ପୁସ୍ତକ ଉନ୍ମୋଚନ



ବଲାଙ୍ଗିର,୨୪ ।୧୧(ସମିସ): ବଲାଙ୍ଗିର ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓ ବ୍ରାହ୍ମଣପଡା ରାଧାକୃଷ୍ଣ ମନ୍ଦିର ଅଖଣ୍ଡ ଭାଗବତ ଜ୍ଞାନ କମିଟି ମିଳିତ ସହଯୋଗ ରିବା ଅଧିବେଶନ ଓ ପୁସ୍ତକ ଉନ୍ମୋଚନ ଅନୁଷ୍ଠିତ ହୋଇଯାଇଛି । ଡ. ଭବାନୀ ଶଙ୍କର ପଟେଲଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ସଚିବ ରାମଚନ୍ଦ୍ର ପଟେଲ, ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ରାଜ୍ୟ ସଭ୍ୟ ଗିରିଜା ରଥ ଯୋଗଦେଇ ନିଜ ଅନୁଭୂତି ପ୍ରକାଶ କରିଥିଲେ । ଅତିଥି ଭାବେ ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ ଓ ମୁଖ୍ୟ ବକ୍ତା ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମଞ୍ଚାସୀନ ଥିଲେ । ରିବା ଅଧିବେଶରେ ବଲାଙ୍ଗିରରୁ ଡ. ଭବାନୀ ଶଙ୍କର ପଟେଲ, ରାମଚନ୍ଦ୍ର ପଟେଲ, ଗିରିଜା ଶଙ୍କର ରଥ, ସୁନାଧର ବନଛୋର, ମଦନ ରଥ, ଗୋପାଳ ପ୍ରଧାନ, ବିରଞ୍ଚି ଦାଶ, ସବିତା ଭୋଇ, ସଂଯୁକ୍ତା ପରିଚ୍ଛା, ଭୋଇ କିଟି, ସରସ୍ୱତୀ ମେହେର ଅଂଶଗ୍ରହଣ କରିଥିଲେ । ବଂଶୀଧର ଦାନୀ ଓ ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ପୁସ୍ତକ 'ଭକ୍ତି ପଥେ ଜ୍ଞାନ ପଥେ ଓ ଚେତନା ପ୍ରବାହ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ଏହି ସମାରୋହରେ ଟୁମକି ମିଶ୍ର ଭକ୍ତିଗୀତ ପରିବେଷଣ କରିଥିଲେ । କମିଟିର ସଚିବ ବଂଶୀଧର ସା, ପଞ୍ଚାନନ ବେଦବାକ, କୋଷାଧ୍ୟକ୍ଷ ଅଙ୍ଗିରା ସାହୁ (ଉପସଭାପତି), କବି ବଳିଷ୍ଠ ପ୍ରଧାନ, ସର୍ବେଶ୍ୱର ମିଶ, ସବିତା ଦାନୀ, ଜାନକୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# କାମ ନ ସାରି ଠିକାଦାର ଫେରାର

ବଲାଙ୍ଗିର,୨୪ ।୧୧(ସମିସ)

ପାଣି ସୁବିଧା ନାଁରେ ରାସ୍ତା ଅସୁବିଧା କରି ଠିକାଦାର ଫେରାର ମାରିଛନ୍ତି । ହର୍ ଘର୍ ନଲ୍ ଯୋଜନାରେ ଲୋଇସିଂହା ବ୍ଲକ ସଦର ପଞ୍ଚାୟତରେ ହୋଇଥିବା ପାନୀୟ ଜଳ ଯୋଗାଣ ପାଇପ୍ କାମ ଯୋଗୁ ଏହି ସମସ୍ୟା ଦେଖା ଦେଇଛି । ବର୍ଷେ, ଦେଢ ବର୍ଷ ପୂର୍ବରୁ ପ୍ରକଳ୍ପ କାମ ସରିଯିବା କଥା; କିନ୍ତୁ ଆଜି ପର୍ଯ୍ୟନ୍ତ କାମ ସରି ନ ଥିବା ଅଭିଯୋଗ ହୋଇଛି । ଗାଁରେ ପାଇପ୍ ବିଛାଇବା ପାଇଁ ସବୁ ରାସ୍ତା ଖୋଳି ଦିଆଯାଇଛି; ହେଲେ ଆଉ ପୋତା ଯାଇନି । ଠିକାଦାର ଏବେ ଧରାଛୁଆଁ ଦେଉନାହାନ୍ତି । ବିଭାଗୀୟ ଯନ୍ତ୍ରୀ ବି କାରଣ ଦର୍ଶାଅ ନୋଟିସ୍ ଦେଇ ନୟାନ୍ତ ହୋଇ ଗଲେଣି । ସଂପୃକ୍ତ ଠିକାଦାର ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ତାହା ସବୁଠାରୁ ବଡ ପ୍ରଶ୍ନ । ନିମ୍ନମାନର ପାଇପ୍ ବିଛାଇ ଠିକାଦାର ଜଣକ ବିଲ୍ ଉଠାଇ ନେଇଛନ୍ତି । ବିଭିନ୍ନ ସ୍ଥାନରେ କିନ୍ତୁ ପାଇପ୍ ଫାଟି ଯାଉଥିବା ଅଭିଯୋଗ ହୋଇଛି । ଏମିତିରେ ପୁଣି ସଂପୃକ୍ତ ଠିକାଦାରଙ୍କୁ କୁଆଡେ ବିଭାଗୀୟ ଯନ୍ତ୍ରୀ କାରଣ ଦର୍ଶାଅ ନୋଟିସ୍ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡିଛି ।



ଲୋଇସିଂହା ବ୍ଲକ ସଦର ପଞ୍ଚାୟତର ସଦର ଗାଁ ରାସ୍ତା ଅବସ୍ଥା ଏବେ ଶୋଚନୀୟ । ଯୁଆଡେ ଦେଖିଲେ ରାସ୍ତା ଖରାପ । ଲୋଇସିଂହା ଏବେ ଏନ୍ଏସି ଘୋଷଣା ହୋଇଛି; ହେଲେ ଆଜି ବି ଏଠି ରାସ୍ତା ଗାଁ ଠାରୁ ବି ହୀନ ରହିଛି । ତେବେ ଏହାର ପଛର କାରଣ ଆହୁରି ଦୁର୍ଭାଗ୍ୟଜନକ । ଲୋଇସିଂହାବାସୀଙ୍କ ପାନୀୟ ଜଳ ସମସ୍ୟା ସମାଧାନ କରିବା ପାଇଁ ହର୍ ଘର୍ ନଲ୍ ଯୋଜନାରେ ଘରକୁ ଘର ପାଣି ଟ୍ୟାପ୍ ସଂଯୋଗ କରାଯାଇଛି । ଦୁଇ ଦଶନ୍ଧି ଧରି ଲୋଇସିଂହାକୁ ନିକଟସ୍ଥ ସୁକତେଲ ନଦୀରୁ ପାଣି ଯୋଗାଣ ହୋଇଆସୁଛି । ଏଥିପାଇଁ ଅନେକ ଲୋକ ଘରକୁ ପାନୀୟ ଜଳ ଯୋଗାଣ ସଂଯୋଗ ମଧ୍ୟ ନେଇଛନ୍ତି । ତେବେ ଏହି ଯୋଜନାରେ ପୁଣି ଗାଁର ସବୁଆଡେ ପାଇପ୍ ବିଛାଇବା ପାଇଁ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା । ଏହି ଠିକାସଂସ୍ଥା ସ୍ଥାନୀୟ ରୁଘାଡେରା ପାହାଡରେ ଓଭର ହେଡ ଟ୍ୟାଙ୍କ ନିର୍ମାଣ କରି ଗାଁର ସବୁଆଡେ ପାଇପ୍ ବିଛାଇଥିଲା । ତେବେ ପାଇପ୍ କାମ କରିବା ପାଇଁ ଗାଁର ସବୁ ମୁଖ୍ୟ ରାସ୍ତା, ଗଳି ରାସ୍ତା ଖୋଳି ପକାଇଥିଲା । ଏହା ପରେ ଏହି ରାସ୍ତାର ମରାମତି କରିବା କଥା; କିନ୍ତୁ ତାହା ମଧ୍ୟ ଠିକ୍ ଭାବେ ନ କରି ଲୋକଦେଖାଣିଆ ଭାବେ କିଛି ସ୍ଥାନରେ ନିମ୍ନମାନର କଂକ୍ରିଟ ପକାଇ ଠିକାଦାର ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି । ଏହି କାମ ୨୦୨୪ ଏପ୍ରିଲ ସୁଦ୍ଧା ସରିଯିବା କଥା; କିନ୍ତୁ ମନ୍ଥର ଓ ମନମୁଖୀ କାମ ଯୋଗୁ ଠିକ୍ ସମୟରେ କାମ ସରିଲା ନାହିଁ । ପରେ ତାହା ପୁଣି ୬ ମାସ ପାଇଁ ବୃଦ୍ଧି କରାଯାଇଥିଲା; କିନ୍ତୁ ଆଶ୍ଚର୍ଯ୍ୟ ଏହି ୬ ମାସରେ ବି ଠିକାଦାର ଜଣକ କାମ ସାରିପାରିଲେ ନାହିଁ । ଏପରିକି ଆହୁରି ଗୋଟିଏ ବର୍ଷ ଅଧିକ ସମୟ କାମ ପରେ ବି ସଂପୂର୍ଣ୍ଣ ହୋଇନାହିଁ । ଗୋଟିଏ ପଟେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଏହିଭଳି ଅବହେଳାକୁ ସରକାର ବରଦାସ୍ତ କରିବେ ନାହିଁ । ଅବହେଳା ପ୍ରଦର୍ଶନ କରୁଥିବା ଠିକାଦାରଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ତାଙ୍କର ଏହି ନିର୍ଦ୍ଦେଶ ଲୋଇସିଂହାରେ କେମିତି ପାଳନ କରାଯାଉଛି ତାହା ସହଜରେ ଅନୁମାନ କରାଯାଇପାରେ । ଏନେଇ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ମୋରିଶ ରୋଶନ ଡୁଙ୍ଗଡୁଙ୍ଗଙ୍କୁ ପଚାରିବାରୁ ସେ ନୂଆ ହୋଇ ଯୋଗ ଦେଇଛନ୍ତି । ଏ ବିଷୟରେ ଅଧିକ କିଛି କହିପାରିବେ ନାହିଁ ବୋଲି କହିଥିଲେ । ସେହିପରି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଗଗନ କୁମାର କିଷାନଙ୍କୁ ପଚାରିବାରୁ ସେ ମଧ୍ୟ ନୂତନ ଭାବେ କାର୍ଯ୍ୟ ସମ୍ଭାଳିଛନ୍ତି । ଏ ବିଷୟରେ ତାଙ୍କ ପାଖରେ ପୂର୍ବ ସୂଚନା ନ ଥିଲା । ଏହା ଜାଣିବା ପରେ ସେ ବ୍ୟକ୍ତିଗତ ଭାବେ ଏହାର ତଦନ୍ତ କରି ଶୀଘ୍ର କାମ ସଂପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ ।

॥ ଏକାଦଶାହ ଶ୍ରଦ୍ଧାଞ୍ଜଳି ॥



✓ ଅନୀତା ଦଣ୍ଡପାଟ
ଆବିର୍ଭାବ: ୧୭.୦୫.୧୯୫୭ ସ୍ୱର୍ଗାରୋହଣ: ୧୫.୧୧.୨୦୨୫
ସ୍ୱାମୀ: ✓ ସୁଧାଂଶୁ ଶେଖର ଦଣ୍ଡପାଟ
କାଶିଆବେଡା, ବଡ଼ଶୋଳ, ମୟୂରଭଞ୍ଜ
ଅଭୁଲା ସେ ଅନୁଭୂତି... ଅପାସୋରା ଗାଥା...
ସ୍ମୃତିସବୁ ଗଣ୍ଠିଧନ ବାକି ଜୀବନର...
ଶୋକସନ୍ତପ୍ତ: ପୁଅ ଦୀପକ, ଦୀନେଶ, ପୁଅବୋହୂ ସ୍ୱପ୍ନା, ସୁନୀତା, ଝିଅ ଲତିକା, ଜ୍ୱାଇଁ ଲାଲମୋହନ, ଦିଅର ରାମରଞ୍ଜନ, ଯାଆ ସୁଲେଖା, ନାତି ଓମ୍‌ପ୍ରକାଶ, ରାଜା, ସାଇ, କ୍ରିଶ୍, ନାତୁଣୀ ହର୍ଷିତା, ପୂଜା, ପଲକ, ଦ୍ରୀଷ୍ଟି ଓ ସମସ୍ତ ବନ୍ଧୁ ଓ ପରିଜନବର୍ଗ

### ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

# ମହୋତ୍ସବ ଦକ୍ଷ କ୍ରୀଡ଼ାବିତ୍ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି: ଧର୍ମେନ୍ଦ୍ର

ସମ୍ବଲପୁର, ୨୪।୧୧ (ସମିସ) :



ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ "ସାଂସଦ ଖେଳ ମହୋତ୍ସବ-୨୦୨୫'ର ଉଦ୍‌ଯାପିତ ହୋଇଛି। ଏହି ମହୋତ୍ସବ ଅନେକ ଦକ୍ଷ କ୍ରୀଡ଼ାବିତ୍‌ଙ୍କୁ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ଉତ୍ସବରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମହୋତ୍ସବରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ସମ୍ବଲପୁର ବାସ୍ତବରେ କ୍ରୀଡ଼ାର ସହର। ଫୁଟବଲ, ସୁଇମିଂ, କବାଡ଼ି ସମେତ ଆଥ୍‌ଲେଟିକ୍ସର ବିଭିନ୍ନ ବିଭାଗରେ ଅନେକ ଖେଳାଳି ଭାଗ ନେଇ ନିଜର ଦକ୍ଷତା ପ୍ରକାଶ କରି ଆମ ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ସମସ୍ତ ବିଷୟକୁ 'ସ୍ପୋର୍ଟସ୍ ମ୍ୟାନ୍ ସ୍ପିରିଟ୍' ଭାବରେ ଗ୍ରହଣ କରିବା ଏବଂ ତାକୁ ଉତ୍ସବ ଭାବରେ ପାଳନ କରିବା ସମ୍ବଲପୁରର ଲୋକଚରିତ୍ର। ଖେଳକୁ ଆମକୁ ପ୍ରାଥମିକତାର ବିଷୟ ଭାବରେ ଗ୍ରହଣ କରିବାକୁ ହେବ।୨୦୩୬ ଅଲିମ୍ପିକ୍ସ ପାଇଁ ଭାରତ ପ୍ରାକ୍ ପ୍ରସ୍ତୁତ ହେଉଥିବା ବେଳେ ଆମ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏପ୍ରକାର ପ୍ରତିଯୋଗିତା ସେମାନଙ୍କର ଖେଳୁଆଡ଼ ମନୋଭାବକୁ ଆହୁରି ଅଧିକ ପ୍ରସ୍ଫୁଟିତ କରିବ। ଆଗାମୀ ଦିନରେ ସମ୍ବଲପୁର ଜିଲ୍ଲାରେ ଥିବା ବିଭିନ୍ନ ଷ୍ଟାଡିୟମକୁ ଆକର୍ଷଣୀୟ କରାଯିବା ସହ କ୍ରୀଡ଼ା ଭିତ୍ତିଭୂମିକୁ ମଜଭୂତ କରାଯିବ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁର ଲୋକସଭା କ୍ଷେତ୍ରରେ ବିଭିନ୍ନ ବ୍ଲକରେ ଆୟୋଜିତ 'ସାଂସଦ ଖେଳ ମହୋତ୍ସବ-୨୦୨୫'ରେ ମୋଟ ୫୩,୬୧୯ ଜଣ ଖେଳାଳି ପଞ୍ଜିକୃତ କରିଥିଲେ। ସେଥିମଧ୍ୟରୁ ଛାତ୍ରମାନଙ୍କ ସଂଖ୍ୟା ୨୭,୪୫୫ ଏବଂ ଛାତ୍ରୀମାନଙ୍କ ସଂଖ୍ୟା ୨୬,୧୫୯। ନଭେମ୍ବର ୭ରୁ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ମୋଟ ୧୮ ଦିନ ଧରି ଆୟୋଜିତ ମହୋତ୍ସବ ଦେବଗଡ଼ରୁ ଆରମ୍ଭ ହୋଇଥିଲା ଏବଂ ଆଜି ସମ୍ବଲପୁରରେ ଉଦଯାପନୀ ଉତ୍ସବ ଆୟୋଜନ ହୋଇଛି। 'ବିକଶିତ ଭାରତ ପାଇଁ ସୁସ୍ଥ ରହିବେ ଯୁବ ବର୍ଗ' ଥିମରେ ଆୟୋଜିତ ମହୋତ୍ସବରେ କନିଷ୍ଠ ବିଭାଗ (୧୪ ରୁ ୧୭ ବର୍ଷ) ଓ ବରିଷ୍ଠ ବିଭାଗ (୧୮ ରୁ ୨୩ ବର୍ଷ) ବର୍ଗର ଖେଳାଳୀମାନେ ନିଜର ଉନ୍ନତମାନର ଦକ୍ଷତା ପ୍ରଦର୍ଶନ କରିଥିଲେ। କନିଷ୍ଠ ବର୍ଗରେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ୍ ଥ୍ରୋ, ସଟପୁଟ୍ ଏବଂ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଭାଗ (୧୮ ରୁ ୨୩ ବର୍ଷ) ବର୍ଗର ଖେଳାଳିମାନେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ୍ ଥ୍ରୋ, ସଟପୁଟ୍ ଏବଂ କବାଡ଼ି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଓଡ଼ିଶାର କ୍ରୀଡ଼ା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

## ମାତା ସୀତାଙ୍କ ନିର୍ବନ୍ଧ ସଂପନ୍ନ, ଆଜି ବିବାହ



ସମ୍ବଲପୁର, ୨୪।୧୧ (ସମିସ) : ସୋମବାର ସନ୍ଧ୍ୟାରେ କନ୍ୟା ମାତାପିତାଙ୍କ ଧନୁପାଲି ହନୁମାନ ନଗରସ୍ଥିତ ବାସଭବନରେ ମାତା ସୀତାଙ୍କ ନିର୍ବନ୍ଧ ସମ୍ପନ୍ନ ହୋଇଛି। ବୃଦ୍ଧହିଲସ୍ଥିତ ହନୁମାନ ମନ୍ଦିରରୁ ପ୍ରଭୁ ଶ୍ରୀରାମଙ୍କ ପିତାମାତା ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟ ତଥା ମନ୍ଦିରର ମହିଳା ସତସଙ୍ଗ ସଭ୍ୟାମାନେ ବାଜାଗଜା ସହ ବାହାରି ଧନୁପାଲିରେ ପହଞ୍ଚିଥିଲେ। ଏହାପରେ ବୈଦିକ ରୀତିନୀତିରେ ମାତା ସୀତାଙ୍କ ନିର୍ବନ୍ଧ କାର୍ଯ୍ୟ ହୋଇଥିଲା।

ଆସନ୍ତାକାଲି ୨୫ ତାରିଖ ବୃଦ୍ଧହିଲସ୍ଥିତ ମନ୍ଦିର ପରିସରରେ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ଶ୍ରୀରାମଙ୍କ ମାତାପିତା ଭାବେ ବୃଦ୍ଧହିଲର ସ୍ମିତା ବାବୁ ପାଣିଗ୍ରାହୀ ଓ ସୌମ୍ୟ ପ୍ରକାଶ ପାଣିଗ୍ରାହୀ ଏବଂ ମାତା ସୀତାଙ୍କ ମାତାପିତା ଭାବେ ଧନୁପାଲି ହନୁମାନ ନଗରର ଲିପ୍ସା ମିଶ୍ର ଓ ମହାବୀର ମିଶ୍ର ସୌଭାଗ୍ୟ ଅର୍ଜନ କରିଛନ୍ତି।

## ବୈଦିକ ଇଣ୍ଟରନ୍ୟାସନାଲ୍ ସ୍କୁଲର ସଫଳତା



ସମ୍ବଲପୁର,୨୪।୧୧(ସମିସ):ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ପାଳନ ଅବସରରେ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ସ୍ୱାବଲମ୍ବୀ ଭାରତ ପାଇଁ ସମବାୟ ସଂସ୍ଥା ଏକ ମାଧ୍ୟମ ବିଷୟବସ୍ତୁ ଉପରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ବୈଷ୍ଣବୀ ମିଶ୍ର ୨ୟ ଓ ଆରାଧ୍ୟା ପଣ୍ଡା ୩ୟ ପୁରସ୍କାର ଲାଭ କରିଛନ୍ତି। ସେହିପରି ବିତର୍କ ପ୍ରତିଯୋଗିତାରେ ବୈଷ୍ଣବୀ ମିଶ୍ର ପ୍ରଥମ ଓ ଦିବ୍ୟାସା ପଣ୍ଡା ଦ୍ୱିତୀୟ ପୁରସ୍କାର ହାସଲ କରିଛନ୍ତି। ଏହି ସଫଳତା ପାଇଁ ସ୍କୁଲର ଅଧ୍ୟକ୍ଷ ଆନନ୍ଦ ଅଗ୍ରୱାଲ, ଅଧ୍ୟକ୍ଷା ଏବଂ କର୍ମଚାରୀମାନେ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆଦିବାସୀ ଛାତ୍ରାବାସରୁ ନିଖୋଜ ୩ ଛାତ୍ରୀ ଉଦ୍ଧାର

କୁଚିଣ୍ଡା,୨୪।୧୧(ସମିସ): ସମ୍ବଲପୁର ଜିଲ୍ଲା ବାମରାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟର ଆଦିବାସୀ ଛାତ୍ରାବାସରୁ ୩ ଜଣ ଛାତ୍ରୀ ନିଖୋଜ ଅଭିଯୋଗ ପାଇ ଗୋବିନ୍ଦପୁର ପୁଲିସ ତନାଘନା ପରେ ଉଦ୍ଧାର କରିଛି।ସୂଚନା ଅନୁସାରେ ବାମରା ବାଳିକା ଉଚ୍ଚ ବିଦ୍ୟାଳୟ ଆଦିବାସୀ ଛାତ୍ରୀ ନିବାସରୁ ରବିବାର ଅପରାହ୍ନ ପ୍ରାୟ ୪ ଟାରେ ନବମ ଶ୍ରେଣୀର ୨ ଜଣ ଓ ଦଶମ ଶ୍ରେଣୀର ଜଣେ ଛାତ୍ରୀ କାହାରିକୁ କିଛି ନ ଜଣାଇ ହଷ୍ଟେଲରୁ ଚାଲି ଯାଇଥିବା ଅଭିଯୋଗ ରହିଛି। ନିଖୋଜ ଯୁବତୀଙ୍କ ମଧ୍ୟରେ ଜଣେ ବାମରାସ୍ଥିତ ଖୋଖୋପଡ଼ାର, କୁଚିଣ୍ଡା ବ୍ଲକ୍ ସାତକମା ଗ୍ରାମର ଜଣେ ଓ ଖୁଣ୍ଟାମାଲ ଗ୍ରାମର ଜଣେ ରହିଥିବା ସୂଚନା ରହିଛି।ହଷ୍ଟେଲ ୱାର୍ଡେନଙ୍କ ଠାରୁ ସୂଚନା ପାଇ ନିଖୋଜ ଛାତ୍ରୀଙ୍କ ଅଭିଭାବକମାନେ ଗୋବିନ୍ଦପୁର ଥାନାକୁ ଆସି ପହଁଞ୍ଚି ଥିଲେ। ହେଲେ ହଷ୍ଟେଲରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ୱାର୍ଡେନ ନିଯୁକ୍ତ ଥିବା ସତ୍ତ୍ୱେ ଛାତ୍ରୀମାନେ କିପରି ବାହାରକୁ ଗଲେ ବୋଲି ଅଭିଭାବକମାନେ ପ୍ରଶ୍ନ କରିବା ସହ ହଷ୍ଟେଲରେ ରହୁଥିବା ଛାତ୍ରୀଙ୍କ ସୁରକ୍ଷା ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ଉକ୍ତ ଘଟଣାକୁ ନେଇ ଶିକ୍ଷୟିତ୍ରୀ ପୂଜା ମାଝୀ ରାତି ୧୦ ଟାରେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ରାଜେନ୍ଦ୍ର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଝଓ ଶକ୍ତିଧର ରାଉତ ଓ ଆଶିଷ ପ୍ରଧାନ ଅଞ୍ଚଳ ରେ ଲାଗିଥିବା ସିସି ଟିଭି ଯାଞ୍ଚ ସହ ତନାଘନା ଆରମ୍ଭ କରିଥିଲେ। ନିଖୋଜ ଥିବା ଛାତ୍ରୀଙ୍କୁ ସୋମବାର ସକାଳୁ କୁଚିଣ୍ଡା ଅଞ୍ଚଳରୁ ଉଦ୍ଧାର କରି ମାଜିଷ୍ଟ୍ରେଟଙ୍କ ପାଖରେ ଉପସ୍ଥିତ କରିଥିଲା କୁଚିଣ୍ଡା ପୁଲିସ ପରେ ସିଡ୍ଲ୍ୟୁସିକୁ ପଠେଇ ଦେଇଥିବା ଜଣାପଡିଛି।

# ୭ ଦଫା ଦାବିରେ ମଧ୍ୟାହ୍ନଭୋଜନ ପାଚକ ମହାସଂଘର ବିକ୍ଷୋଭ



ସମ୍ବଲପୁର, ୨୪।୧୧ (ସମିସ) :ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ପକ୍ଷରୁ ରାଲି କରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ସେମାନଙ୍କ ୭ ଦଫା ଦାବିପୂରଣ ନହେଲେ ଆଗାମୀ ଦିନରେ ବିଧାନସଭା ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। ସୋମବାର ପୂର୍ବାହ୍ନରେ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ଆନୁକୂଲ୍ୟରେ ପାଚିକାଙ୍କ ୭ଦଫା ଦାବିପୂରଣ ପାଇଁ ଶୋଭାଯାତ୍ରା ନାରୀସେବା ସଦନଠାରୁ ବାହାରି ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ରାଲି ଓ ବିକ୍ଷୋଭରେ ଶହ ଶହ ମଧ୍ୟାହ୍ନ ଭୋଜନ ରୋଷେୟା ଓ ସହାୟିକା ଯୋଗ ଦେଇଥିଲେ। ଦାବିଗୁଡ଼ିକ ମଧ୍ୟରେ ୩୦ ବର୍ଷ ଧରି ଶିକ୍ଷା ଭିତ୍ତିଭୂମିରେ ମଧ୍ୟାହ୍ନଭୋଜନ ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ କାର୍ଯ୍ୟ କରୁଥିବା ପାଚିକାଙ୍କୁ ତୁରନ୍ତ ନିଯୁକ୍ତିପତ୍ର ଯୋଗାଇ ଦେବା, ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ୪୬୨ ଟଙ୍କା ହିସାବରେ ପାଚିକାଙ୍କୁ ମାସିକ ୧୩,୮୦୦ ଟଙ୍କା ପାରିଶ୍ରମିକ ପ୍ରଦାନ, ସ୍କୁଲ୍ ମ୍ୟାନେଜମେଣ୍ଟ କମିଟି ପାଚିକାଙ୍କ ନିଯୁକ୍ତି ଏବଂ ଅବସର ବିଷୟ ବିଚାର କରୁଥିବା ବେଳେ ଉକ୍ତ କ୍ଷେତ୍ରରେ ନିଜେ ସରକାର ଅନ୍ତର୍ଭୁକ୍ତ ରହିବା, ପରିବାରର ଜଣକୁ ଉକ୍ତକ୍ଷେତ୍ରରେ ପୁନଃ ଥଇଥାନ କରିବାସହ ୧ ଲକ୍ଷ ଟଙ୍କା ଅବସରକାଳୀନ ଭତ୍ତା ପ୍ରଦାନ, ପାରିଶ୍ରମିକ ମାସର ପ୍ରଥମ ସପ୍ତାହରେ ଦେବା, ପାଚିକାଙ୍କୁ ୧୦ମାସ ବଦଳରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ଭଳି ୧୨ ମାସର ଦରମା ପ୍ରଦାନ, ପାଚିକାମାନଙ୍କୁ ବୈଧ ପରିଚୟପତ୍ର ପ୍ରଦାନ, ତିନି ମାସର ବକେୟା ପାରିଶ୍ରମିକ ତୁରନ୍ତ ପ୍ରଦାନ ଆଦି ରହିଛି। ଆଗାମୀ ଶୀତକାଳୀନ ଅଧିବେଶନ ପୂର୍ବରୁ ସମସ୍ତ ଦାବି ପୂରଣ କରାନଗଲେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଚେତାବନୀ ଦିଆଯାଇଛି। ରାଲି ଓ ବିକ୍ଷୋଭରେ ରାଜ୍ୟର ବରିଷ୍ଠ ଉପସଭାପତି କାର୍ତ୍ତିକ ସାହା, ଶାନ୍ତି ଲୋହରା, ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ସରୋଜିନୀ କୁମୁରା,ରାଜ୍ୟ ସମ୍ପାଦକ ସୁରେନ୍ଦ୍ର ଧରୁଆ, ବିଜୟ ପୃଷେଠ, ସମ୍ବଲପୁର ଜିଲ୍ଲା ନେତ୍ରୀ ସୁମନ୍ତିନୀ ପୋଡ଼, ବିଳାସିନୀ,ଅରୁଣାଙ୍କ ସମେତ ବହୁ ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଜିଲ୍ଲା ସଂସ୍କୃତି ଅଧିକାରୀ ପଦବୀ ପୂରଣ ଦାବି



ସମ୍ବଲପୁର,୨୪।୧୧(ସମିସ):ସୁନ୍ଦରଗଡ଼ ଜିଲ୍ଲାରେ ସଂସ୍କୃତି ଅଧିକାରୀ କେହି ନାହାନ୍ତି। ୧୭ ଗୋଟି ବ୍ଲକକୁ ନେଇ ଏହି ଜିଲ୍ଲାରେ ସଂସ୍କୃତି ଅଧିକାରୀ ପଦବୀ ପୂରଣ ଲାଗି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜକୁ ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଇଛି। ସମ୍ବଲପୁର ଗସ୍ତରେ ଆସିଥିବା ମନ୍ତ୍ରୀଙ୍କୁ ମଞ୍ଚ ପକ୍ଷରୁ ସଦସ୍ୟଗଣ ଭେଟି ଦାବି ପତ୍ର ଦେଇଛନ୍ତି। ଜିଲ୍ଲାରେ ସଂସ୍କୃତି ଅଧିକାରୀ ପଦବୀ ପୂରଣ କରିବାକୁ ମଞ୍ଚ ଅନୁରୋଧ କରିଛି।

## ବିଦ୍ୟାଳୟରୁ ବିଭିନ୍ନ ସାମଗ୍ରୀ ଚୋରି

କୁଚିଣ୍ଡା,୨୪।୧୧(ସମିସ): ସମ୍ବଲପୁର ଜିଲ୍ଲା ବାମରାସ୍ଥିତ ହରିପଡ଼ା ପ୍ରାଥମିକ ବିଦ୍ୟାଳୟରୁ ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଗୋବିନ୍ଦପୁର ଥାନାରେ ଅଭିଯୋଗ ରହିଛି। ସୂଚନା ଅନୁସାରେ ଗତ ରବିବାର ରାତିରେ କେହି ଦୁର୍ବୃତ୍ତ ହରିପଡ଼ାସ୍କୁଲର କବାଟ ତାଲା ଭାଙ୍ଗି ଗୋଡରେଜ ଭାଙ୍ଗି ବିଭିନ୍ନ ଆବଶ୍ୟକୀୟ ସାମଗ୍ରୀ ଚୋରି କରି ନେଇଥିଲେ।ସୋମବାର ଦିନ ସ୍କୁଲ ଶିକ୍ଷୟତ୍ରୀ ମୋତି ମରେଇ ସ୍କୁଲରେ ପହଞ୍ଚି ଚୋରି ବିଷୟରେ ଜାଣି ଏସଏମସି କମିଟିକୁ ସୂଚନା ଦେଇଥିଲେ। ପରିଚାଳନା କମିଟି ସଦସ୍ୟ ଓ ଅନ୍ୟମାନେ ମିଶି ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ରହିଛି।ପୁଲିସ ଯାଞ୍ଚ ଆରମ୍ଭ କରିଛି।

● ସମ୍ବଲପୁରରେ ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ କାର୍ଯ୍ୟକ୍ରମ

## ସମୃଦ୍ଧି ପାଇଁ ଯୋଜନା କରିବା ପାଇଁ ପଡ଼ିବ




ସମ୍ବଲପୁର, ୨୪।୧୧ (ସମିସ): ସ୍ୱାଧୀନତା ପୂର୍ବରୁ ଆମେ ସ୍ୱରାଜ ପାଇଁ ଲଢ଼େଇ କରିଥିଲେ। ଆଜି ସମୃଦ୍ଧି ପାଇଁ ଯୋଜନା କରିବା ପାଇଁ ପଡ଼ିବ ବୋଲି ସୋମବାର ସମ୍ବଲପୁରରେ ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ସେ କହିଛନ୍ତି ଯେ, ସମବାୟ ଆମ ସମାଜର ଅବିଚ୍ଛେଦ୍ୟ ଅଙ୍ଗ। ଏହା କେବଳ ଏକ ବ୍ୟବସାୟିକ ମଡେଲ୍ ନୁହେଁ, ଏହା ହେଉଛି ଏକ ବିଚାର। ମଧୁବାବୁଙ୍କ ଉତ୍କଳ ଟ୍ୟାନେରୀ ହେଉ କିମ୍ବା ସର୍ଦ୍ଦାର ପଟେଲଙ୍କ ଦ୍ୱାରା ପ୍ରେରିତ ଅମୂଲ୍ ଭଳି ସଂସ୍ଥା, ଏମାନେ ସମବାୟର ଶକ୍ତିଶାଳୀ ଉଦାହରଣ। ଗ୍ରାମୀଣ ଅର୍ଥନୀତି ଓ କୃଷକମାନଙ୍କୁ ସଶକ୍ତ କରିବାରେ ଏହି ବିଚାର ଅତୁଳନୀୟ ଭୂମିକା ଗ୍ରହଣ କରିଛି।ସମବାୟ କ୍ଷେତ୍ରକୁ ଦେଶର ବିକାଶର ମୂଳ ସ୍ରୋତରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଦୂରଦୃଷ୍ଟି ଆଜି ସାରାଦେଶରେ ଏକ ନୂତନ ଉତ୍ସାହ ସୃଷ୍ଟି କରିଛି।ରାଜ୍ୟରେ ନୂଆ ସମୟବାୟ ନୀତି ଯୋଜନା ଚାଲିଛି। କେନ୍ଦ୍ରୀୟ ସମବାୟ ନୀତି ଆସିସାରିଛି। ସମବାୟ ମାଧ୍ୟମରେ ବହୁବିଧ ବ୍ୟବସାୟ କରାଇବା ଉପରେ ସରକାର ଜୋର ଦେଉଛନ୍ତି। ଆଗାମୀ ଦିନରେ ପ୍ରତି ପଞ୍ଚାୟତସ୍ତରରେ ଗୋଟିଏ ଲେଖାଏଁ ସମବାୟ ପ୍ରଶିକ୍ଷଣ ଶିବିର କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେବା ସହ ନୂଆପିଢ଼ିର ଯୁବକମାନଙ୍କୁ ସେଥିରେ ସାମିଲ କରିବାପାଇଁ କହିଛନ୍ତି। ସମ୍ବଲପୁର ଜିଲ୍ଲାରେ ଆଗାମୀ ଦିନରେ ୧୫୦ଟି ବହୁମୁଖୀ ସମବାୟ ସମିତି ଗଠନ ସହ ୫୦ଟି କୃଷି ଉତ୍ପାଦ ସଂଗଠନ (ଏଫପିଓ) ଗଠନ କରିବାକୁ ଆହ୍ୱାନ ଦେଇଛନ୍ତି। ଆଗାମୀ ୨ ବର୍ଷ ଭିତରେ ଜିଲ୍ଲାର ସବୁ ପରିବାର ଏଫପିଓ କିମ୍ବା ସମବାୟ ସମିତିରେ ଯୋଡ଼ି ହେବାପାଇଁ ସେ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁର : ୨୮ ରେ ଖୋଲିବ ମଣ୍ଡି, ଅମଳ କରି ପ୍ରସ୍ତୁତ ରଖିଲାଣି ଚାଷୀ

## ଯୁଗ୍ମ ଅଭିଯୋଗ ଜନଶୁଣାଣି

ରେଢ଼ାଖୋଲ,୨୪।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସଭାଗୃହରେ ସୋମବାର ଦିନ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ମୋଟ ୭ ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତଗତ ୫୬ ଓ ଗୋଷ୍ଠିଗତ ୧୬ ଅଭିଯୋଗ ଦାଖଲ ହୋଇଥିଲା। ଅଭିଯୋଗ ଗୁଡିକ ମଧ୍ୟରେ ପାନୀୟଜଳ, ରାସ୍ତା, ସ୍ୱାସ୍ଥ୍ୟ, ଜମିଜମା, ବାର୍ଦ୍ଧକ୍ୟ ଭତ୍ତା ଇତ୍ୟାଦି ରହିଛି। ଏହି ଅଭିଯୋଗ ଶୁଣାଣିରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ରେଢ଼ାଖୋଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମେହେର, ରେଢ଼ାଖୋଲ ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି ପ୍ରମୁଖ ସମେତ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ।




## ଓବିସିଙ୍କୁ ସ୍ୱତନ୍ତ୍ର ୨୭% ସଂରକ୍ଷଣ ଦାବି



ସମ୍ବଲପୁର, ୨୪।୧୧ (ସମିସ) : ଓବିସି ମଞ୍ଚ ଓଡ଼ିଶା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସମ୍ବଲପୁରଙ୍କ ମାଧ୍ୟମରେ ଓବିସି ମଞ୍ଚ ଓଡ଼ିଶା କାର୍ଯ୍ୟକାରୀ ସଭାପତି ରଞ୍ଜିତାରାଣୀ ପ୍ରଧାନ ଆଜି ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଛନ୍ତି। ଆର୍‌ଡିସିଙ୍କ ଅନୁପସ୍ଥିତିରେ ତାଙ୍କ ସଚିବ ଏହା ଗ୍ରହଣ କରିଛନ୍ତି। ଦାବିପତ୍ରରେ ମୁଖ୍ୟତଃ ୩ଟି ବିଷୟ ଉପରେ ପ୍ରାଧାନ୍ୟ ଦିଆଯାଇଛି। ତନ୍ମଧ୍ୟରେ ଓବିସିଠାରୁ ଏସିବିସିଙ୍କୁ ଅଲଗା କରାଯାଉ, ଓଡ଼ିଶାରେ ଓବିସିମାନଙ୍କୁ ୨୭% ସରକାରୀ ଓ ବେସରକାରୀ ସଂସ୍ଥାରେ ଚାକିରି ଦେବା, ଶିକ୍ଷାକ୍ଷେତ୍ରରେ ୨୭% ସ୍ଥାନ ସଂରକ୍ଷଣ ରଖାଯିବା, ଶାସନରେ ୱାର୍ଡମେମ୍ବରଠାରୁ ସରପଞ୍ଚ, ସମିତିସଭ୍ୟ, ଅଧ୍ୟକ୍ଷ, ବିଧାୟକ, ସାଂସଦ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଓବିସିଙ୍କୁ ୨୭% କୋଟା ଲାଗୁ କରାଯିବା ଆଦି ଦାବି ରହିଛି। ଉପରୋକ୍ତ ଦାବି ଗୁଡ଼ିକୁ ନେଇ ସାରା ଓଡ଼ିଶାରେ ଦସ୍ତଖତ ଅଭିଯାନ ଓ ଜନଜାଗରଣ ରାଜ୍ୟ ଓବିସି ମଞ୍ଚ ଜାରି ରଖିଥିବା ସୂଚନା ମିଳିଛି।

### ଏନ୍‌କ୍ଲୋଜର୍‌ର ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# କାଚ ଖୁଆଡ଼ରେ ଲୋକ ଦେଖିବେ ୪ ରୟାଲ ବେଙ୍ଗଲ ଟାଇଗର

ସମ୍ବଲପୁର,୨୪।୧୧(ସମିସ):





ସମ୍ବଲପୁର ଚିଡ଼ିଆଖାନାରେ କାଚରେ ନିର୍ମିତ ହେବ ଖୁଆଡ଼।ପ୍ରାୟ ୧୪୦୦ ବର୍ଗ ମିଟର କାଚ ଖୁଆଡ଼ରେ ରହିବେ ବେଙ୍ଗଲ ଟାଇଗର। ୪ଟି ରୟାଲ ବେଙ୍ଗଲ ଟାଇଗରକୁ କାଚ ଖୁଆଡ଼ରେ ଲୋକ ଦେଖିବାର ସୁଯୋଗ ପାଇବେ। ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶିଳାନ୍ୟାସ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟବରାଦରେ ଶ୍ରୀବୃଦ୍ଧି କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ଚିଡ଼ିଆଖାନାରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି।ବାଘ ଖୁଆଡ଼(ଏନକ୍ଲୋଜୋର), ମଗର ଖୁଆଡ଼ ଓ ଘଡ଼ିଆଳ ଖୁଆଡ଼ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।"ସମ୍ବଲପୁର ଜୁ' କୁ ଓଡ଼ିଶାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ଓ ଆକର୍ଷଣ କେନ୍ଦ୍ର ଭାବେ ପରିଣତ କରିବା ଆମର ଲକ୍ଷ୍ୟ ରହିଛି। ଏହି ସ୍ମଲ୍ ଜୁକୁ ମିଡ୍ ସାଇଜ୍ ଜୁରେ ପରିଣତ କରିବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆବଶ୍ୟକ ୩୫ ହେକ୍ଟର ଜମି ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ବିଭାଗରୁ ଏକତ୍ରୀକରଣ କରାଯାଇ ସମ୍ବଲପୁର ଜୁ' ଅଥରିଟି ଗଠନ ପାଇଁ ଯୋଜନା କରାଯାଉଛି। ବର୍ତ୍ତମାନ ଏହି ଚିଡ଼ିଆଖାନାରେ କଲରାପତରିଆ ବାଘ ଅଛନ୍ତି ଏବଂ ଦର୍ଶକମାନେ ଗ୍ଲାସ୍ ହାଉସ୍ ମାଧ୍ୟମରେ ସେମାନଙ୍କୁ ଦେଖିବାର ସୁଯୋଗ ପାଉଛନ୍ତି। ଏଠାରେ ନୂତନ ଗ୍ଲାସ୍ ଖୁଆଡ଼ ନିର୍ମାଣ ପରେ କର୍ତ୍ତୃପକ୍ଷ ଏଠାକୁ ଦୁଇ ଯୋଡ଼ା ବା ୪ଟି ରୟାଲ୍ ବେଙ୍ଗଲ ଟାଇଗର ଆଣିବାକୁ ଯୋଜନା କରିଛନ୍ତି। ବର୍ତ୍ତମାନ ୭୦ରୁ ଅଧିକ ପଶୁପକ୍ଷୀ ଥିବା ଏହି ଚିଡ଼ିଆଖାନାରେ ଆଗାମୀ ଦିନରେ ଅଧିକ ପକ୍ଷୀଙ୍କ ରହିବା ପାଇଁ ବ୍ୟବସ୍ଥା କରାଯିବ।ପ୍ରାଣୀ ଉଦ୍ୟାନର ଉନ୍ନତିକରଣ ଦ୍ୱାରା ଏହା ଜାତୀୟ ସ୍ତରରେ ଏକ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଗଣିତ ହେବ। ବାଘ, ମୁଗର ଏବଂ ଘଡ଼ିଆଳ ଭଳି ବିରଳ ଜୀବଜନ୍ତୁଙ୍କୁ ଦେଖିବା ପାଇଁ ଅନେକ ପର୍ଯ୍ୟଟକ ଆକୃଷ୍ଟ ହେବେ। ଶ୍ରୀ ପ୍ରଧାନ କହିଛନ୍ତି, ପ୍ରାଣୀ ଉଦ୍ୟାନ ହେଉଛି ପରିବେଶ ଶିକ୍ଷାର ଏକ ଖୋଲା ବିଦ୍ୟାଳୟ। ଛାତ୍ରଛାତ୍ରୀ ଏବଂ ସାଧାରଣ ଜନତା ଏହି ଏନକ୍ଲୋଜରଗୁଡ଼ିକ ମାଧ୍ୟମରେ ପ୍ରାଣୀ ଜଗତ ବିଷୟରେ ନିକଟରୁ ଜାଣିପାରିବେ। ନୂତନ ଭାବେ ନିର୍ମିତ ଏନକ୍ଲୋଜରଗୁଡ଼ିକ ଜୀବଜନ୍ତୁଙ୍କୁ ବଞ୍ଚାଇବାର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରିବ।ଏହା ସହ ସମ୍ବଲପୁର ଜିଲ୍ଲାର ହୀରାକୁଦ, ଦେବ୍ରିଗଡ଼, ଉଷାକୋଠି ଓ ଭୀମମଣ୍ଡଳୀର ରକ୍ ଆର୍ଟ ଅଞ୍ଚଳରେ ମଧ୍ୟ ପର୍ଯ୍ୟଟକଙ୍କ ସୁବିଧା ବୃଦ୍ଧି କରି ଜିଲ୍ଲାର ହସ୍ତତନ୍ତ, ବୟନଶିଳ୍ପ, କାରିଗରୀ, ଖାଦ୍ୟପେୟ ଏବଂ ମା' ସମଲେଶ୍ୱରୀଙ୍କ ମନ୍ଦିରକୁ ସୋ କେସ୍ କରାଯିବାର ଯୋଜନା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

● 'ସମ୍ବଲପୁର ଚିଡ଼ିଆଖାନା' ହେବ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ଓ ଆକର୍ଷଣ କେନ୍ଦ୍ର'
● ବାଘ ଖୁଆଡ଼, ମଗର ଖୁଆଡ଼ ଓ ଘଡ଼ିଆଳ ଖୁଆଡ଼ର ଭିତ୍ତିପ୍ରସ୍ତର ସ୍ଥାପନ

# ସମ୍ପାଦକୀୟ



ଭୋଟ, ଗୁଳିଗୁଳାଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ !
-ଆବ୍ରାହାମ୍ ଲିଙ୍କନ୍

ସକାଳ
THE SAKALA

## ମୋଦୀ– ମେଲୋନି

ଜର୍ଜିଆ ମେଲୋନି ଇଟାଲୀର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ । ପୁରୁଷପ୍ରାଧାନ୍ୟ ନେତୃତ୍ୱ ମଧ୍ୟରେ ମହିଳା ରାଷ୍ଟ୍ରମୁଖ୍ୟ ଭାବେ ସେ ବାରି ହୋଇପଡ଼ନ୍ତି । ଶୈଶବରୁ ଜୀବନ ସହ ଯୁଝିଥିବା ମେଲୋନି ନିଜର ସବୁ ଇଚ୍ଛାପୂର୍ତ୍ତିରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ ମଧ୍ୟ ହାର ସ୍ୱୀକାର କରିନାହାନ୍ତି । ମୁସୋଲିନୀଙ୍କ ଫାସୀବାଦ ଇଟାଲୀର ଜନଜୀବନରେ ଅଗ୍ରାହ୍ୟ ଓ ନିନ୍ଦିତ ହୋଇଥିବା ବେଳେ ସେ ସେହି ଦକ୍ଷିଣପନ୍ଥୀ ଆଦର୍ଶର ଅନୁଗାମୀ ହୋଇ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ତାହା ହିଁ ତାଙ୍କୁ ଶେଷରେ ରାଷ୍ଟ୍ରମୁଖ୍ୟ ହେବାର ସୁଯୋଗ ଆଣିଦେଇଛି ।

ଆଦର୍ଶ ଓ ଆଚରଣଗତ ସାମ୍ୟତା ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ମେଲୋନିଙ୍କ ସଂପର୍କ ସୁଦୃଢ଼ ହୋଇଛି । ଏମିତିରେ ଭାରତ ୧୪୦ କୋଟି ଜନତାଙ୍କ ସର୍ବବୃହତ ଗଣତନ୍ତ୍ର । ଜି-୨୦ ଓ ଜି-୭ ଶିଖର ସମ୍ମିଳନୀର ପୃଷ୍ଠଭାଗରେ ମୋଦୀ-ମେଲୋନୀଙ୍କ ମଧ୍ୟରେ ଭାବବିନିମୟରୁ ଭାରତ ଉପକୃତ ହୋଇଛି କହିଲେ ଭୁଲ ହେବନି । ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବର୍ଦ୍ଧିତ ଟାରିଫ ଓ 'ଅପରେସନ ସିନ୍ଦୂର' ପରବର୍ତ୍ତୀ ପରିସ୍ଥିତିରେ ୟୁରୋପୀୟ ରାଷ୍ଟ୍ରଙ୍କ ସହ ଭାରତର କୂଟନୈତିକ ସଂପର୍କ କ୍ଷୁଣ୍ଣ ହୋଇଥିବା ବେଳେ ମେଲୋନିଙ୍କ ପ୍ରଭାବୀ ଭୂମିକା ମାର୍ଗଦର୍ଶନରେ ସହାୟକ ହୋଇଥିଲା । ୟୁରୋପୀୟ ରାଷ୍ଟ୍ର ସଂଘ ସହ ଭାରତର ବାଣିଜ୍ୟିକ ଚୁକ୍ତିନାମା ସଂପ୍ରତି ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରିଛି । ଦୁଇ ନେତୃତ୍ୱ ମଧ୍ୟରେ ସଂପର୍କର ଘଟଣାକ୍ରମ ଏକ ସେଲଫିଁକୁ ନେଇ ବେଶ ରୋଚକ ମୋଡ଼ ନେଇଥିଲା । ଦୁବାଇରେ ଅନୁଷ୍ଠିତ ସିଓପି – ୨୮ ଶିଖର ସମ୍ମିଳନୀରେ ଯୋଗ ଦେଇଥିଲେ ଦୁଇ ରାଷ୍ଟ୍ରମୁଖ୍ୟ । ସେତେବେଳେ ମେଲୋନି ମୋଦୀଙ୍କ ସହ ଉଠାଇଥିବା ସେଲ୍ଫି ପୋଷ୍ଟ କରିଥିଲେ । ଏହାର ଉତ୍ତରରେ ଦୁଇ ରାଷ୍ଟ୍ର ସଂପର୍କ ସୁଦୃଢ଼ ଓ ନିବିଡ଼ ହେଉ ବୋଲି କାମନା କରିଥିଲେ ମୋଦୀ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ୭୫ ତମ ଜନ୍ମଦିବସରେ ମେଲୋନି ପଠାଇଥିବା ଶୁଭେଚ୍ଛା ଭିଡିଓ, ମେଲୋନିଙ୍କ ଆତ୍ମଜୀବନୀ ପୁସ୍ତକର ଭାରତୀୟ ସଂସ୍କରଣରେ ମୋଦୀ ଲେଖିଥିବା ଭୂମିକାରେ ପରସ୍ପର ପ୍ରତି ଥିବା ଶ୍ରଦ୍ଧା ଓ ସମ୍ମାନ ପରିସ୍ଫୁଟ ହୋଇଛି । କୂଟନୈତିକ ସ୍ତରରେ ଏଭଳି ସଂପର୍କ ଓ ସଦ୍‌ଭାବର କେବଳ ଆବଶ୍ୟକତା ନୁହେଁ ସ୍ୱତନ୍ତ୍ର ଗୁରୁତ୍ୱ ମଧ୍ୟ ରହିଛି ।

ଦକ୍ଷିଣ ଆଫ୍ରିକାର ଜୋହନ୍‌ସବର୍ଗରେ ଆୟୋଜିତ ଜି-୨୦ ଶିଖର ସମ୍ମିଳନୀରେ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ପୁଣି ଆଳାପଆଲୋଚନା ହୋଇଛି । ଏଥର ଉଦ୍‌ଘାଟନୀ ଦିବସରେ ମିଳିତ ଘୋଷଣାନାମା ଜାରି କରାଯାଇଛି । ଆତଙ୍କବାଦର ସମସ୍ତ ସ୍ୱରୂପକୁ ଉପସ୍ଥିତ ସବୁନେତା ମିଳିତ ସ୍ୱରରେ ନିନ୍ଦା କରିବା ଭାରତ ପାଇଁ ଏକ ବଡ଼ ସଫଳତା କୁହାଯାଇପାରେ । ପ୍ରଧାନମନ୍ତ୍ରୀ ମୋଦୀ ଉପସ୍ଥାପନ କରିଥିବା ୪ଟି ପ୍ରସ୍ତାବ ମଧ୍ୟରୁ ଡ୍ରଗ୍ସ ଆତଙ୍କବାଦ ସଂପର୍କ ଓ ସ୍ୱାସ୍ଥ୍ୟଯତ୍ନ ପାଇଁ ବିଶ୍ୱସ୍ତରୀୟ ଟିମ ବା ଗୋଷ୍ଠୀର ଗଠନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆମେରିକା, ଚୀନ ଓ ରୁଷିଆର ଅନୁପସ୍ଥିତି ସତ୍ତ୍ୱେ ଏହି ଶିଖର ସମ୍ମିଳନୀରେ ଅନୁମୋଦିତ ପ୍ରସ୍ତାବ ବିଶ୍ୱ ସମୁଦାୟର ଆସ୍ଥା ଓ ବିଶ୍ୱାସଭାଜନ ହେବ ବୋଲି ଆଶା କରୁ ।

## ନିଲାମ ନୁହେଁ, ଲଟେରୀ

ଆନ୍ତଃ ରାଜ୍ୟ ବାଲିମାଫିଆ ଓଡ଼ିଶାରେ ସକ୍ରିୟ । ସ୍ଥାନୀୟ ଲୋକଙ୍କ ସହାୟତା ବିନା ଏହା ଅସମ୍ଭବ । ସରକାରଙ୍କ ଜ୍ଞାତସାରରେ ଏସବୁ ଚାଲିଛି । ରାଜ୍ୟବାସୀଙ୍କ ଚାହିଦା ବା ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ଅଧିକ ମୂଲ୍ୟ ଦେବାକୁ ପଡୁଛି । ରାଜ୍ୟ ବାହାରକୁ ବାଲିଚାଲଣ ରୋକିବାରେ ସରକାର ଅସମର୍ଥ ହୋଇଛନ୍ତି । ତେଣୁ ନିକଟରେ ସରକାର ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ – ୨୦୧୬ ର ସଂଶୋଧନ ମାଧ୍ୟମରେ ସ୍ଥିତି ସୁଧାରିବାକୁ ଅଣ୍ଟା ଭିଡ଼ିଛନ୍ତି । ଏଣିକି ସାରା ରାଜ୍ୟରେ ଗୋଟିଏ ବାଲି ଦର ଲାଗୁ ହେବ । ରାଜ୍ୟ ସରକାର ବାଲି ପାଇଁ ଏମଏସପି (ସର୍ବାଧିକ ବିକ୍ରିମୂଲ୍ୟ) ଧାର୍ଯ୍ୟ କରିବେ । ବାଲିଘାଟଧାରୀ ସରକାରଙ୍କ ଧାର୍ଯ୍ୟ ଦରରେ ବିକିବେ । ଏହାର ଉଲ୍ଲଙ୍ଘନ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଛି । ସରକାରୀ ନିଷ୍ପତ୍ତିର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଲା, ଇ-ନିଲାମ ପରିବର୍ତ୍ତେ ଇ-ଲଟେରୀ ମାଧ୍ୟମରେ ବାଲିଘାଟଗୁଡ଼ିକୁ ଲିଜ୍ ଦିଆଯିବ । ନିଲାମ ଓ ଲଟେରୀ ବ୍ୟବସ୍ଥାରେ ଥିବା ପାର୍ଥକ୍ୟ ସହଜରେ ଅନୁମେୟ । ସରକାରଙ୍କ ପାଖଲୋକଙ୍କୁ ଖୋଲାହାତରେ ବାଲିଘାଟ ଲିଜ୍ ଦେବାରେ ଲଟେରୀ ବ୍ୟବସ୍ଥା ସହାୟକ ହେବ । ଯେଉଁ କାରଣରୁ ଲଘୁ ଖଣିଜ ସାମଗ୍ରୀ ଲୁଟ ଓ ଚୋରା ଚାଲାଣକୁ ରୋକାଯାଇ ପାରୁନି, ତାହାର କ୍ଷେତ୍ର ଏହାଦ୍ୱାରା ସଂପ୍ରସାରିତ ହେବ । ଅନ୍ୟଏକ ଦିଗ ହେଲା ରାଜ୍ୟ ବାହାରକୁ ବାଲି ଚୋରାଚାଲାଣ ରୋକିବା ପାଇଁ କୌଣସି ନିଷ୍ପତ୍ତି ନିଆଯାଇନାହିଁ ।

ବର୍ଷାଋତୁରେ ନଦୀରେ ପାଣି ଆସୁଥିବାରୁ ବାଲି ଦୁର୍ଲଭ ହୋଇପଡ଼େ । ବାଲି ମାଫିଆମାନେ ଯଥେଷ୍ଟ ପୂର୍ବରୁ ନଦୀ ଶଯ୍ୟାରୁ ବାଲି ଉଠାଇ ବିଭିନ୍ନ ସ୍ଥାନରେ ଗଚ୍ଛିତ କରି ରଖିଥା'ନ୍ତି । ସେହି ସୂତ୍ରରୁ ମନଇଚ୍ଛା ମୂଲ୍ୟ ନିର୍ଦ୍ଧାରଣ କରି ଲୋକଙ୍କୁ ଯୋଗାଇଥା'ନ୍ତି । ଷ୍ଟୋରେଜ ଲାଇସେନ୍ସ ବିନା କେହି ବାଲି ଗଚ୍ଛିତ ରଖିପାରିବେ ନାହିଁ ବୋଲି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହା ଉଭୟ ବାଲି ଓ ଅନ୍ୟ ଲଘୁଖଣିଜ ସାମଗ୍ରୀ କ୍ଷେତ୍ରରେ ପ୍ରୟୋଗ କରାଯିବ । ଖଣିଜ ପଦାର୍ଥର ମାନ ନିର୍ଣ୍ଣୟରେ ଚାଲିଥିବା କାରସାଦିକୁ ରୋକିବା ସକାଶେ ଡିଜିଟାଲ ଜ୍ଞାନକୌଶଳର ପ୍ରୟୋଗ କରାଯିବ । ଏପରିକି ଚୋରା ଖଣିଜ ପଦାର୍ଥ ଜବତ ସମୟରେ ମଧ୍ୟ ପୋର୍ଟେବଲ୍ ବିଶ୍ଳେଷକ ମାଧ୍ୟମରେ ଗ୍ରେଡ୍ ନିର୍ଦ୍ଧାରଣ କରାଯିବ । ସେହିପରି ସବୁ ଖଣିରେ ଆରଏଫଆଇଡି ବୁମ ବ୍ୟାରିୟର ଲଗାଯିବ । ଫଳରେ ଖଣିରୁ ମାଲବାହୀ ଗାଡ଼ି ବାହାରିବା ସମୟରେ ଟ୍ରାକିଂ କରାଯାଇ ପାରିବ । କେଉଁଠି ଓ କାହା ମାଧ୍ୟମରେ ଚୋରା ଖଣିଜ ସାମଗ୍ରୀ ଚାଲାଣ ହେଉଛି ତାହା ଧରିବାରେ ଏହା ସହାୟକ ହେବ । ଓଡ଼ିଶା ଖଣିଜ ପଦାର୍ଥ ୨୦୨୫ ସଂଶୋଧନ ଆଇନରେ ଏହି ସବୁ ଦିଗ ପ୍ରତି ଧ୍ୟାନ ଦିଆଯାଇଛି ।

ବ୍ୟବସ୍ଥାଗତ ପରିବର୍ତ୍ତନ ଓ ତାହାର କାର୍ଯ୍ୟକାରିତାରେ କେଉଁଠି ନା କେଉଁଠି ଅସାମଞ୍ଜସ୍ୟ ରହିଯାଉଥିବାରୁ ରାଜ୍ୟରୁ ଲଘୁଖଣିଜ ସାମଗ୍ରୀ ଲୁଟ୍‌କୁ ରୋକାଯାଇ ପାରୁନାହିଁ । ଲିଜଧାରୀ ପ୍ରତ୍ୟକ୍ଷରେ ରାଜନୈତିକ ବ୍ୟକ୍ତିବିଶେଷ ନହେଲେ ମଧ୍ୟ ତାଙ୍କ ଚେଲାଚାମୁଣ୍ଡାଙ୍କୁ ସୁବିଧା ସୁଯୋଗ ମିଳୁଛି । ଏକ୍ଷେତ୍ରରେ ଇ-ଲଟେରୀ ବ୍ୟବସ୍ଥା ଯେ ସହାୟକ ହେବ ଏଥିରେ ଦ୍ୱିମତ ହେବାର ନାହିଁ । ଏବାବଦରେ ରୋଜଗାର ହେଉଥିବା କଳାଧନକୁ ରୋକିବା ପରିବର୍ତ୍ତେ ସରକାର ବ୍ୟବସ୍ଥିତ ଢଙ୍ଗରେ ମୁକୁଳା କରିଦେବାର ସୁଯୋଗ ସୃଷ୍ଟି କରିଛନ୍ତି । ତେଣୁ ଆଗାମୀ ଦିନରେ ଧରପଗଡ଼ ଆହୁରି ଢିଲା ହୋଇଯିବା ଏକପ୍ରକାର ଥୟ ।

# ଗଣତାନ୍ତ୍ରିକ ବ୍ୟବସ୍ଥାରେ ପୁଞ୍ଜି

ଅଂଶୁମାନ ନାୟକ

ନିକଟରେ ବିହାର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇ ନୂଆ ସରକାର ଶପଥ ନେଇଛି । ଗଣତନ୍ତ୍ରର ଏହି ପର୍ବରେ ବହୁତ କିଛି ଦେଖିବାକୁ ମିଳିଥିଲା, ଯାହାକି ରୋମାଞ୍ଚକର ଥିଲା । ନିର୍ବାଚନ ପ୍ରଚାର ପାଇଁ ହେଲିକପ୍ଟର ଓ ଚାର୍ଟାର୍ଡ ପ୍ଲେନ୍‌ର ବହୁଳତା ଦେଖିବାକୁ ମିଳିଥିଲା । ଗଣମାଧ୍ୟମରେ ପ୍ରକାଶିତ ତଥ୍ୟାନୁଯାୟୀ ନଭେମ୍ବର ୧୧ ତାରିଖ ସୁଦ୍ଧା ପାଟ୍‌ନା ଆନ୍ତର୍ଜାତିକ ବିମାନ ବନ୍ଦରରେ ଦୈନିକ ୨୫ଟି ହେଲିକପ୍ଟର ଓ ୧୨ଟି ଚାର୍ଟାର୍ଡ ବିମାନ ଚଳାଚଳ କରୁଥିଲେ । ସାଧାରଣ ଭାବରେ ଏକଇଞ୍ଜିନ ବିଶିଷ୍ଟ ଏକ ହେଲିକପ୍ଟର ଘଣ୍ଟା ପିଛା ୧.୫ ଲକ୍ଷ ଟଙ୍କା ଭଡ଼ା ନେଉଥିବା ବେଳେ ଦ୍ୱୈତଇଞ୍ଜିନ ବିଶିଷ୍ଟ ହେଲିକପ୍ଟର ଘଣ୍ଟା ପିଛା ୨.୫ ଲକ୍ଷ ଟଙ୍କା ଭଡ଼ା ନେଇଥାଏ । ସେହିପରି ଏକ ଚାର୍ଟାର୍ଡ ପ୍ଲେନ୍ ଘଣ୍ଟା ପିଛା ୪ ରୁ ୯ ଲକ୍ଷ ଟଙ୍କା ଭଡ଼ା ନିଏ । ଏହା ତ କେବଳ ନିର୍ବାଚନ ପ୍ରଚାର ପାଇଁ ଯିବା ଆସିବାର ଖର୍ଚ୍ଚ । ଏକ ରିପୋର୍ଟ ଅନୁଯାୟୀ ସମସ୍ତ ରାଜନୈତିକ ଦଳ ୨୦୦ କୋଟିରୁ ଅଧିକ ଟଙ୍କା କେବଳ ଅନ୍‌ଲାଇନ୍ ପ୍ରଚାର ମାଧ୍ୟମରେ ଖର୍ଚ୍ଚ କରିଛନ୍ତି ।

୨୦୨୨ ମସିହାରେ ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ଯେଉଁଥିରେ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ନିର୍ବାଚନ ଖର୍ଚ୍ଚର ବିବରଣୀ ଦିଆଯାଇଥିଲା । ସେ ବିଜ୍ଞପ୍ତି ଅନୁସାରେ ସଂସଦୀୟ ନିର୍ବାଚନ ପାଇଁ ଜଣେ ପ୍ରାର୍ଥୀ ସର୍ବାଧିକ ୯୫ ଲକ୍ଷ ଟଙ୍କା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଜଣେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ । ସେହି ବିଜ୍ଞପ୍ତିରେ ବିଭିନ୍ନ ରାଜ୍ୟର ଜନସଂଖ୍ୟା ଆଧାରରେ ନିର୍ବାଚନ ଖର୍ଚ୍ଚର ସୀମା ନିର୍ଦ୍ଧାରଣ କରାଯାଇଥିଲା । କିନ୍ତୁ ଏହାକୁ ମାନୁଛି କିଏ? ଏଡିଆର(ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମ)ର ରିପୋର୍ଟ ଅନୁସାରେ ୨୦୨୪ ମସିହାର ସଂସଦୀୟ ନିର୍ବାଚନ ଏବଂ କିଛି ରାଜ୍ୟ ପାଇଁ ହୋଇଥିବା



ବିଧାନସଭା ନିର୍ବାଚନରେ ପାଞ୍ଚୋଟି ଜାତୀୟ ଦଳ ଏବଂ ୨୭ଟି ଆଞ୍ଚଳିକ ଦଳ ମିଶି ୩, ୩୫୨.୮୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯେଉଁଥିରେ କି ଭାରତର ଦୁଇ ପ୍ରମୁଖ ଦଳ ବିଜେପି ୧୪୯୩.୯୧ କୋଟି ଏବଂ କଂଗ୍ରେସ ୬୨୦.୧୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ।

ଏହାତ କେବଳ ଏକ ରାଜନୈତିକ ଦଳର ନିର୍ବାଚନ ପ୍ରଚାର ପାଇଁ ହୋଇଥିବା ଖର୍ଚ୍ଚର ଆଧିକାରିକ ବିବରଣୀ । କିନ୍ତୁ ନିର୍ବାଚନ ପାଇଁ ଲଢୁଥିବା ଆଶାୟୀ ପ୍ରାର୍ଥୀମାନେ ମଧ୍ୟ ନିଜ ପାଖରୁ ବହୁପରିମାଣ ଖର୍ଚ୍ଚ କରନ୍ତି । ଏଥିରୁ ଏହା ପ୍ରମାଣିତ ହେଉଛି ଯେ ନିର୍ବାଚନ ଲଢ଼ିବା ଏକପ୍ରକାର ବ୍ୟୟବହୁଳ ହୋଇପଡ଼ିଛି । ଉଦାହରଣ ସ୍ୱରୂପ ମଧ୍ୟପ୍ରଦେଶର ୪୪% ଜିତିଥିବା ପ୍ରାର୍ଥୀଙ୍କର ନିଜସ୍ୱ ବ୍ୟକ୍ତିଗତ ସମ୍ପତ୍ତି ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ । ଏଡିଆରର ୧୮୩ ପୃଷ୍ଠା ବିଶିଷ୍ଟ ରିପୋର୍ଟ ଅନୁଯାୟୀ ସଦ୍ୟସମାପ୍ତ ବିହାର ନିର୍ବାଚନରେ ଯେଉଁ ପ୍ରାର୍ଥୀମାନେ ନିର୍ବାଚନ ଜିତିଛନ୍ତି, ସେମାନଙ୍କ ମଧ୍ୟରୁ ୯୦% (୨୪୩ ରୁ ୨୧୮ ଜଣ ପ୍ରାର୍ଥୀ) କୋଟିପତି । ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ କୋଟିପତି ପ୍ରାର୍ଥୀମାନଙ୍କର ସଂଖ୍ୟା ପ୍ରତି ନିର୍ବାଚନ ବର୍ଷରେ ବଢ଼ିଚାଲିଛି । ୨୦୧୦ ମସିହାରେ ଜିତିଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ୪୫ ଜଣ କୋଟିପତି ଥିଲେ, ୨୦୧୫ ମସିହାରେ ୧୬୨ ଜଣ, ୨୦୨୦ ମସିହାରେ ୧୯୪ ଜଣ ଏବଂ ବର୍ତ୍ତମାନ ୨୦୨୫ ମସିହା ନିର୍ବାଚନରେ ୨୧୮ ଜଣ ଜିତିଥିବା କୋଟିପତି ପ୍ରାର୍ଥୀ ।

ଏଡିଆର ରିପୋର୍ଟ ଅନୁସାରେ ବିଜେପିର ୮୯ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୭ ଜଣ, ଜେଡିୟୁର ୮୫ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୮ ଜଣ, ଆରଜେଡିର ୨୫ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୨୪ ଜଣ, ଏଲଜେପିର ୧୯ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୬ ଜଣ, ଏଚଏଏମ୍‌ର ୫ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣ, ଏପରିକି କଂଗ୍ରେସର ସମସ୍ତ ୬ ଜଣ ବିଜେତା ପ୍ରାର୍ଥୀ ହେଉଛନ୍ତି କୋଟିପତି । ଏଆଇଏମ୍‌ଆଇଏମ୍‌ର ସମସ୍ତ ୫ ଜଣ ବିଜେତା ପ୍ରାର୍ଥୀ, ଆରଏଲ୍‌ଏମ୍‌ର ସମସ୍ତ ୪ ଜଣ ଜିତିଥିବା ପ୍ରାର୍ଥୀ, ସିପିଆଇଏମ୍, ଆଇଆଇପି, ବିଏସ୍‌ପି ପ୍ରାର୍ଥୀ ମଧ୍ୟ କୋଟିପତି । ଯଦି ସମସ୍ତ ଜିତିଥିବା ବିଧାୟକମାନଙ୍କର ସମସ୍ତ ସମ୍ପତ୍ତିକୁ ଏକାଠି କରାଯିବ ତାହା ୨୧୯୨ କୋଟି ଟଙ୍କା ହେବ ।

ଏହାଫଳରେ ସାଧାରଣ ବର୍ଗରୁ ଆସୁଥିବା ଲୋକମାନେ ନିର୍ବାଚନରେ ଲଢ଼ିବା ପାଇଁ ନିଜକୁ ପ୍ରସ୍ତୁତ ମଧ୍ୟ କରି ପାରୁନାହାନ୍ତି । ଏ ପ୍ରକାର ପରିସ୍ଥିତି କେବଳ ଭାରତରେ ନୁହେଁ, ସମ୍ପୂର୍ଣ୍ଣ ବିଶ୍ୱରେ ସୃଷ୍ଟି ହୋଇସାରିଛି । ଏପରିକି ବିଶ୍ୱର ସବୁଠାରୁ ପୁରୁଣା ଗଣତାନ୍ତ୍ରିକ ରାଷ୍ଟ୍ରର ସ୍ଥିତି ମଧ୍ୟ ଭିନ୍ନ ନୁହଁ । ଆମେରିକାନ୍ ଫର ଟ୍ୟାକ୍ସ ଫେୟାରନେସ୍ ବା ଏଟିଏଫ୍‌ର ଏକ ରିପୋର୍ଟ ଅନୁସାରେ ୨୦୨୪ ମସିହାରେ ହୋଇଥିବା ଆମେରିକୀୟ ରାଷ୍ଟ୍ରପତି ନିର୍ବାଚନରେ ଭାଗ ନେଇଥିବା ଡୋନାଲ୍ଡ ଟ୍ରମ୍ପଙ୍କର ସମର୍ଥନରେ ୧୦୦ ଜଣ ଧନୀ ପରିବାର ୨.୬ ବିଲିୟନ୍ ଡଲାର ଖର୍ଚ୍ଚ କରିଥିଲେ । ଏପରି ଭାବରେ ବିଭିନ୍ନ ଦେଶମାନଙ୍କର ସ୍ଥିତି କିଛିମାତ୍ରାରେ ସମାନ ।

ଅପରପକ୍ଷରେ ଏହାମଧ୍ୟରେ ବହୁତ ଉଦାହରଣ ମଧ୍ୟ ଅଛି, ଯେଉଁଥିରେ କି ସାଧାରଣ ବର୍ଗରୁ ଆସିଥିବା ଲୋକ ମଧ୍ୟ ଏହି ବ୍ୟୟବହୁଳ ଗଣତାନ୍ତ୍ରିକ ନିର୍ବାଚନରେ ଭାଗ ନେଇ ନିଜର ଦକ୍ଷତା ବଳରେ ନିର୍ବାଚନ ଜିତିଛନ୍ତି । ୨୦୧୯ ମସିହା ଓଡ଼ିଶା ବିଧାନସଭା ନିର୍ବାଚନରେ ରାୟଗଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଆଦିବାସୀ ନେତା ମକରନ୍ଦ ମୁଦୁଲି ମାତ୍ର ୧୫୦୦୦ ଟଙ୍କା ଖର୍ଚ୍ଚରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଜିତିଥିଲେ, ଯାହାକି ସେ ସମୟରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଆମେରିକାରେ ମଧ୍ୟ ସେଭଳି ଏକ ଆଶ୍ଚର୍ଯ୍ୟ ଘଟଣା ହୋଇଛି । ଆମେରିକାର ନ୍ୟୁୟର୍କ ସହର ପାଇଁ ହୋଇଥିବା ମେୟର ନିର୍ବାଚନରେ ମମଦାନୀ ପୁଞ୍ଜିପତିମାନଙ୍କର ବିନା ସମର୍ଥନରେ ଏବଂ ଏକ ଅଲଗା ବିଚାରଧାରା ନେଇ ମେୟର ନିର୍ବାଚନରେ ବିଜୟ ଲାଭ କରିଛନ୍ତି । ଏପରିକି ତାଙ୍କୁ ହରାଇବା ପାଇଁ ନ୍ୟୁୟର୍କର ଅଧିକାଂଶ ପୁଞ୍ଜିପତି ମମଦାନୀଙ୍କର ବିରୋଧୀଙ୍କୁ ଆର୍ଥିକ ସହଯୋଗ ମଧ୍ୟ କରିଥିଲେ । ଆମେରିକା ଭଳି ରାଷ୍ଟ୍ର, ଯାହା ପୁଞ୍ଜିବାଦ ଭଳି ବିଚାରଧାରାରେ ତିଆରି ହୋଇଛି, ମମଦାନୀଙ୍କର ବିଜୟ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଲୋକମାନଙ୍କର ବିଶ୍ୱାସକୁ ସୁଦୃଢ଼ କରିଛି ବୋଲି କହିଲେ ଭୁଲ ହବ ନାହିଁ । ମକରନ୍ଦ ମୁଦୁଲି ଓ ମମଦାନୀଙ୍କ ଭଳି ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ପ୍ରମାଣିତ କରିଦେଇଛନ୍ତି ଯେ ଉପଯୁକ୍ତ ରଣକୌଶଳ ଏବଂ ଲୋକସମ୍ପର୍କ ବଳରେ ସବୁକିଛି ସମ୍ଭବ କରାଯାଇପାରିବ । ତାହା ରାୟଗଡ଼ାର ଆଦିବାସୀବହୁଳ ଅଞ୍ଚଳ ହେଉ କି ନ୍ୟୁୟର୍କ ଭଳି ମହାନଗର ହେଉ ।

ଗଣତନ୍ତ୍ରରେ ପୁଞ୍ଜିର ବ୍ୟବହାର ପୂର୍ବରୁ ଥିଲା, ଏବେ ବି ଅଛି ଏବଂ ଆଗକୁ ମଧ୍ୟ ରହିବ । ଏଭଳି ଏକ କଟୁ ସତ୍ୟକୁ ଆପଣମାନଙ୍କୁ ସ୍ୱୀକାର କରିବା ପାଇଁ ପଡ଼ିବ । ମୋ ମତରେ ପୁଞ୍ଜି କହିଲେ ତିନୋଟି କଥାକୁ ବୁଝାଏ । ତାହା ହଉଛି ଉପଯୁକ୍ତ ରଣକୌଶଳ, ଲୋକସମ୍ପର୍କ ଏବଂ ନେତୃତ୍ୱ ନେବାର ଦକ୍ଷତା । ଏହି ତିନୋଟି ପୁଞ୍ଜି ସାମ୍ନାରେ ଗଣତନ୍ତ୍ରର ନିର୍ବାଚନ ମହାପର୍ବରେ ପୁଞ୍ଜିପତିମାନଙ୍କର ଅର୍ଥସମ୍ବଳ ମଧ୍ୟ ହାର ମାନିଯାଏ ।

ମୋ: ୯୮୬୧୫୫୬୭୪୭

# ଗଣିତ ଭୟ ଓ ସଙ୍ଗୀତ ଲୟ

ଡ.ଅନ୍ତର୍ଜିତା ନାୟକ

ଗଣିତକୁ ସର୍ବଦା 'ବିଜ୍ଞାନର ରାଣୀ' କୁହାଯାଏ । ତଥାପି ଅନେକ ପିଲାଙ୍କ ପାଇଁ ଏହା ରାଣୀ ଅପେକ୍ଷା ଏକ ରାକ୍ଷାସୁଣୀ ଭାବେ ଗଣାଯାଏ । ଗଣିତ ପଢ଼ା ହେଉଥିବା ସମୟରେ ଶ୍ରେଣୀଗୃହରେ ଆପଣ ଦେଖିପାରିବେ ପିଲାଙ୍କ ଚିନ୍ତିତ ଓ ଡରୁଆ ଚେହେରା । ଗଣିତ ପରୀକ୍ଷା ସମୟରେ ପିଲାମାନେ ଭଗବାନଙ୍କୁ ପ୍ରାର୍ଥନା କରୁଥିବାର ଦେଖିବାକୁ ମଧ୍ୟ ମିଳେ । ଏହି ଚିନ୍ତା ଏକ ଛୋଟ ପ୍ରସଙ୍ଗ ନୁହେଁ, ବରଂ ଏକ ଜାତୀୟ ଚିନ୍ତାର ବିଷୟ । ଜାତୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ(ଏନ୍‌ସିଇଆରଟି) ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ, ଗଣିତ ହିଁ ସ୍କୁଲ ଶିକ୍ଷାରେ ନିମ୍ନ ପ୍ରଦର୍ଶନ ଓ ଉଦାସୀନତାର ପ୍ରମୁଖ କାରଣ ।

ଗଣିତର ଏହି ଭୟକୁ ଅଧିକ ଟ୍ୟୁସନ୍ ବା ଅତିରିକ୍ତ କ୍ଲାସ୍ ବଦଳରେ ସଂଗୀତ ମାଧ୍ୟମରେ ଦୂରେଇ ହେବ ବୋଲି ଯଦି କୁହାଯାଏ, ତେବେ ଅନେକ ଲୋକ ଭାବିବେ ଯେ ସଂଗୀତ କେମିତି ଗଣିତ ଭୟକୁ ଦୂରେଇବ? ଯେଉଁଠି ଗଣିତ ତର୍କ, ସୂତ୍ର ଓ ନିର୍ଭୁଲତା ଦ୍ୱାରା ପରିଚାଳିତ; ସଙ୍ଗୀତ ତାଳ, ଛନ୍ଦ, ଲୟ, ଆବେଗ ଓ ସୃଜନଶୀଳତା ଦ୍ୱାରା ପରିଚାଳିତ । ତଥାପି, ଗଣିତ ଓ ସଂଗୀତ ଦୁହେଁ ଗଭୀର ଭାବରେ ଜଡ଼ିତ । ଏକ ମ୍ୟୁଜିକାଲ୍ ସ୍କେଲ୍‌ର ଗଠନଠାରୁ ଆରମ୍ଭ କରି ବାଦ୍ୟର ତାଳ ପର୍ଯ୍ୟନ୍ତ, ବୀଣା ତାରର କମ୍ପନଠାରୁ ଆରମ୍ଭ କରି ବିଥୋଭେନର ଜଟିଳ ସିମ୍ଫୋନି ପର୍ଯ୍ୟନ୍ତ, ଗଣିତ ଓ ସଂଗୀତ ଜଡ଼ିତ । ଏହି ଆକର୍ଷଣୀୟ ସମ୍ପର୍କ ଆମର ମନୋବିଜ୍ଞାନ, ଶିକ୍ଷଣ ଅଭିବୃଦ୍ଧି ଓ ମାନସିକ ସୁସ୍ଥତାକୁ ରୂପ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

'ଗଣିତ ଭୟ'କୁ ଭାଙ୍ଗିବାର ସଂଗୀତର ରହିଛି ଅନନ୍ୟ କ୍ଷମତା । ଯେତେବେଳେ ଗଣିତକୁ ସଙ୍ଗୀତ ସହିତ ଯୋଡ଼ି ଦିଆଯାଏ, ପିଲାମାନେ ଏହାକୁ ଆଉ ଚାପ ଭାବରେ ନୁହେଁ, ବରଂ ଆନନ୍ଦଦାୟକ ଅନ୍ୱେଷଣ ଦୃଷ୍ଟିରେ ଦେଖନ୍ତି । ଗଣିତ ପ୍ରତି ଭୟ କେବଳ ଏକ ଶିକ୍ଷାଗତ ସମସ୍ୟା ନୁହେଁ, ବରଂ ଏହା ମନସ୍ତାତ୍ତ୍ୱିକ ସମସ୍ୟା ମଧ୍ୟ । ଯେତେବେଳେ ଗଣିତ ପରୀକ୍ଷା ଥାଏ, ସେତେବେଳେ ପିଲାମାନଙ୍କର କର୍ଟିସୋଲ୍ ପରି ଚାପ ହରମୋନ୍ ବୃଦ୍ଧି ପାଇଥାଏ, ଯାହା ସେମାନଙ୍କର ଯୁକ୍ତିଯୁକ୍ତ ଚିନ୍ତନ ବା ଚିନ୍ତାଶୈଳୀର କ୍ଷମତାକୁ ଅସ୍ପଷ୍ଟ ଓ ବ୍ୟାଘାତ କରିଥାଏ । ଅପରପକ୍ଷରେ ସଙ୍ଗୀତ ଡୋପାମାଇନ୍ ନାମକ ରାସାୟନିକକୁ ସକ୍ରିୟ କରି ମସ୍ତିଷ୍କ ତରଙ୍ଗକୁ ସମନ୍ୱିତ କରି ଏହି ପ୍ରଭାବକୁ ସନ୍ତୁଳିତ କରିପାରେ । ସଙ୍ଗୀତ ଉତ୍ତେଜନା ହ୍ରାସ କରି ଏକ ଶାନ୍ତ ମାନସିକ ଅବସ୍ଥା ସୃଷ୍ଟି କରେ, ଯେଉଁଥିରେ ପିଲାମାନେ ଭୟ ପରିବର୍ତ୍ତେ ଆତ୍ମବିଶ୍ୱାସର ସହ ଗଣିତର ସମାଧାନ କରିପାରନ୍ତି ।

ଯଦି ଗଣିତ କ୍ଲାସ୍ ପୂର୍ବରୁ କିଛି ମିନିଟ୍ ପାଇଁ ବଂଶୀ କିମ୍ବା ବୀଣା ପରି ଆରାମଦାୟକ ବାଦ୍ୟଯନ୍ତ୍ର ପିଲାଙ୍କୁ ଶୁଣିବାକୁ ଦିଆଯାଏ, ତେବେ ତାହା ଚାପ ହ୍ରାସ କରିଥାଏ ଏବଂ ମସ୍ତିଷ୍କକୁ ଉନ୍ନତ ଧ୍ୟାନ ଓ ଶିକ୍ଷଣ ପାଇଁ ପ୍ରସ୍ତୁତ କରିଥାଏ । ଗଣିତ ଶିକ୍ଷାରେ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ପିଲାମାନେ କାହାଣୀ କିମ୍ବା ଚିତ୍ରକୁ ଯେପରି ଦେଖନ୍ତି ସେପରି ସଂଖ୍ୟାକୁ ଦେଖିପାରନ୍ତି ନାହିଁ । ସେହି ପରିପ୍ରେକ୍ଷୀରେ ସଂଗୀତ ଏକ ସେତୁ ଭାବରେ କାର୍ଯ୍ୟ କରିପାରେ, ଯାହା ରସହୀନ ସଂଖ୍ୟାଙ୍କୁ ଅଧିକ ବାସ୍ତବ ଓ ଆନନ୍ଦଦାୟକ କରିଦିଏ । ସଙ୍ଗୀତ ସଂଖ୍ୟାକୁ ଭୌତିକ ଓ ଶ୍ରବଣକ୍ଷମ କରି ଏହି ବ୍ୟବଧାନକୁ ପୂରଣ କରିଥାଏ । ତାଳଧ୍ୱନି, ଜପ, ବାଜା, ଗୁଣନ ଓ ସ୍ମରଣକୁ ଛନ୍ଦୋବଦ୍ଧ ଭାବରେ ତ୍ୱରାନ୍ୱିତ କରେ ।

ଶିକ୍ଷା ସହିତ ସଙ୍ଗୀତର ମିଶ୍ରଣ ଭାରତର ଏକ ସମୃଦ୍ଧ ପରମ୍ପରା ଭାବେ ବିଦ୍ୟମାନ । ଗ୍ରାମୀଣ ସ୍କୁଲଗୁଡ଼ିକରେ ପ୍ରାୟତଃ ଗୁଣନ ଓ ଗଣିତ ଶିକ୍ଷା, ଜ୍ଞାନାତ୍ମକ ଉପକରଣ ଭାବରେ ଲୋକଗୀତ ମାଧ୍ୟମରେ ପ୍ରଦାନ କରାଯାଏ । ଓଡ଼ିଶାର ଅନେକ ସ୍କୁଲରେ ସ୍ଥାନୀୟ ଭାଷାରେ ଏକ ସ୍ୱରରେ ବା ତାଳରେ ଗୁଣନ ଗାନ କରାଯାଏ । ଏହା ଗଣିତ ଭୟକୁ ହ୍ରାସ କରିବା ସହିତ ସ୍ୱଦେଶୀ ପରମ୍ପରାକୁ ସମ୍ମାନ ଦେଇ ସମାବେଶୀତା ମଧ୍ୟ ବୃଦ୍ଧି କରେ । ତାମିଲନାଡୁ ଓ କେରଳରେ, 'ତାଳାତ୍ମକ କୋଲଟ୍ଟମ୍'(ଲାଠି ନୃତ୍ୟ) ମାଧ୍ୟମରେ ବିଭାଜନ ଓ ଅନୁପାତ ଶିକ୍ଷା ଦିଆଯାଏ, ଯାହା ଗଣିତକୁ ଉଭୟ ସ୍ଥାନୀୟ ଓ ଜୀବନ୍ତ କରିଥାଏ । କର୍ଣ୍ଣାଟକୀ ସଙ୍ଗୀତ ପ୍ରଶିକ୍ଷଣକୁ ସମନ୍ୱିତ କରୁଥିବା ଅନେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗଣିତରେ ଉନ୍ନତ ଧୈର୍ଯ୍ୟ ଓ ଧ୍ୟାନ ପ୍ରଦର୍ଶନ କରନ୍ତି ।

ଦକ୍ଷିଣ ଭାରତର ଅନେକ ବିଦ୍ୟାଳୟ ଶ୍ରେଣୀଗୃହରେ ମୃଦଙ୍ଗମ(ତାଳବାଦ୍ୟ) ପ୍ରଶିକ୍ଷଣକୁ ଗଣିତ ଶିକ୍ଷା ସହ ସମନ୍ୱିତ କରିଛନ୍ତି, ଯେଉଁଥିରେ କୁହାଯାଇଛି ଯେ ଯେଉଁ ପିଲାମାନେ ତାଳଚକ୍ର (ଜଟିଳ ସ୍ପନ୍ଦନ ସଂରଚନା) ଅଭ୍ୟାସ କରନ୍ତି ସେମାନେ ବୀଜଗଣିତର କ୍ରମ ଓ ଗାଣିତିକ ସମସ୍ୟାର ସମାଧାନ କରିବାରେ ଅଧିକ ସକ୍ଷମ ହୋଇଥା'ନ୍ତି । ଭାରତରେ କିଛି ସ୍କୁଲ, ଗଣିତ ପରୀକ୍ଷାର ଉଦ୍‌ବେଗକୁ ହ୍ରାସ କରିବାକୁ ଏକ ଅଭିନବ ପ୍ରୟାସ ଭାବରେ ପ୍ରାକ୍-ଗଣିତ ସଙ୍ଗୀତ ଚିକିତ୍ସା ଅଧିବେଶନ ଆରମ୍ଭ କରିଛନ୍ତି, ଯେଉଁଠାରେ ଛାତ୍ରଛାତ୍ରୀମାନେ ୫ମିନିଟର ତାଳ ବାଦ୍ୟ ଯନ୍ତ୍ର ସଂଗୀତ କିମ୍ବା ଧୀର/ନରମ ରାଗ ଶୁଣନ୍ତି । ଏହା ସେମାନଙ୍କର ସ୍ନାୟୁତନ୍ତ୍ରକୁ ପୁନଃସ୍ଥାପିତ କରିଥାଏ, ଗଣିତ ସମାଧାନ କରିବାରେ ସେମାନଙ୍କୁ ଅଧିକ ଏକାଗ୍ରତା ପ୍ରଦାନ କରିଥାଏ ।

ଗବେଷଣା ଅନୁଯାୟୀ, ସଙ୍ଗୀତ ଓ ଗଣିତ ସମାନ ମସ୍ତିଷ୍କ ପଥ ଅଂଶୀଦାର କରନ୍ତି । ସଂଗୀତରେ ତାଲିମପ୍ରାପ୍ତ ପିଲାମାନେ ସମସ୍ୟା ସମାଧାନ ଓ ଯୁକ୍ତି ସହିତ ଅଧିକ ସକ୍ରିୟତା ଦେଖାନ୍ତି । ଅନେକ ପିତାମାତା ସେମାନଙ୍କ ପିଲାମାନଙ୍କୁ କେବଳ ସାଂସ୍କୃତିକ ପ୍ରଦର୍ଶନ ପାଇଁ ନୁହେଁ, ବରଂ ତୀକ୍ଷ୍ଣ ମାନସିକ ସତର୍କତା ଓ ଉନ୍ନତ ଗଣିତ ପ୍ରଦର୍ଶନ ଲାଗି ହାରମୋନିୟମ୍ କିମ୍ବା ଭାଇଓଲିନ୍ ଶିଖିବାକୁ ଉତ୍ସାହିତ କରନ୍ତି । ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନରେ ଦର୍ଶାଯାଇଛି ଯେ ସଙ୍ଗୀତ ତାଲିମ ନେଉଥିବା ପିଲାମାନେ ସ୍ଥାନିକ-ସାମୟିକ ଯୁକ୍ତିରେ(ସ୍ପାସିଆଲ୍-ଟେମ୍ପୋରାଲ୍ ରିଜୋନିଂ) ଭଲ ପ୍ରଦର୍ଶନ କରନ୍ତି, ଯାହା ଗାଣିତିକ ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷା ବ୍ୟତୀତ, ଚିନ୍ତା, ଧ୍ୟାନାଭାବ, ଅନ୍ୟମନସ୍କତା ଓ ପରୀକ୍ଷା ଭୟର ସମାଧାନ ପାଇଁ ଏକ ଉପକରଣ ଭାବରେ 'ମ୍ୟୁଜିକ୍ ଥେରାପି' ବା 'ସଂଗୀତ ଚିକିତ୍ସା'କୁ ଅଧିକରୁ ଅଧିକ ସ୍ୱୀକୃତି ଦିଆଯାଉଛି । ଜାତୀୟ ମାନସିକ ଓ ସ୍ନାୟୁ ବିଜ୍ଞାନ ପ୍ରତିଷ୍ଠାନ(ନିମ୍‌ହାନ୍‌ସ) ଭଳି ଅନୁଷ୍ଠାନରେ ବ୍ୟବହୃତ ଭାରତୀୟ ରାଗଗୁଡ଼ିକ ସହିତ ସଂରଚିତ ଛନ୍ଦୋବଦ୍ଧ ଶ୍ୱାସକ୍ରିୟା ବ୍ୟାୟାମ, ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ଶାନ୍ତ କରିବାରେ ସକାରାତ୍ମକ ଫଳାଫଳ ଦର୍ଶାଇଛି ।

ସଙ୍ଗୀତ ଗଣିତକୁ ମାନବୀକରଣ କରିଥାଏ । ଭୟକୁ ନିୟନ୍ତ୍ରଣ ଓ ବିଫଳତାକୁ ସଫଳତାରେ ପରିଣତ କରିଥାଏ । ଭାରତର ନୂତନ ଶିକ୍ଷାନୀତି ଆନନ୍ଦଦାୟକ ଓ ସାମଗ୍ରିକ ଆଧାରିତ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଗଣିତ ଶିକ୍ଷାରେ ସଙ୍ଗୀତର ଏକୀକରଣ ଏକ ପ୍ରଭାବଶାଳୀ ପଦକ୍ଷେପ ହୋଇପାରିବ, ଯାହା ଏକ ନିର୍ଭୀକ, ଆତ୍ମବିଶ୍ୱାସୀ ଓ ସୃଜନଶୀଳ ଶିକ୍ଷାର୍ଥୀ ସାମ୍ରାଜ୍ୟ ଗଠନ କରିପାରିବ । ପିଥାଗୋରସ୍‌ଙ୍କ ଉପପାଦ୍ୟ ମଧ୍ୟ ସମାନ କଥା କୁହେ ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

# ପାନପିକ: କିଛିକଥା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଆମ ଦେଶରେ, ବିଶେଷକରି ଓଡ଼ିଶା ସମେତ ପୂର୍ବ ଓ ଉତ୍ତର ଭାରତରେ ଲୋକେ ପ୍ରଚୁର ପାନ ଖାଇଥା'ନ୍ତି । ଏହା ଆମର ସାମାଜିକ ପରମ୍ପରା, ଶ୍ରଦ୍ଧା ଓ ଭାବର ଆଦାନପ୍ରଦାନ ଓ ଧର୍ମକର୍ମ ସହିତ ଓତପ୍ରୋତ ଭାବେ ଜଡ଼ିତ । ଏକଦା ଆମ କଳା ଓ ସାହିତ୍ୟ ଉପରେ ଏହି ଜନପ୍ରିୟ ଅଭ୍ୟାସଟି ଅନନ୍ୟ ପ୍ରଭାବ ବିସ୍ତାର କରିଥିଲା ଏବଂ ପରିଣତ ହୋଇଥିଲା ପ୍ରତ୍ୟେକ ପରିବାରର ଏକ ଅବିଚ୍ଛିନ୍ନ ଅଙ୍ଗ ରୂପେ । ଏଣୁ ଘରେ ଘରେ ରହିଥିଲା ଏଥିପାଇଁ ବ୍ୟବହୃତ ସମସ୍ତ ଉପାଦାନ ସମ୍ବଳିତ ପାନ ଡାଲା ଓ ବଟୁଆ । ଏପରି କି ଦେବାଦେବୀମାନଙ୍କୁ ଏହା ନୈବେଦ୍ୟ ରୂପେ ଅର୍ପଣ କରାଯାଉଥିଲା ।

ତେବେ ସ୍ୱାସ୍ଥ୍ୟ ବିଜ୍ଞାନୀମାନଙ୍କ ଦୃଷ୍ଟିରେ ପାନ ଏକ ହାନିକାରକ ତଥା ଅନ୍ୟାନ୍ୟ ନିଶାକରୀ ଦ୍ରବ୍ୟଭଳି ଅଭ୍ୟାସ ସୃଷ୍ଟିକାରୀ ପଦାର୍ଥ । ଏହାର ଅନ୍ୟତମ ମୁଖ୍ୟ ଉପାଦନ ଧୂଆଁପତ୍ରରୁ ତିଆରି ଗୁଣ୍ଡିରେ ଥାଏ ନିକୋଟିନ୍ ଏବଂ ଗୁଆରେ 'ଏରିକୋଲିନ' ତଥା ଅନ୍ୟାନ୍ୟ ବହୁ ବିଷାକ୍ତ ତତ୍ତ୍ୱ । ସେହିପରି ଖଇର ଓ ଚୂନର ମଧ୍ୟ ପାଟି ଓ ଖାଦ୍ୟ ନଳୀର ସୂକ୍ଷ୍ମଝିଲ୍ଲି ଉପରେ କୁପ୍ରଭାବ ରହିଛି । ତେଣୁ ସେଗୁଡ଼ିକ ମୁଖଗହ୍ୱର କର୍କଟ ରୋଗଠାରୁ ଆରମ୍ଭ ନାନାଦି ଅସାଧ୍ୟ ରୋଗର କାରଣ ହୋଇପାରନ୍ତି । ଏଥିସହିତ ପାନମସଲା ଯୋଗ ହେଲେ ତାହାର ଭୟାବହତା ଆହୁରି ବୃଦ୍ଧି ପାଏ । ପାନର ସମସ୍ତ ରାସାୟନିକ ଉପାଦାନ ପିକରେ ଥାଏ । ଏଣୁ ଏହାର ସଂସ୍ପର୍ଶରେ ଆସିବା 'ପରୋକ୍ଷ ଧୂମପାନ' ଭଳି କ୍ଷତିକାରକ । ପୁନଶ୍ଚ ସେଥିସହିତ ମଧ୍ୟ ଥାଏ ଖାଉଥିବା ଲୋକଙ୍କ ନାନାଦି ରୋଗର ଜୀବାଣୁ ଓ ଭୂତାଣୁ । ମୁମ୍ବାଇଠାରେ କିଛି ବର୍ଷ ତଳେ ଅନୁଷ୍ଠିତ ଏକ ଅଧ୍ୟୟନରୁ ୧୦ ମିଲିଲିଟର ପାନ ପିକରେ ୭୦୦୦ରୁ ୫୩୦୦୦ ପର୍ଯ୍ୟନ୍ତ ତାହା ଥିବାର ଜଣାପଡ଼ିଥିଲା ।

ପାନ ଖାଉଥିବା ଲୋକମାନେ ସ୍ଥାନ-କାଳ-ପାତ୍ର ପ୍ରତି ଧ୍ୟାନ ନ ଦେଇ ପାନ ପିକ ପକାଇଥିବାର ଦେଖାଯାଏ । ଆମ ଦେଶରେ ପାନ ଖାଇବାକୁ ଧୂମପାନ ବା ମଦ୍ୟପାନ ଭଳି ଅଶୋଭନୀୟ ବିଚାର କରାଯାଏ ନାହିଁ । ତେଣୁ ଏଭଳି କାର୍ଯ୍ୟକରିବାକୁ ସେମାନଙ୍କ ମଧ୍ୟରୁ ଖୁବ୍ କମ ଦ୍ୱିଧା ପ୍ରକାଶ କରନ୍ତି । ଅତଏବ ତହିଁରୁ ରୋଗ ଜୀବାଣୁ ଓ ଭୂତାଣୁ ତଥା ଅନ୍ୟାନ୍ୟ ବିଷାକ୍ତ ତତ୍ତ୍ୱ ବାହାରି ବାୟୁକୁ ଦୂଷିତ କରନ୍ତି । ସେଥିପାଇଁ ଏବେ ଏଣେତେଣେ ପାନପିକ ପକାଇବାରୁ ନିବୃତ୍ତ କରିବା ଲାଗି ଆମ ଦେଶର କେତେକ ସ୍ଥାନରେ ଆଇନ ପ୍ରଣୟନ କରାଯାଇଛି । ଦିଲ୍ଲୀରେ ୨୫ଟଙ୍କା ଜୋରିମାନାର ବ୍ୟବସ୍ଥା ଥିଲା ବେଳେ ମୁମ୍ବାଇରେ ୧୦୦୦ଟଙ୍କା । ବିହାରର କେତେକ ସହରରେ ଏହାକୁ ଅପରାଧ ବୋଲି ଗଣନା କରାଯାଏ । ତେବେ ଆଇନ କାର୍ଯ୍ୟକାରୀ କରିବା ଲାଗି ଉଦ୍ଦିଷ୍ଟ କର୍ତ୍ତୃପକ୍ଷ ସେଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି । ଓଡ଼ିଶାରେ ସଚିବାଳୟଠାରୁ ଆରମ୍ଭ କରି ବଡ଼ ବଡ଼ କାର୍ଯ୍ୟାଳୟରେ ସ୍ଥାନକୁ ସ୍ଥାନ ଦେବାଦେବୀମାନଙ୍କ ମୂର୍ତ୍ତି ସ୍ଥାପନ କରିବାର ଦେଖାଯାଉଛି । କର୍ତ୍ତୃପକ୍ଷ ଆଶା କରୁଛନ୍ତି ଯେ ଭକ୍ତି ଭାବ ହେତୁ ଲୋକେ ସେଠାରେ ପାନପିକ ପକାଇବାରୁ ବିରତ ହେବେ । କିନ୍ତୁ ଆନେକସ୍ଥଳେ ଏହି ସାଧୁଉଦ୍ୟମ ଫଳପ୍ରଦ ହୋଇ ନଥିବା ଦେଖାଯାଉଛି ।

୨୦୨୦ ମସିହାରେ ରାଜ୍ୟସଭାରେ ସର୍ବସାଧାରଣ ସ୍ଥାନରେ ପାନପିକ ପକାଇବା ସମ୍ପର୍କିତ ପ୍ରଶ୍ନଟିଏ ଉତ୍ଥାପନ କରାଯାଇଥିଲା । ନିବାରଣ ଲାଗି ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏଥିରେ ଅନୁରୋଧ କରାଯାଇଥିଲା । ଦଳମତ ନିର୍ବିଶେଷରେ ବହୁ ସଦସ୍ୟ ଏହାକୁ ସମର୍ଥନ କରିଥିଲେ । ସେଥିରେ ସୂଚୀତ ବିବିଧ ଯୁକ୍ତି ମଧ୍ୟରୁ ଅନ୍ୟତମ ଥିଲା ଯକ୍ଷ୍ମା ଭଳି ରୋଗର ପ୍ରସାର । ସଂଖ୍ୟା ଦୃଷ୍ଟିରୁ ଏ କ୍ଷେତ୍ରରେ ଆମ ଦେଶ ପୃଥିବୀରେ ପ୍ରଥମ । ସେମାନଙ୍କ ମଧ୍ୟରୁ ଅନେକଙ୍କର ରହିଛି ପାନ ଖାଇବା ଅଭ୍ୟାସ ଏବଂ ସେମାନେ ଏଣେତେଣେ ପାନ ପିକ ପକାଇଥା'ନ୍ତି । ଅତଏବ ଏରୋଗର ବିସ୍ତାରରେ ପାନର ଭୂମିକାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ସ୍ୱାସ୍ଥ୍ୟମନ୍ତ୍ରୀ ମହୋଦୟ ଏ ଯୁକ୍ତିକୁ ଗ୍ରହଣ କରି ଯଥାଶୀଘ୍ର ପଦକ୍ଷେପ ନେବା ଲାଗି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ତାହା କେବଳ ପ୍ରତିଶ୍ରୁତିରେ ହିଁ ସୀମିତ ରହିଛି ।

ଏକଥା ସତ ଯେ କୌଣସି ଆଇନ ଅଥବା ଦଣ୍ଡବିଧାନ ବ୍ୟବସ୍ଥା ଦ୍ୱାରା ଏ ବଦଭ୍ୟାସ ରୋକିବା ସହଜ ନୁହେଁ । କାରଣ ସରକାରଙ୍କଠାରୁ ଜନସାଧାରଣଙ୍କ ପର୍ଯ୍ୟନ୍ତ କେହି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବାକୁ ରାଜି ନୁହନ୍ତି । ଏପରି ସ୍ଥଳେ ଜନସଚେତନତାର ପ୍ରସାର ହିଁ କେବଳ ତହିଁରୁ ମୁକ୍ତି ଦେଇପାରିବ ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ବାଘମାରୀ ଗଣଦୁଷ୍କର୍ମ ଘଟଣାରେ ବର୍ଷିଲା କଂଗ୍ରେସ

# ଡାକ୍ତରଖାନାରେ ପୀଡ଼ିତା, ନେତା ନାଚଗୀତରେ ବ୍ୟସ୍ତ

ଭୁବନେଶ୍ୱର,୨୪।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ବାଘମାରୀରେ ଘଟିଥିବା ଗଣଦୁଷ୍କର୍ମ ପୀଡ଼ିତାଙ୍କ ଅବସ୍ଥା ସଂକଟାପନ୍ନ। ଅତ୍ୟନ୍ତ ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏପର୍ଯ୍ୟନ୍ତ ସରକାରଙ୍କ

### ଖୋର୍ଦ୍ଧାରେ ଏଭଳି ଜଘନ୍ୟ କାଣ୍ଡ କେବେ ଘଟି ନଥିଲା

ତରଫରୁ କୌଣସି ପ୍ରତିନିଧି ପୀଡ଼ିତାଙ୍କ ଖବର ବୁଝିବାକୁ ଯାଇ ନାହାନ୍ତି କିମ୍ବା କୌଣସି ସରକାରୀ ସହାୟତା ପହଞ୍ଚିନାହିଁ। ମାତ୍ର ଖୋର୍ଦ୍ଧା ଜିଲ୍ଲାର ଶାସକ ଦଳ ବିଧାୟକ ଓ ନେତାମାନେ ଦିଲ୍ଲୀରେ ଏକ ବାହାଘରରେ ନାଚଗୀତର ଫଟୋ ସାମାଜିକ ଗଣମାଧ୍ୟମରେ ଛାଡ଼ିବାରେ ଲାଗିଛନ୍ତି ବୋଲି ଅଭିଯୋଗ କରିଛନ୍ତି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ।

ସେ କହିଛନ୍ତି ଯେ ଏହି ଗଣଦୁଷ୍କର୍ମ ଘଟଣା ସମସ୍ତଙ୍କ ମନରେ ଆଘାତ ଦେଇ ଥିବାବେଳେ ପୁଣି ଏକ ଦୁଷ୍କର୍ମର ଏତଲା ସାମ୍ନାକୁ ଆସିଛି।




ରାଜ ସୁନାଖଳାର ଏକ କୋଚିଂ ସେଣ୍ଟରରେ ପଢୁଥିବା ଛାତ୍ରୀର ମୃତଦେହ ଉଦ୍ଧାର ହୋଇଛି। ଆମେ କାହାରି ବ୍ୟକ୍ତିଗତ କାର୍ଯ୍ୟ କିମ୍ବା ଜୀବନରେ ହସ୍ତକ୍ଷେପ କରୁ ନାହୁଁ। ମାତ୍ର ଯଦି ଗୋଟିଏ ଝିଅର ବାହାଘର ପାଇଁ ନାଚ ଗୀତରେ ଖୁସି ମନାଯାଉଛି, ତେବେ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଦୁଷ୍କର୍ମ ପୀଡିତା ଝିଅ ପାଖକୁ ଯାଇ ଦୁଃଖ ଜଣାଇ ସହାୟତାର ହାତ ବଢ଼ାଇବାରେ କେଉଁଠି ସମସ୍ୟା ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ପୀଡିତା ତଥା ପରିବାର ବର୍ଗଙ୍କୁ ତୁରନ୍ତ ଆର୍ଥିକ ସହାୟତା ସରକାର ଯୋଗାଇ ଦୋଷୀଙ୍କୁ ଗିରଫ କରି ଦଣ୍ଡ ବିଧାନ ପାଇଁ କଂଗ୍ରେସ ଦାବି କରୁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ତଥା ବୋଲଗଡ ବେଗୁନିଆ ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମଧ୍ୟ ବାଘମାରୀ ଗ୍ରାମରେ ଘଟିଥିବା ଗଣଦୁଷ୍କର୍ମ ଘଟଣାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ଏଭଳି ପରିସ୍ଥିତିରେ ସରକାର ଓ ପ୍ରଶାସନ ପକ୍ଷରୁ କୌଣସି ସହାୟତା ପୀଡ଼ିତାଙ୍କୁ ନ ମିଳିବା ଆମକୁ ବ୍ୟଥିତ କରୁଛି ବୋଲି ସେ କହିଛନ୍ତି। ସେହିପରି ଦଳର ମୁଖପାତ୍ର ସୋନାଲି ସାହୁ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ସରକାରଙ୍କଠାରୁ ନାରୀ ଆଉ ନ୍ୟାୟ ପାଇବେ ବୋଲି ଆଶା କରିବା ବୃଥା। ଯେଉଁ ନିରାପତ୍ତା ରକ୍ଷୀ ଏହି ଦୁଷ୍କର୍ମରେ ଜଡ଼ିତ, ସେହି ସଂସ୍ଥାର ଠିକାଦାର କିଏ ଓ କ୍ଷମତାସୀନ ଦଳ ସହ ଏହି ନେତାଙ୍କ କ'ଣ ସମ୍ପର୍କ ତାହାର ତଦନ୍ତ ହେଉ ବୋଲି ସେ ଦାବି କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଲିଉଡ୍‌ର 'ହି-ମ୍ୟାନ୍'...

ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ସମୟରେ ଗଣମାଧ୍ୟମରେ ତାଙ୍କର ମୃତ୍ୟୁ ଖବର ପ୍ରସାର ହୋଇଥିଲା। କିନ୍ତୁ ପରିବାର ଲୋକେ ଖବରକୁ ଖଣ୍ଡନ କରି ଦେଇଥିଲେ। ଏହାର ଦୁଇ ଦିନ ପରେ ଗତ ୧୨ ତାରିଖରେ ଧର୍ମେନ୍ଦ୍ରଙ୍କୁ ହସ୍ପିଟାଲରୁ ଆଣି ଘରେ ଚିକିତ୍ସା କରାଯାଉଥିଲା।

ପଞ୍ଜାବର ନସ୍ରାଲରେ ୧୯୩୫ ଡିସେମ୍ବର ୮ରେ ଜନ୍ମିତ ଧର୍ମେନ୍ଦ୍ର ସିଂ ଦେଓଲଙ୍କୁ ଲୋକେ 'ଧରମ ପାଜି' ବୋଲି ସମ୍ବୋଧନ କରନ୍ତି। ତାଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ବଲିଉଡ୍‌ରେ ଓ ସାରା ଦେଶରେ ଶୋକ ଖେଳିଯାଇଛି। ଦେଶବାସୀ ତାଙ୍କୁ ଅଶ୍ରୁଳ ବିଦାୟ ଦେଇଛନ୍ତି। ବିଦେଶରେ ଥିବା ତାଙ୍କ ପ୍ରଶଂସକମାନେ ଏହି ଖବର ଶୁଣି ମର୍ମାହତ ହୋଇଛନ୍ତି। ମୃତ୍ୟୁ ବେଳକୁ ଧର୍ମେନ୍ଦ୍ରଙ୍କ ପାଖରେ ତାଙ୍କର ପ୍ରଥମ ପତ୍ନୀ ପ୍ରକାଶ କୌର, ଦ୍ୱିତୀୟ ପତ୍ନୀ ତଥା ଅଭିନେତ୍ରୀ ହେମା ମାଲିନୀ, ପୁଅ ସନି ଦେଓଲ, ବବି ଦେଓଲ, ଝିଅ ଇଶା ଦେଓଲ ଓ ଆହନା ଦେଓଲ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତରେ ବଲିଉଡ୍‌ରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଚଳଚ୍ଚିତ୍ର ଜଗତରେ ସେ ହାସଲ କରିଥିବା ସଫଳତା ଆଗାମୀ ପିଢ଼ୀକୁ ଉତ୍ସାହିତ କରିବ। ୨୦୨୪ରେ ଶେଷଥର ପାଇଁ 'ତେରି ବାତୋ ମେ ଐସା ଉଲ୍‌ଝା ଜିଆ' ଚଳଚ୍ଚିତ୍ରରେ ଧର୍ମେନ୍ଦ୍ରଙ୍କୁ ଦେଖିବାକୁ ମିଳିଥିଲା। ଏଥିରେ ସାହିଦ କପୁର ଓ କ୍ରିତି ସାନନ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଏହି ଚଳଚ୍ଚିତ୍ରରେ ଧର୍ମେନ୍ଦ୍ର ସାହିଦ କପୁରଙ୍କ ଜେଜେ ଭୂମିକାରେ ଅଭିନୟ କରିଥିଲେ।

୧୯୬୦ରେ ସେ ବଲିଉଡ୍‌ରେ ପଦାର୍ପଣ କରିଥିବା ଧର୍ମେନ୍ଦ୍ର ପ୍ରସିଦ୍ଧ ସିନେମା 'ଶୋଲେ'ରେ ତାଙ୍କର ବୀରୁ ଭୂମିକା ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ଫୁଲ ଔର ପଥର, ଶୀତା ଔର ଗୀତା, ଚୁପ୍‌କେ ଚୁପ୍‌କେ, ଧରମ ବୀର ଓ ପ୍ରତିଜ୍ଞା ଭଳି ସିନେମାରେ ଜୀବନ୍ତ ଅଭିନୟ କରି ସେ ଦର୍ଶକଙ୍କ ପ୍ରଶଂସାଭାଜନ ହେବା ସହ ସୁପରଷ୍ଟାରର ଆଖ୍ୟା ପାଇଥିଲେ। ୧୯୯୭ରେ ତାଙ୍କୁ ଫିଲ୍ମ ଫେୟାର ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ମିଳିଥିଲା। ୨୦୧୨ରେ ଭାରତ ସରକାର ତାଙ୍କୁ ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମଭୂଷଣ ପୁରସ୍କାରରେ ସମ୍ମାନିତ କରିଥିଲେ।

### ମିଲ୍ ଖୁନ୍ଦାଖୁନ୍ଦି...

ଦେଇ ନାହାନ୍ତି। ଫଳରେ ଧାନକୁ ଗଚ୍ଛିତ ରଖିବା ମିଲର୍ସଙ୍କ ପାଇଁ ବେଡ଼ି ଉପରେ କରୋଡ଼ା ମାଡ଼ ସଦୃଶ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି।

ଅନୁରୂପ ଭାବେ ରବି ଋତୁ ଧାନକିଣା ପୂର୍ବରୁ କଷ୍ଟମ୍ ମିଲିଂ ଦର ବଢ଼ାଇବାକୁ ସରକାର ଘୋଷଣା କରିଥିଲେ। ଖୋଦ୍ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂଦେଓଙ୍କ ସମେତ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଯୋଗାଣ ବିଭାଗ ସଚିବ ମିଲର୍ସଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ରବି ଯାଇ ପୁଣିଥରେ ଖରିଫ ଧାନକିଣା ଆରମ୍ଭ ହେବାକୁ ଥିବାବେଳେ ସରକାର କଷ୍ଟମ୍ ମିଲିଂ ଦର ବଢ଼ାଇ ନାହାନ୍ତି। ବାରମ୍ବାର ପ୍ରତିଶ୍ରୁତି ଦେଇ ସରକାର ପ୍ରତାରଣା କରୁଥିବା ଅଭିଯୋଗ କରିବା ସହ ଧାନକିଣା ପୂର୍ବରୁ କଷ୍ଟମ୍ ମିଲିଂ ଦର ନ ବଢ଼ାଇଲେ ମିଲର୍ସମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଅଲ୍ ଓଡ଼ିଶା ମିଲର୍ସ ଆସୋସିଏସନ୍ ଚେତାବନୀ ଦେଇଛି।

ଅପରପକ୍ଷରେ ଚାଷୀନେତାମାନେ ମିଲରମାନଙ୍କ ଏହି ଧମକକୁ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି ଅଭିହିତ କରିଛନ୍ତି। ମିଲରମାନେ ଏପରି ଧମକ ଦେବା ପରେ କଟ୍‌ନୀଛଟ୍‌ନୀ ସମୟରେ ସରକାର ବେଶି ଚାପ ପ୍ରୟୋଗ କରିପାରିବେ ନାହିଁ। ସେଥିପାଇଁ ମିଲରମାନେ ନାନାଦି ପେଞ୍ଚ ବାହାର କରୁଛନ୍ତି ଓ ସରକାର ମଧ୍ୟ କମ୍ ଧାନ କିଣିବାକୁ ଚାହୁଁଥିବାରୁ ମିଲରମାନଙ୍କ ଏପରି ନାଟକକୁ ପରୋକ୍ଷରେ ସମର୍ଥନ କରୁଛନ୍ତି ବୋଲି ଚାଷୀନେତାମାନେ ଅଭିଯୋଗ କରିଛନ୍ତି।

### ଚାଷୀ-ମିଲର୍ସ ସଲାସୁତୁରାରେ...

ନେତା ରାମଚନ୍ଦ୍ର କାଡାମ ମଧ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଧାନ କିଣାରେ କଟନୀଛଟନୀ ହେବ ନାହିଁ ବୋଲି ବିଜେପି ନେତାମାନେ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସରକାରକୁ ଆସିବା ପରେ ସେମାନେ ନିଜ ପ୍ରତିଶ୍ରୁତି ଭୁଲିଗଲେ। ଗତବର୍ଷ ଉଭୟ ରବି ଓ ଖରିଫ ଋତୁରେ ସବୁଠି କଟନୀଛଟନୀ ହେଲା। ସରକାର ଯାହା କହୁଛନ୍ତି, ତାହା କାର୍ଯ୍ୟକାରୀ କରୁନାହାନ୍ତି। ମିଛ କହି ଲୋକଙ୍କୁ ଭ୍ରମିତ କରୁଛନ୍ତି ବୋଲି ଶ୍ରୀ କାଡ଼ାମ୍ ଅଭିଯୋଗ କରିଛନ୍ତି।

### ସିଜେଆଇ ଜଷ୍ଟିସ୍...

ନେପାଳ, ଶ୍ରୀଲଙ୍କା, ମରିସସର ପ୍ରଧାନ ବିଚାରପତି ଏବଂ ତାଙ୍କ ପରିବାର ସଦସ୍ୟ ସାମିଲ ହୋଇଥିଲେ। ପ୍ରଥମ ଥର ପାଇଁ ସିଜେଆଇଙ୍କ ଶପଥ ଗ୍ରହଣକୁ ଏତେ ବଡ଼ ଅନ୍ତର୍ଜାତୀୟ ପ୍ରତିନିଧିମଣ୍ଡଳ ଉପସ୍ଥିତ ରହିଥିଲେ।

ଏହି ଅବସରରେ ଆଜି କାର୍ଯ୍ୟକାଳ ଶେଷ ହୋଇଥିବା ପୂର୍ବତନ ସିଜେଆଇ ନୂଆ ଉଦାହରଣ ସୃଷ୍ଟି କରିଥିଲେ। ଶପଥ ଗ୍ରହଣ ସମାରୋହ ପରେ ସେ ନିଜ ସରକାରୀ ଗାଡ଼ିକୁ ଉତ୍ତରାଧିକାରୀ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ପାଇଁ ରାଷ୍ଟ୍ରପତି ଭବନରେ ଛାଡ଼ି ଚାଲି ଯାଇଥିଲେ। ନୂଆ ସିଜେଆଇ ୧୪ ମାସ ପାଇଁ ଦାୟିତ୍ୱରେ ରହିବେ। ୨୦୨୭ ଫେବୃଆରୀ ୯ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ସେ ଏବେ ବିଚାରପତି ନିଯୁକ୍ତି ନେଇ ନିଷ୍ପତ୍ତି ନେବେ ଏବଂ ସୁପ୍ରିମକୋର୍ଟ କଲେଜିୟମର ମୁଖ୍ୟ ମଧ୍ୟ ହେବେ। ୫ ସଦସ୍ୟ ବିଶିଷ୍ଟ କଲେଜିୟମ ସୁପ୍ରିମକୋର୍ଟ ବିଚାରପତିଙ୍କୁ ନିଯୁକ୍ତି କରିଥାନ୍ତି। ହାଇକୋର୍ଟ ବିଚାରପତିଙ୍କ ନିଯୁକ୍ତି ଏବଂ ବଦଳି ଦାୟିତ୍ୱ ମଧ୍ୟ ନେଇଥାନ୍ତି। ଏବେ ଏହି କଲେଜିୟମରେ ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ବିଭି ନାଗରତ୍ନା, ଜଷ୍ଟିସ ଜେକେ ମାହେଶ୍ୱରୀ, ଜଷ୍ଟିସ ଏମଏମ ସୁନ୍ଦରେଶ ସାମିଲ ହେବେ।

### ଆଗକୁ ବଢ଼ିପାରୁନି...

ବର୍ତ୍ତମାନ ଦୁଇଟି ପାଣିପାଗ ମଡେଲ୍ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି। ବଡ଼ କଥା ହେଉଛି, ମଲ୍ଲାକା ନିକଟରେ ଥିବା ଲଘୁଚାପ ବାତ୍ୟାରେ ପରିଣତ ହୋଇ ଆନ୍ଧ୍ର ଓ ଓଡ଼ିଶା ଉପକୂଳ ମୁହାଁ ହେବ ବୋଲି ଆକଳନ କରାଯାଉଥିଲା। ତାହା ହୁଏତ ବଙ୍ଗୋପସାଗର ନ ଆସି ମାଲେସିଆ ଆଡ଼କୁ ଅଗ୍ରସର ହେବା ନେଇ ବିଭିନ୍ନ ମଡେଲ୍ ଆକଳନ କରୁଛନ୍ତି। ସେହିପରି ଶ୍ରୀଲଙ୍କା ଉପରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଯଦି ଲଘୁଚାପ ଓ ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇ ଅବପାତ ବା ବାତ୍ୟାରେ ପରିଣତ ହୁଏ, ତେବେ ଏହାକୁ ନେଇ ଦୁଇଟି ଦୃଶ୍ୟପଟ୍ଟ ରହିଛି। ଗୋଟିଏରେ ପୂର୍ବ ବାତ୍ୟା ଭଳି ଏହା ସମୁଦ୍ର ମଧ୍ୟରେ ମାଲେସିଆ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଅନ୍ୟ ଦୃଶ୍ୟପଟ୍ଟରେ ଏହା ତାମିଲନାଡୁ, ଆନ୍ଧ୍ର ହୋଇ ଦକ୍ଷିଣ ଓଡ଼ିଶା ଉପକୂଳ ପର୍ଯ୍ୟନ୍ତ ଆସିପାରେ। ପରେ ଏହା ପୁଣି ଆନ୍ଧ୍ର ଆଡ଼କୁ ମୁହାଁଇପାରେ। ହେଲେ ଏମିତି ଘଟିବାର ସମ୍ଭାବନା ବହୁ କମ୍ ରହିଛି। ବାତ୍ୟାଟି ଉପକୂଳ ନିକଟବର୍ତ୍ତୀ ହୋଇ ରହିବା ଦ୍ୱାରା ଏହା ଦ୍ରୁତ ଗତିରେ ଦୁର୍ବଳ ହେବା ସହ ବିଶେଷ ଆଗକୁ ବଢ଼ି ନ ପାରେ। ଏ ଦୃଷ୍ଟିରୁ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ବର୍ଷା ଓ ବାତ୍ୟା ସ୍ଥିତିକୁ ନେଇ ଏବେ ବି ଚିତ୍ର ଅସ୍ପଷ୍ଟ ରହିଛି।

ଅନ୍ୟପଟେ ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି ଯେ ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହାପରେ ତାପମାତ୍ରାରେ ପୁଣି ହ୍ରାସ ଘଟିବ। ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୨-୩ ଡିଗ୍ରୀ କମିବା ସହ ପୁଣି ଶୀତ ବଢ଼ିବାର ସମ୍ଭାବନା ରହିଛି।

### ଗଣଦୁଷ୍କର୍ମ ପୀଡ଼ିତାଙ୍କୁ...

ପୁଲିସକୁ ବିସ୍ତୃତ ଭାବରେ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। ତେବେ ଏହି ଘଟଣାରେ ପୁଲିସର ଭୂମିକାକୁ ନେଇ ପୀଡ଼ିତାଙ୍କ ମା' ସନ୍ଦେହପ୍ରକଟ କରିବା ସହ ତାଙ୍କ ଝିଅକୁ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି। ବୟାନରେ ପୀଡ଼ିତା ଯାହା କହୁଛନ୍ତି ତାକୁ ରେକର୍ଡ ପରିବର୍ତ୍ତେ ବୟାନ ବଦଳାଇବା ଓ ମାମଲା ରଫାଦଫା ପାଇଁ ତଦନ୍ତକାରୀ ଅଧିକାରୀ ଧମକ ଦେଉଥିବା ସେ ଅଭିଯୋଗ କରିଛନ୍ତି। ପ୍ରଭାବଶାଳୀ ଅଭିଯୁକ୍ତଙ୍କୁ ମାମଲାରୁ ଖସାଇବା ପାଇଁ ପୁଲିସ ଆରମ୍ଭରୁ ଯୋଜନା କରୁଛି ବୋଲି ସେ କହିଛନ୍ତି।

ପୀଡ଼ିତାଙ୍କ ମା' ଏପରି ଅଭିଯୋଗ ଆଣିବା ପରେ ପୁଲିସର ଭୂମିକା ଉପରେ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ କ'ଣ ପାଇଁ, କାହାକୁ ସୁରକ୍ଷା ଦେବାକୁ ଓ କାହା ନିର୍ଦ୍ଦେଶରେ ଚାପ ପକାଉଛି ତାହା ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ପୁଲିସର ତଦନ୍ତ ଉପରେ ପରିବାର ଲୋକ ପ୍ରଶ୍ନ ଉଠାଉଥିବାରୁ ଘଟଣାର ତଦନ୍ତକାରୀ ଅଧିକାରୀଙ୍କୁ କାହିଁକି ବଦଳାଯାଉ ନାହିଁ ବୋଲି ମଧ୍ୟ ଅନେକ ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ବିଜେଡି ଓ କଂଗ୍ରେସ ଦଳର ନେତାମାନେ ଡ଼ାକ୍ତରଖାନାରେ ପୀଡ଼ିତାଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ଶିଶୁ ସୁରକ୍ଷା କମିଶନରଙ୍କ ଅଧ୍ୟକ୍ଷତାରେ ଶିଶୁ ସୁରକ୍ଷା ଆୟୋଗର ଏକ ୩ ଜଣିଆ ଟିମ୍ କ୍ୟାପିଟାଲ ହସ୍ପିଟାଲରେ ପୀଡ଼ିତାଙ୍କୁ ଭେଟିଛନ୍ତି। ଆୟୋଗ ନିଜ ଆଡୁ ଏକ ମାମଲା ରୁଜୁ କରିଛି। ଦୋଷୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି କମିସନର ବବିତା ପାତ୍ର କହିଛନ୍ତି। ଏହି ମାମଲାରେ ପୁଲିସ ଏପର୍ଯ୍ୟନ୍ତ ୬ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ବିଭିନ୍ନ ସ୍ଥାନରେ ଚଢଉ କରିବା ସହ ବିଭିନ୍ନ ସ୍ଥାନରେ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି।

### ରାଜ୍ୟ କ୍ୟାବିନେଟରେ...

ସ୍ନାତକସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ, ୨୦୨୨ର ସଂଶୋଧନ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି। ପୂର୍ବ ନିୟମାବଳୀରେ ମୋଟ ୨୯ଟି ପଦବୀ ଥିବାବେଳେ ସଂଶୋଧନ ପରେ ନିଯୁକ୍ତି ପାଇଁ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ, ୨୦୨୨ର ଅନୁଚ୍ଛେଦ-୧ରେ ୧୪ଟି ପଦବୀ ଅନ୍ତର୍ଭୁକ୍ତ କରାଯିବ। ସେହିପରି ପୂର୍ବରୁ ଅନ୍ତର୍ଭୁକ୍ତ ହୋଇଥିବା ୪ଟି ପଦବୀକୁ ବାଦ୍ ଦିଆଯିବ। ଏହାଦ୍ୱାରା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସମସ୍ତ ୩୯ଟି ସ୍ୱତନ୍ତ୍ର ପଦବୀ ମିଳିତ ସ୍ନାତକସ୍ତର ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ। ତୃତୀୟ ପ୍ରସ୍ତାବ ସ୍ୱରୂପ ରାଜ୍ୟ ସରକାରଙ୍କ ଅଧୀନସ୍ଥ ଖ-ବର୍ଗ ଏବଂ ଗ-ବର୍ଗ ଅନ୍ତର୍ଗତ ବିଭିନ୍ନ ସେବା ଓ ପଦବୀରେ ନିଯୁକ୍ତି ପାଇଁ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ, ୨୦୨୦ର ସଂଶୋଧନକୁ ମଞ୍ଜୁରୀ ଦେଇଛି କ୍ୟାବିନେଟ। ଏହାଦ୍ୱାରା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସର୍ବମୋଟ ୨୪ଟି ପଦବୀକୁ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ।


**AFFIDAVIT**

By virtue of an affidavit sworn before the Executive Magistrate, cuttack sadar, vide No - 9653, dtd 24/11/2025. I, Manoja Kumar Nayak, At- Haripur, PO- Gandadhara, PS- Jagannath prasad, Pin-761121, Dist- Ganjam, Odisha declare that I have changed my name from Manoj Kumar Nayak to Manoja Kumar Nayak. Henceforth I shall be known as Manoja Kumar Nayak for all Purpose.

**AFFIDAVIT**

By virtue of an affidavit sworn before the Executive Magistrate BALIAPAL on Dated 04th October 2025, I, Mrs. RASHMIREKHA SINGHA, Address AT- JAMKUNDA, PO-JAMKUNDA, PS-BALIAPAL, DIST- BALESWAR, 756026, Odisha, have changed my name from "RASHMIREKHA PATTNAYAK" to "RASHMIREKHA SINGHA". Henceforth, I shall be known as "RASHMIREKHA SINGHA" for all purposes.

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 17.11.2025, I Mini Parida W/o- Sudarsan Parida, resident At/Po Siruli, Sub-Dist- Chandanpur, Dist- Puri, Odisha, PIN- 752012, declare that I have changed my daughter's name from Bijuli Nayak to Bijuli Parida. Henceforth, she shall be known as **BIJULI PARIDA** for all future purposes.

ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit sworn before (Executive Magistrate), Nuagaon, dated 26.09.2025.I, Amruta Manjari Swain, Vill- Barapurikia, Po/Ps-Daspalla, Dist-Nayagarh, Odisha, Pin- 752084 declare that I have changed the name of my daughter from Jagruti Priyadarshini to Jagruti Nayak. Henceforth, she shall be known as Jagruti Nayak for all purposes.

Sd/- Amruta Manjari Swain

**AFFIDAVIT**

I Binod Parida aged 55 years s/o late Bailochan Parida of Vill- Uttarbahini, P.O.Garadapur P.S.-Purunabazar Dist- Bhadrak (Odisha) Pin 756181 declare that my name In my school leaving certificatte has been mentioned as Binod Kumar Parida instead of Binod Parida and other documents my name has been mentioned as Binod Parida. So I myself Bindod Parida and Binod Kumar Parida is one and same person in the above address.

**AFFIDAVIT**

By virtue of an affidavit sworn before Notary Public, Bhubaneswar on dated, 24.11.2025, I Arjun Anup, resident at Plot No- 1195, Panas Tota, Punama Gate Sahi, Bhubaneswar, Dist- Khordha, Odisha, PIN- 751002, declare that I have changed my name from Arjun Panda to Arjun Anup. Henceforth, I shall be known as **ARJUN ANUP** for all purposes.

**AFFIDAVIT**

By virtue of an affidavit (CF No. 01, dtd- 20/11/2025) sworn before the Executive Magistrate, Padampur. I, **Keshari Bag,** D/o- Alekha Bag, permanent & current resident of AT- Kukurimunda, PO/PS- Buden, Dist- Bargarh, PIN- 768036, Odisha declare that I have changed my name from **Kishori Bag** to **Keshari Bag.** Henceforth, I shall be known as **Keshari Bag** (new name) for all purposes.

**Keshari Bag**

WATCO
OFFICE OF THE GENERAL MANAGER,
WATCO DIVISION-I, VANIVIHAR SQUARE,
BHUBANESWAR, ODISHA, PIN-751022

C-1554

Phone / FAX: - 0674-2542821 / e-Mail: gmdivonewatco@gmail.com

NATIONAL COMPETITIVE BIDDING THROUGH e-PROCUREMENT

Invitation For Bids (IFB)

GMWATCO-I/73/ 2025-26 Dt.20.11.2025

| | | | |
|---|---|---|---|
| 01 | Name of the work | : | Supplying, Fitting & Fixing of Retrofit Emission Control Device (RECD) for 365KVA DG set installed at WTP, Mundali. |
| 02 | Estimate cost | : | Rs. 9.55 lakh |
| 03 | Period of completion | : | 02 (Two Month) |
| 04 | Date & Time of availability of bid document in the portal | : | From 11.00 AM of Dt.25.11.2025 to 5.00 PM of 05.12.2025 |
| 05 | Last date / time of receipt of bids in the portal | : | 5.00 PM of 05.12.2025 |
| 06 | Date & Time of opening of bids | : | At 12.30 PM of 06.12.2025 |
| 07 | Name and Address of the Officer Inviting Bid | : | General Manager WATCO Division-I, BBSR |

Name & Address of Officer Inviting Bid: The General Manager, WATCO Division-I, Vanivihar Square, BBSR, Odisha,

Further details can be seen from the e-Procurement portal "https://www.tendersodisha.gov.in"

Sd/- GENERAL MANAGER,
WATCO DIVISION-I, BBSR

OIPR-

**AFFIDAVIT**

By virtue of an affidavit no5614, sworn before Executive Margistrate, Tirtol dated-19.09.2025 I, **Narendra Malik,** S/o Shatrughna Malik, resident of Vill- Sirasta, Po- Pailo, Ps- Tirtol, Dist- Jagatsinghpur, Pin- 754162, Odisha declare that I have changed my name **Narotam Mallick to Narendra Malik.** Henceforth I shall be known as **Narendra Malik** for all purposes.

**Narendra Malik**

SAISWARUPA INSTITUTE OF MENTALLY HANDICAPPED
(Special School for M.R. Children)
At/Po- Gelpur, Dist- Bhadrak. Odisha

**ସୂଚନା**

ଏତଦ୍‌ଦ୍ୱାରା ବ୍ୟକ୍ତିବିଶେଷ ଶ୍ରୀ ଶଶଧର ପଣ୍ଡା, ପିତା- ଶ୍ରୀ ଚିତ୍ତରଞ୍ଜନ ପଣ୍ଡା, ସା: ସାମରାଇପୁର, ପୋ: ଗେଲପୁର, ଜିଲ୍ଲା- ଭଦ୍ରକଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତୁମେ ତୁମ ଆଟେଡାଣ୍ଟ ପଦବୀରେ ୭ ଦିନ ଭିତରେ ଯୋଗ ନ ଦେଲେ ବାଧହୋଇ ତୁମ ବିରୁଦ୍ଧରେ ବିଦ୍ୟାଳୟ ପରିଚାଳନା କମିଟି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ॥ଇତି॥

ସମ୍ପାଦକ, ସାଇସ୍ୱରୂପା ମାନସିକ ଭିନ୍ନକ୍ଷମ ସଂସ୍ଥା, ଗେଲପୁର, ଭଦ୍ରକ

O-1554

OFFICE OF THE
SUPERINTENDING ENGINEER
RURALWORKS DIVISION, BALLIGUDA
E-mail: rw_balliguda@yahoo.com

NATIONAL COMPETITIVE BIDDING THROUGH e-Procurement

E-Mail / E-despatch

Bid Identification No. Online Tender/13-2025-26/BLG

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 13-2025-26/BLG | Road Works | 03 Nos | Rs. 59.96 Lakhs to Rs. 80.67 Lakhs | "B" Class | 04(Four) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Executive Engineer Rural Works, Division, Balliguda | Online Tender/13-2025-26/BLG | 25.11.2025 at 10.00 A.M. | 02.12.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.

(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: - www.tendersodisha.gov.in

Executive Engineer
R.W. Division, Balliguda

OIPR-

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର
୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍
ନୟାପଲ୍ଲୀ ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

ଆମ୍ଭର ଭୁବନେଶ୍ୱର ମୁଖ୍ୟ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମ୍ଭେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟଗୁଡିକ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ମୁଖ୍ୟ ଶାଖାର** ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଭୁବନେଶ୍ୱର ମୁଖ୍ୟ ଶାଖା / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଏନ୍‌ପିଏ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ମେସର୍ସ ନିଗମ ହେଲ୍‌ଥ କେୟାର, ସ୍ୱତ୍ୱାଧିକାରୀ: ଶ୍ରୀ ଅନୁପମ ବେହେରା, ଠିକଣା- ପ୍ଲଟ୍ ନଂ.: ୧୬୦, ଗଙ୍ଗନଗର, ୟୁନିଟ୍-୬, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୧, ୨) ଶ୍ରୀ ଅନୁପମ ବେହେରା, ଠିକଣା- ଫ୍ଲାଟ୍ ନଂ.: ଏ୧, ରତ୍ନା ରେସିଡେନ୍ସି, ସତ୍ୟ ନଗର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୭, କୋ-ଓବ୍ଲିଗାଣ୍ଟ/ ଜାମିନ୍‌ଦାର/ ବନ୍ଧକଦାତା: ଶ୍ରୀ ଭଗବାନ ବେହେରା, ଠିକଣା- ଫ୍ଲାଟ୍ ନଂ.: ଏ୧, ରତ୍ନା ରେସିଡେନ୍ସି, ସତ୍ୟ ନଗର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୭ | ମିଆଦୀ ଋଣ / ୦୩.୧୧.୨୦୨୫ | ୧୩.୧୧.୨୦୨୫ / ୧୩.୧୧.୨୦୨୫ ସୁଦ୍ଧା ଟ.୨୩,୩୦,୮୫୩.୦୦ ଯୁକ୍ତ ସେବାବଦ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଦେୟ | ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାର ଖାତା ନଂ.: ୩୮୦, ପରିବର୍ତ୍ତିତ ଖାତା ନଂ.: ୫୪୦/୨୮୬୯, ପ୍ଲଟ୍ ନଂ.: ୧୫୬୨/୫୫୪୧, ଅନୁରୂପ ଖାତା ନଂ.: ୩୮୦, ପ୍ଲଟ୍ ନଂ.: ୧୫୬୨, ମୌଜା: ମଞ୍ଚେଶ୍ୱର, କ୍ଷେତ୍ର: ଏକର୦.୦୨୯୮୪ ଡିସିମିଲି (୧୩୦୦ ବର୍ଗଫୁଟ), ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଡ଼ିଏସ୍‌ଆରଓ: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୧୪ ଏବଂ ୧୩, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୭ସି, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୭ଏ |

ଆମ୍ଭର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମ୍ଭେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ୧) ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ୬୦ ଦିନ ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମ୍ଭେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ/ ଋଣ ଅସୁଲି ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ୍ୟ ହେବୁ। ୨) ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୪.୧୧.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-54-25

କାର୍ଯ୍ୟର ବିବରଣୀ : ତିନି ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର ଇଲେକ୍ଟ୍ରିକାଲ (ବ୍ରହ୍ମପୁର ଏବଂ ପଲାସା) ପରିସୀମା ଅଧୀନସ୍ଥ ଆନୁଷଙ୍ଗିକ ସଂସ୍ଥାପନଗୁଡ଼ିକ ସହିତ ଷ୍ଟେସନଗୁଡ଼ିକ ଠାରେ ସବ୍-ଷ୍ଟେସନ, କେବୁଲିଂ ସଂସ୍ଥାପନ, ଫିଡ଼ର ବାକ୍ସ, ଜଂକ୍ସନ ବାକ୍ସ, ପମ୍ପିଙ୍ଗ୍ ସଂସ୍ଥାପନ, CLS ପ୍ୟାନେଲ ଏବଂ ଲେଭେଲ କ୍ରସିଙ୍ଗ୍ ଫାଟକ, IBs,ହାଇ ମାଷ୍ଟ, ଲିଫ୍ଟ, ଏସ୍କାଲେଟର, ବିଭିନ୍ନ ପ୍ରକାର ଆଲୋକ, ଫ୍ୟାନ୍, ଆର୍ଥିଙ୍ଗ୍ ସଂସ୍ଥାପନ, ଏଚ୍‌ଟି ଏବଂ ଏଲ୍‌ଟି ଫିଡର ପ୍ୟାନେଲ ଭଳି ସମସ୍ତ ପ୍ରକାର ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 7,03,99,986.60, EMD (ଟଙ୍କାରେ): 5,02,000/-।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-55-25

କାର୍ଯ୍ୟର ବିବରଣୀ : ଦୁଇ ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସ୍ୱତନ୍ତ୍ର ଅବସର (Special Occasion) ସମୟରେ ଗୁରୁତ୍ୱପୂର୍ଣ୍ଣ ସେବା ଭବନ ଏବଂ ଷ୍ଟେସନଗୁଡ଼ିକ ଠାରେ ଅସ୍ଥାୟୀ ଆଲୋକ, ଫ୍ୟାନ, ମୋବାଇଲ ଚାର୍ଜିଙ୍ଗ୍ ପଏଣ୍ଟ, ଏୟାର କଣ୍ଡିସନର, ପମ୍ପିଙ୍ଗ୍, ବୈକଳ୍ପିକ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଏବଂ ସାଜସଜ୍ଜା ତଥା ନନ୍ ଇଣ୍ଟରଲକିଙ୍ଗ (NI) କାର୍ଯ୍ୟ ନିମନ୍ତେ ଅତିରିକ୍ତ(Standby)ବିଦ୍ୟୁତ୍ ଯୋଗାଣ ସହିତ ଷ୍ଟେସନ ୟାର୍ଡଗୁଡ଼ିକରେ ଆଲୋକ ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 88,64,778.66, EMD (ଟଙ୍କାରେ): 1,77,300/-।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-56-25

କାର୍ଯ୍ୟର ବିବରଣୀ : ପୁରୀ ଏବଂ ଭୁବନେଶ୍ୱର କୋଚିଙ୍ଗ୍ ଡିପୋ ଠାରେ LHB କୋଚ୍‌ଗୁଡ଼ିକରେ ବିଭିନ୍ନ କମ୍ପାନୀ ଦ୍ୱାରା ଲଗାଯାଇଥିବା ୱାରେଣ୍ଟି ବିହୀନ ତ୍ରୁଟିପୂର୍ଣ୍ଣ 4.5 KW ରେଗୁଲେଟେଡ୍ ବ୍ୟାଟେରୀ ଚାର୍ଜରଗୁଡ଼ିକର ମରାମତି/ରିକଣ୍ଡିସନିଙ୍ଗ୍।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 45,13,796/-, EMD (ଟଙ୍କାରେ): 90,300/-।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-57-25

କାର୍ଯ୍ୟର ବିବରଣୀ : ପଲାସା ଷ୍ଟେସନର ଡାଉନ୍ ପାର୍ଶ୍ୱରେ ହାଇ ଲେଭେଲ ପାସେଞ୍ଜର ପ୍ଲାଟଫର୍ମ ସହିତ ଗୋଟିଏ ଅତିରିକ୍ତ ଲାଇନ୍‌ର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 52,72,324.94, EMD (ଟଙ୍କାରେ): 1,05,500/-।

(5)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-58-25

କାର୍ଯ୍ୟର ବିବରଣୀ : ତିନି ବର୍ଷ ଅବଧି ନିମନ୍ତେ ଭୁବନେଶ୍ୱର କୋଚିଙ୍ଗ୍ ଡିପୋ ଠାରେ ମେଲ/ଏକ୍ସପ୍ରେସ୍/ ସୁପରଫାଷ୍ଟ/ରାଜଧାନୀ ଟାଇପ୍ ଟ୍ରେନ୍‌ଗୁଡ଼ିକରେ ଏସି କୋଚ୍‌ଗୁଡ଼ିକର ମାର୍ଗଦର୍ଶନ ନିମନ୍ତେ କାର୍ଯ୍ୟବଳ (କୁଶଳୀ- 08 ଗୋଟି, ଅର୍ଦ୍ଧ କୁଶଳୀ-116 ଗୋଟି) ର ବହିଃସ୍ରୋତ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 12,23,94,164.31, EMD (ଟଙ୍କାରେ): 7,62,500/-।

(6)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-59-25

କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଅମୃତ ଭାରତ ଷ୍ଟେସନଗୁଡ଼ିକରେ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବିଶ୍ୱସନୀୟତା ଏବଂ ଜରୁରୀକାଳୀନ ବ୍ୟାକ୍ ଅପ୍ ନିମନ୍ତେ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ (BESS)ର ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 3,96,12,600/-, EMD (ଟଙ୍କାରେ): 3,48,100/-।

ଶେଷ ହେବା ଅବଧି : 36 ମାସ (କ୍ରମ ସଂ.1 ଏବଂ 5 ପାଇଁ), 24 ମାସ (କ୍ରମ ସଂ.2 ପାଇଁ), 06 ମାସ (କ୍ରମ ସଂ.3 ଏବଂ 6 ପାଇଁ) ଏବଂ 04 ମାସ (କ୍ରମ ସଂ.4 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.12.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G), ଖୋର୍ଦ୍ଧା ରୋଡ୍

PR-821/Q/25-26

**AFFIDAVIT**

By virtue of an affidavit sworn before the Executive Magistrate, Keonjhar, dated- 17.11.2025 I, **Binoda Kumar Pradhan,** S/o. Banabasi Pradhan, resident of Village/Po.- Gadaguda, PS.- G. Udayagiri, Dist.- Kandhamal, Odisha, PIN- 762100 declare that I have changed my name from **Binod Kumar Pradhan** to **Binoda Kumar Pradhan.** Henceforth I shall be known as **BINODA KUMAR PRADHAN** for all purposes.

**Binoda Kumar Pradhan**

**NOTICE**

By virtue of an affidavit sworn before the Notary Public, Cuttack, dated 18.11.2025 I, Subhasish Satapathy, S/o - Santosh Kumar Satapathy, resident of QR. No. D/156, Sector-7, P.O.- Rourkela, P.S.-Sector-7, Dist- Sundargarh, Odisha, Pin- 769003 have changed my name from Subashish Satpathy to Subhasish Satapathy. Henceforth, I shall be known as Subhasish Satapathy for all purposes.

Sd/- Subhasish Satapathy

**AFFIDAVIT**

By virtue of an affidavit No- 2947 sworn before the Executive Magistrate, Sukinda, Jajpur on dtd- 18/11/2025, I **Sk Badal,** S/o Late Sk Halli, resident of At/Po/Ps- Sukinda, Dist- Jajpur, Odisha. My D.L Card bearing Regd No- OR0420010031407, My Aadhar Card No- 420710768126. I have changed my name and address from Badal Saha, At- Merda,PO- Merda Katichhak, Mangalpur, Jajpur, Odisha (old name & address) to Sk Badal, At/Po/Ps- Sukinda, Dist- Jajpur, Odisha (new name & address). Henceforth, both the name **Badal Saha** and **Sk Badal** is one & same person & I will be known as **Sk Badal,** permanent resident of At/Po/Ps- Sukinda, Dist- Jajpur, Odisha for all future purposes.

**ଆଫିଡେଭିଟ**

ମୁଁ ଶ୍ରୀ ରାମେଶ୍ୱର ମହାନ୍ତି, ପିତା- ନାଲୁ ମହାନ୍ତି, ସା - ଓଲାଡି, ପୋ- କୁଷ୍ଠିହା ଥାନା ବସ୍ତା ଜିଲ୍ଲା ବାଲେଶ୍ୱର ପିନ୍- 756029ର ବାସିନ୍ଦା ଅଟେ। ମୁଁ ଗୋଟିଏ LIC କରିଥିଲି। ଯାହାର ପଲିସି ନମ୍ବର 588035598। ଏହି ପଲିସିଟି ସନ୍ୟାସୀ ମହାନ୍ତି ପି- ନାଲୁ ମହାନ୍ତି ନାମରେ କରାଯାଇଥିଲା । ବର୍ତ୍ତମାନ ସନ୍ୟାସୀ ମହାନ୍ତି ନାମରେ ଥିବା ସମସ୍ତ ଡକ୍ୟୁମେଣ୍ଟ ଯଥା ଆଧାର କାର୍ଡ, ଭୋଟର କାର୍ଡ ଓ ବ୍ୟାଙ୍କ ପାସ ବୁକ୍ ଇତ୍ୟାଦି ସବୁଥିରେ ରାମେଶ୍ୱର ମହାନ୍ତି ନାମରେ ପରିବର୍ତ୍ତନ ହୋଇସାରିଛି । ସନ୍ୟାସୀ ମହାନ୍ତି ଓ ରାମେଶ୍ୱର ମହାନ୍ତି ହେଉଛନ୍ତି ଜଣେ ଓ ଅଭିନ୍ନ। ତାହା ମୁଁ ନିଜେ ଏବଂ ମୁଁ ଏହାର ସତ୍ୟତା ପାଇଁ କୋର୍ଟରେ ଏକ ଏଫିଡେବିଟ କରିସାରିଛି। ଏଣୁ ବିନୀତ ଅନୁରୋଧ ମୋର ଏହି LIC ପଲିସିଟିରେ ସନ୍ୟାସୀ ମହାନ୍ତି ପରିବର୍ତ୍ତେ ରାମେଶ୍ୱର ମହାନ୍ତି ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛି।

**ଶସ୍ତାରେ ଧାନ କିଣି ଗୋଦାମ ଭର୍ତ୍ତି**

# କୃଷକ ସଂଗଠନ ପକ୍ଷରୁ ମିଲରଙ୍କ ଷ୍ଟକ୍ ଯାଞ୍ଚ ଦାବି

ବରଗଡ଼,୨୪।୧୧(ସମିସ):



ବରଗଡ଼ ଜିଲ୍ଲା ଓଡ଼ିଶାର ଭାତ ହାଣ୍ଡି ଭାବେ ପରିଚିତ। ହେଲେ ଏଠାରେ ଧାନ କିଣା ମିଲର ମାନଙ୍କ ଦୟାରେ ହୋଇଥାଏ। ରାଇସ ମିଲର ମାନେ ଯେମିତି ଚାହିଁବେ, ଯେବେ ଚାହିଁବେ, ଯେତେ କଟଣୀ ଛଟଣୀ ଚାହିଁବେ କରିବେ। ଅଯଥା ଚାଷୀଙ୍କୁ ହଇରାଣ କରିବେ। ଚାଷୀ ବିକ୍ରି ପାଇଁ ମଣ୍ଡିକୁ ଉପଯୁକ୍ତ ଧାନ ଆଣିଥିଲେ ମଧ୍ୟ ମିଲର ମାନଙ୍କ ଏଜେଣ୍ଟ କଟିଂ ନ ଦେଲେ ଧାନ ଉଠାଉ ନାହାନ୍ତି। ହେଲେ ଚଳିତ ବର୍ଷ ଗତ ୨୬ ଅକ୍ଟୋବରରେ ରାଇସ ମିଲର ମାନେ ରାଜ୍ୟ ସ୍ତରୀୟ ବୈଠକ କରି ପୂର୍ବ ସମସ୍ତ ଚାଉଳ ନ ଉଠାଇଲେ ଚଳିତ ବର୍ଷ ଧାନ ସଂଗ୍ରହରେ ସାମିଲ ନ ହେବା ପାଇଁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଅନେକ ରାଇସ ମିଲର ମାନେ ୧୫/୧୬ ଶହ ଟଙ୍କାରେ କେମିତି ଧାନ କିଣିଛନ୍ତି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଯଦି ଗୋଦାମ ଗୃହରେ ଧାନ ଭର୍ତ୍ତି ଅଛି ତେବେ ନିୟମ ଅନୁଯାୟୀ ମିଲ୍‌ର ଷ୍ଟକ ଯାଞ୍ଚ କରାଯାଉ। ଚଳିତ ବର୍ଷ ଧାନ କିଣା ପୂର୍ବରୁ ସମସ୍ତ ଧାନ ଉଠାଯାଇ ମିଲ ଖାଲି କରାଯାଉ। ପ୍ରତ୍ୟେକ ଦିନ ହଜାର ହଜାର କ୍ୱିଣ୍ଟାଲ ଧାନ ମିଲର ମାନେ କିଣି ମିଲ୍‌ରେ ଭର୍ତ୍ତି କରୁଛନ୍ତି। ଏହା କିପରି ଜିଲ୍ଲା ଯୋଗାଣ ବିଭାଗ ଜାଣି ପାରୁନାହିଁ ବୋଲି ସେମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟ ଜିଲ୍ଲାରେ ଅସାଧୁ ବ୍ୟକ୍ତି ଧାନ କିଣା କାରବାରରେ ଧରା ପଡୁଛନ୍ତି। ବରଗଡ଼ରେ ମଧ୍ୟ ସେପରି ଯାଞ୍ଚର ଆବଶ୍ୟକତା ଥିବା ଚାଷୀ ଦାବି କରିଛନ୍ତି। ଏଣୁ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ମିଲ ମାନଙ୍କ ଷ୍ଟକ ଯାଞ୍ଚ କରାଯାଉ ଏବଂ ଅନୈତିକ ଧାନ କିଣା ବନ୍ଦ କରାଯାଉ ବୋଲି ଆଜି ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# କଳାପାଣି ମଣ୍ଡିରେ ୧୬ ହଜାର ବସ୍ତା ଜମା କଲେ ଚାଷୀ



ବରଗଡ଼,୨୪।୧୧(ସମିସ): ବରଗଡ଼ ଜିଲ୍ଲାରେ ଚଳିତ ଖରିଫ ଋତୁ ଧାନ ଅମଳ ହୋଇଛି। କିନ୍ତୁ ନୂଆପଡା ଉପନିର୍ବାଚନ ଯୋଗୁଁ ସରକାର ବ୍ୟସ୍ତ ଥିବାରୁ ଜିଲ୍ଲା ଡିଏଲପିସି ମିଟିଂ ବିଳମ୍ବ ହୋଇଛି। ଧାନ ସଂଗ୍ରହ ପାଇଁ ଆସନ୍ତା ୨୮ ତାରିଖ ମଣ୍ଡି ଖୋଲାଯିବ ବୋଲି ସରକାର ଘୋଷଣା କରିଛନ୍ତି। ଖରିଫ ଋତୁ ଧାନ ସଂଗ୍ରହ ବିଳମ୍ବ ଯୋଗୁଁ ଧାନ ଅମଳ କରିଥିବା ଚାଷୀ ଜୋର ଜବରଦସ୍ତ କଳାପାଣି ମଣ୍ଡିରେ ୧୬ ହଜାର ବସ୍ତା ଧାନ ସୋମବାର ଜମା କରିଛନ୍ତି। ମଣ୍ଡି ଗୁଡିକରେ ଏତେ ପରିମାଣ ଧାନ ନିର୍ଦ୍ଧାରିତ ସମୟ ପୂର୍ବରୁ ଆସିବା ଜିଲ୍ଲା ପ୍ରଶାସନ ପାଇଁ ଚିନ୍ତାର ବିଷୟ ହୋଇଛି। ଅନେକ ଚାଷୀଙ୍କ ଟୋକନ ଆସି ନ ଥିବାରୁ ସେମାନେ କେମିତି ଧାନ ବିକ୍ରି କରିବେ ସେ ନେଇ ଚିନ୍ତାରେ ଅଛନ୍ତି। ଆସନ୍ତା ୨୮ ତାରିଖ ଦିନ ଜିଲ୍ଲାର ସମସ୍ତ ମଣ୍ଡି ଖୋଲିବ ଆଉ ସମସ୍ତ ଚାଷୀଙ୍କ ଧାନ ଟୋକନ ମାଧ୍ୟମରେ କିଣାଯିବ ବୋଲି ଅତାବିରା ଆର୍‌ଏମସି ଚେୟାରମ୍ୟାନ ତଥା ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ କହିଛନ୍ତି।

# ‘ଉଡାନ୍’ ଶିବିରରେ ଦହିତା ହାଇସ୍କୁଲର ସଫଳତା



ଦହିତା,୨୪।୧୧(ସମିସ): ରାଜ୍ୟସ୍ତରୀୟ ଭାରତ ସ୍କାଉଟ୍ ଗାଇଡ୍‌ର ‘ଉଡାନ୍’ ଶିବିର ଭୁବନେଶ୍ୱର ୟୁନିଟ୍ ୩ ଠାରେ ୧୮ ରୁ ୨୨ ପର୍ଯ୍ୟନ୍ତ ହୋଇଯାଇଛି। ଏଥିରେ ବରଗଡ଼ ଜିଲ୍ଲାର ରାଜବୋଡାସମ୍ବର ବ୍ଲକ୍‌ର ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ, ଦହିତାର ଗାଇଡ୍ କ୍ୟାପଟେନ୍ ସୋନାଲିକା ଶବରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ୭ଜଣ ଗାଇଡ୍ ଓ ୩ ଜଣ ସ୍କାଉଟ୍ ଅଂଶଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥି ସକାଶେ ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ଆୟୋଜିତ ସଭାରେ ମୋ ସ୍କୁଲ ଅଭିଯାନର ସଭାପତି ମକରଧ୍ୱଜ ବଗାର୍, ପରିଚାଳନା କମିଟି ଅଧ୍ୟକ୍ଷ ଉପେନ୍ଦ୍ର ପଟେଲ, ଉପାଧ୍ୟକ୍ଷା ରୀନା ସିନ୍ଦୂରଙ୍କ ଉପସ୍ଥିତରେ ଗାଇଡ୍ କ୍ୟାପଟେନ୍ ଓ ସ୍କାଉଟ୍ ଗାଇଡ୍ ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଜୟର ସଙ୍କେତ ଫଳକ ଓ ପ୍ରମାଣପତ୍ର ପ୍ରଧାନଶିକ୍ଷକଙ୍କୁ ଗାଇଡ୍ କ୍ୟାପଟେନ୍ ପ୍ରଦାନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯିବ। ଅତିଥିମାନେ ବିଦ୍ୟାଳୟର ଏତାଦୃଶ ଉନ୍ନତିରେ ପ୍ରଧାନଶିକ୍ଷକଙ୍କ ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ଶିକ୍ଷକ ପୁରନ୍ଦର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ବରଗଡ଼ ହାଟପଦାସ୍ଥିତ ସଞ୍ଚାର ପଡ଼ିଆରେ ୭୮ ତମ ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପିତ

# ସେକ୍ସ ରାକେଟ ଠାବ: ୪ ମହିଳା, ୨ ପୁରୁଷ ଗିରଫ

ବରଗଡ଼,୨୪।୧୧(ସମିସ): ବରଗଡ଼ ସହର ଉପକଣ୍ଠରେ ସୋମବାର ସେକ୍ସ ରାକେଟ ଧରା ପଡ଼ିଛି। ଏଥିରେ ୪ ମହିଳା ଓ ୨ ପୁରୁଷଙ୍କୁ ପୁଲିସ ନିଜ ଜିମାରେ ରଖିଛି। ବରଗଡ଼ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଅନୈତିକ ବେଶ୍ୟା ବୃତ୍ତି କାରବାର ଚାଲୁଥିବା ଖବର ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନାଙ୍କ ହସ୍ତଗତ ହୋଇଥିଲା। ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲେ। ଏହାପରେ ଚଢ଼ଉ କରାଯାଇଥିଲା। ଏଥିରେ ବରହଗୋଡା ଗାଁ କଲୋନୀପଡାରେ ପଦ୍ମା ନାଗ ଘରେ ଅନୈତିକ ବେଶ୍ୟାବୃତ୍ତି କାରବାର ପୁଲିସ ଦଳ ଚିହ୍ନଟ କରିଥିଲା। ପଦ୍ମା ସହିତ ୨ ଜଣ ଗ୍ରାହକଙ୍କୁ ଗିରଫ କରାଯାଇଥିଲା ଏବଂ ୩ ଜଣ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା। ସନ୍ଧାନ ସମୟରେ ପଦ୍ମା ନାଗଙ୍କ କଥିତ ଘରୁ ବିପୁଳ ପରିମାଣରେ ବ୍ୟବହୃତ ଏବଂ ଅବ୍ୟବହୃତ କଣ୍ଡୋମ, ୪ଟି ମୋବାଇଲ୍ ଫୋନ୍ ଏବଂ ନଗଦ ୩୦୦୦ ଟଙ୍କା ଜବତ କରାଯାଇଛି। ଏହି ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ମାନେ ହେଲେ ପଦ୍ମା ନାଗ (୩୫), ଶିବା ପ୍ରସାଦ ନାଗ, ଅର୍ପିତ ବେହେରା (୨୩) ଓ ନିମାଇଁ ଚରଣ ତାଣ୍ଡି (୨୧)। ସମସ୍ତଙ୍କୁ ଡାକ୍ତରୀ ମାଇନା କରାଯିବା ପରେ କୋର୍ଟକୁ ଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

# କଳାକାରଙ୍କୁ ଅଣଦେଖା ଓ ପାନ୍ତରଅନ୍ତର ଅଭିଯୋଗ

● ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦା



ଅମ୍ବାଭୋନା,୨୪।୧୧(ସମିସ): ରାଜ୍ୟ ସରକାର କଳାକାରଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯିବାକୁ ବିଭିନ୍ନ ଯୋଜନା ମାଧ୍ୟମରେ ସହାୟତା ପ୍ରଦାନ କରୁଛନ୍ତି। ତେବେ ଅମ୍ବାଭୋନା ବ୍ଲକ୍‌ର କଳାକାରଙ୍କୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଅଣଦେଖା ଓ ପକ୍ଷପାତିତା କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟଙ୍କ ଜରିଆରେ ପ୍ରକାଶପୁର ଜୟ ଜଗନ୍ନାଥ ସଂଗୀତ କଳା ପରିଷଦ ସଦସ୍ୟ ଓ କଳାକାର ଗଣ ଲିଖିତ ଭାବେ ଜଣାଇଛନ୍ତି। ଅମ୍ବାଭୋନା ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଅନ୍ତର୍ଭୁକ୍ତ କଳାକାର ହିତାଧିକାରୀଙ୍କ ଜୀବିତ ପ୍ରମାଣ ପତ୍ର ଗେଜେଟ ସରକାରୀ ଅଧିକାରୀଙ୍କ ସ୍ୱାକ୍ଷର ପାଇଁ ଅମ୍ବାଭୋନା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ଲଳିତ ବାଗଙ୍କ ଦ୍ୱାରସ୍ଥ ହୋଇ ନିବେଦନ କରିଥିଲେ। କିନ୍ତୁ ବିଡିଓ କଳାକାର ମାନଙ୍କୁ ଅଣଦେଖା, ଉପେକ୍ଷା ଓ ପାନ୍ତରଅନ୍ତର ନୀତି କରି ଅପମାନିତ କରିଥିଲେ। ଜୀବିତ ପ୍ରମାଣପତ୍ରରେ ଆଟେଷ୍ଟ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି ଏବଂ ତାହା ଦେଖାଇବାକୁ ବିଡିଓ କଳାକାରଙ୍କୁ କହିଥିଲେ। କିନ୍ତୁ ପରବର୍ତ୍ତୀ ଦିନ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିଶେଷ ଗୁରୁତ୍ୱ ଦେଇ କଳାକାର ଜୀବିତ ପ୍ରମାଣ ପତ୍ର ଅମ୍ବାଭୋନା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ଲଳିତ ବାଗ ଆଟେଷ୍ଟ କରିଥିଲେ। ବିଡିଓଙ୍କ ଏପରି ନକରାତ୍ମକ ଚିନ୍ତାଧାରା ତଥା ମନମୁଖି ଓ ପାନ୍ତଅନ୍ତର ନୀତି ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କଳାକାର ଓ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ହିତାଧିକାରୀ ମାନେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଅନୁରୋଧ କରିଛନ୍ତି।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବରଗଡ଼,୨୪।୧୧(ସମିସ): କଟାପାଲି ପଞ୍ଚାୟତ ଠାରେ ସୋମବାର ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆଦାନୀ ଫାଉଣ୍ଡେସନ ଏବଂ କଟାପାଲି ସିଏଚସି ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଶିବିର ସରପଞ୍ଚ ରମେଶ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଥିରେ ଡ.ପରେଶ୍ ପଣ୍ଡା, ଡ.ପ୍ରେମାନନ୍ଦ ମେହେର, କୁମୁଦ ବନ୍ଧୁ ବାଗ, ଷ୍ଟାଫ୍ ଓ ଆଶାକର୍ମୀ ସହଯୋଗ କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବିତରଣ କରାଯାଇ ଥିଲା। ପ୍ରଦୀପ୍ତ ମହାନ୍ତି, ଆଦାନୀ ଫାଉଣ୍ଡେସନ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ମୋଟ ୧୫୦ରୁ ଊର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

# ବିଭିନ୍ନ ସ୍ଥାନରେ ସତ୍ୟସାଇ ବାବାଙ୍କ ଜନ୍ମ ବାର୍ଷିକୀ

ପାଇକମାଳ,୨୪।୧୧(ସମିସ): ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ଭଜନମଣ୍ଡଳୀ ଆନୁକୂଲ୍ୟରେ ସତ୍ୟ ସାଇବାବାଙ୍କ ୧୦୦ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳେ ନଗର ସଂକୀର୍ତ୍ତନ ଏବଂ ସନ୍ଧ୍ୟାରେ ବେଦ ଧ୍ୱନି ହୋଇଥିଲା। ଆବାହକ ପତିତପାବନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସତସଙ୍ଗରେ ସନ୍ତୋଷ ପାଢ଼ୀ ବାବାଙ୍କ ଜୀବନୀ ଓ ଅବତାରର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ସୁଧାଂଶୁ ଶେଖର ସେଠ, ନିରୋଜ ସାହୁ, ସୁନୀଲ ସାହୁ, ପ୍ରଶାନ୍ତ ସାହୁ, ଫକୀର ମୋହନ ବାରିକ, ସୁରଥ ସାହୁ, ସୁଦାମ ଚରଣ ସାହୁ, ହେମସାଗର ସାହୁ, ପିଣ୍ଟୁ ସାହୁ, ଜିତୁ ସାହୁ, ବୀଣା ସାହୁ, ସନ୍ତୋଷିନୀ ସାହୁ, ଦମୟନ୍ତୀ ସାହୁ, ବୀଣାପାଣି ସାହୁ, ଶିବାନୀ ସାହୁ, ରାନୀ ସାହୁ, ବେବି ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପୂର୍ବତନ ଆବାହକ ସୁନୀଲ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ମାଣ୍ଡୋସିଲ ସତ୍ୟସାଇ ଭଜନ ମଣ୍ଡଳୀ ତରଫରୁ ସତ୍ୟ ସାଇବାବାଙ୍କ ୧୦୦ ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏଥିରେ ଆବାହକ ଶରତ ଚନ୍ଦ୍ର ହଂସ, ନବୀନ ଡନସନା, ଯୋଗେନ୍ଦ୍ର ଡନସନା, ରାଧେଶ୍ୟାମ ପଟେଲ, ଜଗନ୍ନାଥ ପୁଟା, କିଶୋର ଖୁଣ୍ଟିଆ, ମହେନ୍ଦ୍ର ଖୁଣ୍ଟିଆ, ପଞ୍ଚୁରାମ ସାହୁ, ଅରୁଣାଚାନ୍ଦ ସାହୁ, ଗୋପାଳ ପ୍ରସାଦ ବେହେରା, ତପନ ବହିଦାର, ଅନୀତା ମିଶ୍ର, ଭାରତୀ ସାହୁ, ପ୍ରେମଲତା ସାହୁ, ଗଜରାଜ ଡନସନା, ମୂରଲୀ ମହାନନ୍ଦ ସମେତ ଭକ୍ତମାନେ ଉପସ୍ଥିତ ଥିଲେ। ସେହିପରି ପାଇକମାଳ ସତ୍ୟସାଇ ମନ୍ଦିରରରେ ସତ୍ୟ ସାଇବାବାଙ୍କ ୧୦୦ ତମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦିପ ପୁରୋହିତ ଯୋଗ ଦେଇଥିଲେ। ପବିତ୍ର ମୋହନ ରଥ, ନନ୍ଦ କିଶୋର ଶ୍ରୀବାସ୍ତବ, ଲକ୍ଷ୍ମଣ ସାହୁ, ଯାଜ୍ଞସିନୀ ନାୟକ ପ୍ରମୁଖ ସତ୍ୟ ସାଇବାବାଙ୍କ ଜୀବନୀ ଉପରେ ଭକ୍ତମାନଙ୍କୁ ବୁଝାଇ ଥିଲେ। ରଶ୍ମିତା ପାତ୍ର, ଦିପ୍ତିମୟୀ ସାହୁ, ଦିଲ୍ଲିପ ବେହେରା, ଅଶୋକ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଦରିଦ୍ରଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

ବରଗଡ଼: ସ୍ଥାନୀୟ ନିଗମାନନ୍ଦ ବିହାର ଠାରେ ଦୈତାରୀ ସାହୁଙ୍କ ପୁତ୍ର ଶିବଶଙ୍କର ସାହୁଙ୍କ ବିବାହ ଉତ୍ସବର ଶୁଭ ମାଙ୍ଗଳିକ କାର୍ଯ୍ୟ ଅବସରରେ ସତ୍ୟ ସାଇବାବାଙ୍କ ଆଶୀର୍ବାଦ କାମନା ସହିତ ଭଜନ ପରିବେଷଣ କରାଯାଇଛି। ଏହି ଅବସରରେ ବରଗଡ଼ ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ବେଦମନ୍ତ୍ର ପାଠ ସହିତ ଭଜନ ପରିବେଷଣ କରାଯାଇଥିଲା। ବିଶିଷ୍ଟ ଶିକ୍ଷାବିଦ ପଞ୍ଚମ ପ୍ରଧାନ, ରଶ୍ମିପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଡାର ଉନ୍ନୟନ କମିଟି ସଭାପତି ସଦାଶିବ ସାହୁଙ୍କ ସମେତ ଶତାଧିକ ଜନତା ଯୋଗ ଦେଇଥିଲେ।

# ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା



ପଦ୍ମପୁର,୨୪।୧୧(ସମିସ): ବ୍ରାହ୍ମଣ ସମାଜ ପଦ୍ମପୁର ଆନୁକୂଲ୍ୟରେ୬ଟି ଗ୍ରୁପ୍‌ରେ ଚିତ୍ରାଙ୍କନ ଓ ୨ଟି ଗ୍ରୁପ୍‌ରେ ରଙ୍ଗୋଲି ପ୍ରତିଯୋଗିତା ସ୍ଥାନୀୟ ବ୍ରାହ୍ମଣ ସମାଜ ସାଂସ୍କୃତିକ ଭବନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଛୋଟ ଛୋଟ ପିଲାଙ୍କ ଠାରୁ ମହିଳା ପର୍ଯ୍ୟନ୍ତ ଅଂଶଗ୍ରହଣ କରିଥିଲେ। ଚିତ୍ତାକର୍ଷକ ଚିତ୍ର ତଥା ରଙ୍ଗୋଲି ଅଙ୍କନ କରିଥିଲେ। ନୃତ୍ୟ, ଗୀତ, ହୁଳହୁଳି, ଶଙ୍ଖଧ୍ୱନି ପ୍ରଭୃତି ପ୍ରତିଯୋଗିତା ସହ ଓଡ଼ିଶାର ସ୍ୱନାମଧନ୍ୟ ବିଶିଷ୍ଟ ଭଜନ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ତଥା ଶିବାନନ୍ଦ ତ୍ରିପାଠୀଙ୍କ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ ଓ ପ୍ରତିଯୋଗିତାରେ ଭାଗନେଇ ଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସମ୍ପାଦକ ସଦାନନ୍ଦ ପୁରୋହିତ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣ ନାୟକ, ସବିତା ପଣ୍ଡା ଓ ସୁନୀତା ଦାଶ ବିଚାରକ କାର୍ଯ୍ୟ ତୁଲାଇଥିଲେ। ସ୍ୱର୍ଣ୍ଣକାନ୍ତି ପତି, ଜ୍ୟୋତ୍ସ୍ନା କର, ତୃପ୍ତି ଦାଶ, ଜିତେଶ୍ୱରୀ ଦାଶ, ତ୍ରିବିକ୍ରମ ପାଣିଗ୍ରାହୀ, ଚନ୍ଦ୍ରଶେଖର ପୁରୋହିତ, ସାନ୍ତାନୁ ପାଣିଗ୍ରାହୀ, ସୁରେଶ ମିଶ୍ର, ବଳଦେବ ପାଣିଗ୍ରାହୀ, ଜିତେନ୍ଦ୍ର ଦାଶ, ପାର୍ଥସାରଥୀ ମହାପାତ୍ର, ପ୍ରଫୁଲ୍ଲ ମିଶ୍ର, ଉମେଶ ଦାଶ, ଅନନ୍ତ ଦାଶ, ସୁରେଶ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ମନ୍ତ୍ରମୁଗ୍ଧ କଲା ଛତିଶଗଡ଼ର ପାଣ୍ଡୱାନି ଲୋକକଳା



ବରଗଡ଼,୨୪।୧୧(ସମିସ): ବରଗଡ଼ ୨୨ତମ ପୁସ୍ତକ ମେଳାର ସୋମବାର ପଞ୍ଚମ ସନ୍ଧ୍ୟାରେ ସମ୍ବଲପୁର ସର୍ଗିଜହ୍ନ ସାଂସ୍କୃତିକ ଦଳ ତରଫରୁ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଳାକାର ପୁଷ୍ପା ବେହେରାଙ୍କ ପାଣ୍ଡୱାନି ଢଙ୍ଗରେ ଗୋପୀଙ୍କ ବସ୍ତ୍ରହରଣ ଜନସାଧାରଣଙ୍କୁ ମନ୍ତ୍ରମୁଗ୍ଧ କରିଛି। ପାଣ୍ଡୱାନି ହେଉଛି ଛତିଶଗଡର ଏକ ପାରମ୍ପରିକ କାହାଣୀ ଲୋକକଳା। ଏଥିରେ ମହାକାବ୍ୟ ମହାଭାରତର କାହାଣୀ ଗୁଡିକର ସଙ୍ଗୀତମୟ ବର୍ଣ୍ଣନା ରହିଛି। କଳାକାରମାନେ କାହାଣୀ ଗୁଡିକୁ ନାଟକୀୟ କରିବା ପାଇଁ ହାତ ଇଙ୍ଗିତ ଏବଂ ସର୍ବନିମ୍ନ ଶରୀର ଅଙ୍ଗଭଙ୍ଗି ବ୍ୟବହାର କରନ୍ତି। ପୁଷ୍ପା ବେହେରା ପାଣ୍ଡୱାନି ଢଙ୍ଗକୁ ନିଜେ ଆପଣାଇ ଆଞ୍ଚଳିକ ସମ୍ବଲପୁରୀ ଭାଷାରେ ଖୁବ୍ ସୁନ୍ଦର୍ ଭାବେ ପରିବେଷିତ କରିଥିଲେ। ପାଠାଗାର ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ କଲ୍ୟାଣୀ ଦାଶ ଓ ବରଗଡ଼ ଇମ୍ପେରିୟଲ ମହାବିଦ୍ୟାଳୟର ଚେୟାରମ୍ୟାନ ଦୀପକ ଗୋୟଲ୍ ପୁଷ୍ପଗୁଚ୍ଛ, ଶାଲ ଓ ସ୍ମାରକୀ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସନ୍ଧ୍ୟାରେ ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓଡ଼ିଆ ବିଭାଗ ଓ ବେଦିକ ଇଣ୍ଟରନ୍ୟାସ୍ନାଲ ସ୍କୁଲର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପାଠାଗାରର ସଦସ୍ୟ ସନ୍ତୋଷ ପଣ୍ଡା ଏହାର ସଂଯୋଜନା କରିଥିଲେ। ଉଭୟ ସ୍କୁଲର ସାଂସ୍କୃତିକ ଦଳକୁ ଶିଳ୍ପପତି ଚନ୍ଦ୍ର ଶେଖର ବାଗ, ସରସରା ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ମିଶ୍ର ସ୍ମାରକୀ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପାଠାଗାରର ଉପ ସଭାପତି ମନୋରଞ୍ଜନ ସାହୁ ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ସାକେତ ଶ୍ରିଭୂଷଣ ସାହୁଙ୍କ ରଚିତ କୋଶଳୀ ସମ୍ବଲପୁରୀ କବିତା ସଙ୍କଳନ ପଦମ୍ କହଁଡୋକୁ ଆଜିକାର ଅତିଥି ଚନ୍ଦ୍ର ଶେଖର ବାଗ ଉନ୍ମୋଚନ କରିଥିଲେ। ଏହି ସମୟରେ ପାଠାଗାରର ସଭାପତି ଅରୁଣ ମହାନ୍ତି, ଉପ ସଭାପତି ମନୋରଞ୍ଜନ ସାହୁ ଓ ଲେଖକ ଶ୍ରୀ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନଆଚାର୍ଯ୍ୟ ରଞ୍ଜନ ବିଶ୍ୱାଳ, ସମ୍ପାଦକ ସୁରେଶ ସାହୁ, ବେଦିକ ଇଣ୍ଟରନ୍ୟାସ୍ନାଲ ସ୍କୁଲର ଅଧ୍ୟକ୍ଷା ଗାର୍ଗୀ ଚାଟାର୍ଜୀ, ଅଫିସ ଏକ୍ଜିକ୍ୟୁଟିଭ କୃଷ୍ଣ ଚନ୍ଦ୍ର ସାହୁ, ଲୋକ ସମ୍ପର୍କ ଅଧିକାରୀ ଗୋବିନ୍ଦ ପ୍ରଧାନ ପ୍ରମୁଖ ଉଦ୍‌ଘାଟନ କରିଥିଲେ।

# ଟ୍ରାନ୍ସଫର୍ମର ପଡ଼ି ଯୁବକଙ୍କ ମୃତ୍ୟୁ

ବିଜେପୁର,୨୪।୧୧(ସମିସ):



ନ୍ୟାୟ ଦାବିରେ ରାସ୍ତାରୋକ

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଅଧୀନ ବାଦିପାଲି ଗାଁରେ ଟ୍ରାନ୍ସଫର୍ମର ଲୋଡିଂ ସମୟରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଯତିନ୍ଦ୍ର ମେହେର (୩୧) ବୋଲି ଜଣାପଡ଼ିଛି। ଗତ ୨୧ ତାରିଖ ବାଦୀପାଲି ଗ୍ରୀଡରେ ଟ୍ରାନ୍ସଫର୍ମର ବଦଳ କାମ ଚାଲୁଥିଲା। ଲୋଡିଂ ସମୟରେ ଟ୍ରାନ୍ସଫର୍ମରକୁ ଉଠାଇବା ପାଇଁ ପର୍ଯ୍ୟାପ୍ତ ଲୋକ ନଥିବାରୁ ରାସ୍ତାରେ ଯାଉଥିବା ଯତିନ୍ଦ୍ରଙ୍କୁ ସହଯୋଗ ପାଇଁ ଡକାଯାଇଥିଲା। ଯତିନ୍ଦ୍ର ମାନବିକତା ଦୃଷ୍ଟିରୁ ସହାୟତା କରିବାକୁ ଆସିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଟ୍ରାନ୍ସଫର୍ମରଟି ହଠାତ୍ ଗଡିପଡିଥିଲା। ଏଥିରେ ଯତିନ୍ଦ୍ରଙ୍କ ଛାତି ଓ ପେଟ ଚାପି ହୋଇ ରହିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବିଜେପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଡାକ୍ତର ବରଗଡ଼ ସରକାରୀ ଡାକ୍ତରଖାନାକୁ ପଠାଇଥିଲେ। ଏହାପରେ କିଶୋରୀ ନର୍ସିଂହୋମ ବରଗଡ଼, ପରେ ବିକାଶ ହସ୍ପିଟାଲ ବରଗଡ଼, ଶେଷରେ ବୁର୍ଲା ବିକାଶ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଆଘାତ ଗୁରୁତର ହୋଇଥିବାରୁ ଆଜି ଯତିନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ପଛକୁ ତାଙ୍କର ସ୍ତ୍ରୀ ସବିତା ମେହେର ଏବଂ ୫ ବର୍ଷର ବଡ ଓ ୩ ବର୍ଷର ଛୋଟ ଝିଅ ରହିଛନ୍ତି। ଗରିବ ପରିବାରରେ ଏବେ ଚଡ଼କ ପଡ଼ିଛି। ଯତିନ୍ଦ୍ରଙ୍କ ଅକାଳ ମୃତ୍ୟୁରେ ସମଗ୍ର ବାଦିପାଲି ଗାଁରେ ଶୋକର ଛାୟା ଖେଳି ଯାଇଛି। ନ୍ୟାୟ ତଥା ପରିବାର ବର୍ଗଙ୍କ ଭରଣପୋଷଣ ପାଇଁ ସେମାନେ ପଦ୍ମପୁର ବିଜେପୁର ମୁଖ୍ୟ ରାସ୍ତାରେ ରାସ୍ତାରୋକ କରିଛନ୍ତି। ବିଦ୍ୟୁତ ବିଭାଗ ପକ୍ଷରୁ ମୂଳ ସୁରକ୍ଷା ନିୟମ ଅନୁସରଣ କରା ଯାଇନଥିବାରୁ ଏହି ଦୁଃଖଦ ଘଟଣା ଘଟିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ, ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଖବର ପାଇ ବିଜେପୁର ଥାନା ଅଧିକାରୀ ସୁଶାନ୍ତ ମଣି ମହାନ୍ତି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସଙ୍ଗେ ଆଲୋଚନା କରି ରାସ୍ତାରୋକ ବନ୍ଦ କରିବାକୁ ଚେଷ୍ଟା କରିଛନ୍ତି। ଖବର ପାଇ ବିଜେପୁର ବ୍ଲକ୍‌ର ଚେୟାରମ୍ୟାନ ଜୟକୃଷ୍ଣ ଡନସନା ଏବଂ ଯୋଖିପାଲି ପଞ୍ଚାୟତ ସରପଞ୍ଚ ସବିତା ସାହୁ ଲୋକଙ୍କ ପାଖରେ ପହଞ୍ଚି ସମବେଦନା ଜଣାଇବା ସହ ଲୋକଙ୍କୁ ବୁଝାସୁଝା କରିଥିଲେ।

## ଦୁର୍ଘଟଣାରେ ୨ ମୃତ, ୨ ଗୁରୁତର

**ବଲାଙ୍ଗିର,୨୪।୧୧(ସମିସ):**ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ୨୬ ନଂ ଜାତୀୟ ରାଜପଥ ବୁଢ଼ିପଦର୍ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସଡ଼କ ଦୁର୍ଘଟଣାରେ ଦୁଇ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ଯୋଗ୍ୟ ଦୁଇଟି ବାଇକ୍‌ରେ ଦୁଇ ଜଣ ଯୁବକ ରାଜ୍ୟ ବାହାରରୁ କାମ କରି ଫେରୁଥିବା ବେଳେ ସେମାନଙ୍କ ଗାଁର ଦୁଇ ଜଣ ଯୁବକ ବାଇକ୍‌ରେ ନେବାପାଇଁ ଯାଇଥିଲେ। ସେମାନେ ମିଶି ଦୁଇଟି ବାଇକ୍‌ରେ ଫେରୁଥିବା ବେଳେ ବୁଢିପଦର୍ ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି। ମୃତ ଓ ଆହତ ଯୁବକମାନଙ୍କ କୌଣସି ପରିଚୟ ମିଳିନଥିବା ବେଳେ ଲୋଇସିଂହା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଛି। ଉକ୍ତ ବାଇକ୍‌କୁ ଅନ୍ୟ ଗାଡ଼ି ଧକ୍କା ଦେଇଛି ନା ଉଭୟ ନିଜେ ନିଜେ ଧକ୍କା ଦେଇ ଦୁର୍ଘଟଣା ଗ୍ରସ୍ତ ହୋଇଛନ୍ତି ସ୍ପଷ୍ଟ ହୋଇନାହିଁ।

## ଟ୍ରେନ୍ ଧକ୍କାରେ ନାବାଳକର ଗୋଡ଼ କଟିଲା

**ଲାଞ୍ଜିଗଡ,୨୪।୧୧(ସମିସ):** କଳାହଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଚମ୍ପାଦେଇପୁର ପଞ୍ଚାୟତ ହରେକୃଷ୍ଣପୁର ନିକଟସ୍ଥ ଆମ୍ବାଦଳା-ଲାଞ୍ଜିଗଡ ବେଦାନ୍ତ କାରଖାନାକୁ ଯାଉଥିବା ମାଲବାହୀ ରେଳଗାଡ଼ି ଧକ୍କାରେ ଜଣେ ନାବାଳକର ଗୋଡ଼ କଟିଯାଇଛି। ରେଳ ଧାରଣା ପାର ହେଉଥିବା ବେଳେ ହରେକୃଷ୍ଣପୁର ଗ୍ରାମର କାନ୍ତ ମାଝୀର ନାବାଳକ ପୁଅ ଥବିର ମାଝୀ (୧୧)ଙ୍କ ବାମ ଗୋଡ଼ ସଂପୂର୍ଣ୍ଣ ଭାବେ କଟିଯାଇଛି। ସେମାବାର ଅପରାହ୍ନ ସାଢେ ୪ ଘଣ୍ଟା ସମୟରେ ସେ ରେଳ ଧାରଣା ପାର ହେଉଥିବା ବେଳେ ବେଦାନ୍ତ ପ୍ରକଳ୍ପକୁ ଯାଉଥିବା ଏକ ଟ୍ରେନ ବଗିରେ ଓହଳିଥିବା ଦଉଡି ଥବିର ଗୋଡରେ ଲାଗିଯାଇଥିଲା ଏବଂ ତାକୁ ଟାଣି ନେବାରୁ ଡାହାଣ ଗୋଡ଼ର ପାଦ ସଂପୂର୍ଣ୍ଣ ଭାବେ ଛିଣ୍ଡି ଅଲଗା ହୋଇଯାଇଛି।ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଲାଞ୍ଜିଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଅତ୍ୟଧିକ ଗୁରୁତର ହେବା ଏବଂ ପାଦ ଛିଣ୍ଡି ଯାଇଥିବା ହେତୁ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । କିନ୍ତୁ ପରିବାର ଲୋକେ ଭୁବନେଶ୍ୱର ଚିକତ୍ସା ପାଇଁ ନେଇଥିବା ଲାଞ୍ଜିଗଡ଼ ମେଡିକାଲ ଅଫିସର ଭବାନୀ ଶଙ୍କର ଲେଙ୍କା ପ୍ରକାଶ କରିଛନ୍ତି। ଏହାକୁ ନେଇ ହରେକୃଷ୍ଣପୁର ଗାଁରେ ପ୍ରବଳ ଜନ ଅସନ୍ତୋଷ ଦେଖିବାକୁ ମିଳିଥିବା ବେଳେ ଉତ୍ୟକ୍ତ ଲୋକେ ରେଳରୋକ କରିଥିଲେ। ଏପରିକି ଦୁର୍ଘଟଣାର ଶିକାର ହୋଇଥିବା ଥବିରଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବା ସହିତ ତାଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ଅଡ଼ି ବସିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଲାଞ୍ଜିଗଡ଼ ଥାନାଧିକାରୀ ଯଶବନ୍ତ ହିଆଲଙ୍କ ନେତୃତ୍ୱରେ ଏଏସ୍‌ଆଇ ବଳଭଦ୍ର ଗୌଡ଼ ଓ ଏଏସ୍‌ଆଇ ସଞ୍ଜୟ କୁମାର ବୈଠାରୁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା ପରେ ଧାରଣ ପ୍ରତ୍ୟାହୃତ ହୋଇଥିବା ଲାଞ୍ଜିଗଡ଼ ଏଏସ୍‌ଆଇ ବଳଭଦ୍ର ଗୌଡ଼ ପ୍ରକାଶ କରିଛନ୍ତି।

## ମଣ୍ଡି ଖୋଲିନି
# ସମ୍ଭାବ୍ୟ ଲଘୁଚାପକୁ ନେଇ ଚିନ୍ତାରେ ଚାଷୀ

**ଜୟପାଟଣା,୨୪।୧୧(ସମିସ)**



କଳାହାଣ୍ଡି ଜିଲ୍ଲାର ଜୟପାଟଣା ଅଞ୍ଚଳରେ ଜୋରସୋରରେ ଧାନ ଅମଳ ଚାଲିଥିବା ବେଳେ ଅନେକ ଚାଷୀ ଧାନ କାଟି ସାରିଲେଣି। କିନ୍ତୁ ଏଯାଏଁ ମଣ୍ଡି ଖୋଲି ନଥିବାରୁ ଦଲାଲଙ୍କୁ ସାଗ ମାଛ ଦରରେ ଧାନ ବିକ୍ରି କରି ଦେଉଛନ୍ତି ଛୋଟ ଛୋଟ ଚାଷୀ। ସେପଟେ ଆସନ୍ତା ୨୯ ତାରିଖରୁ ଜିଲ୍ଲାରେ ଖରିପ ଋତୁ ଧାନ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବା ବେଳେ ବର୍ତ୍ତମାନ ଲଘୁଚାପ ଜନିତ ବର୍ଷା ଆଶଙ୍କାକୁ ନେଇ ଚିନ୍ତାରେ ଚାଷୀ। ଧାନ ମଣ୍ଡି ଖୋଲିନଥିବା ବେଳେ ଗାଁ ଗାଁରେ ଦଲାଲ ବୁଲିଲେଣି। ଏପଟେ ସମ୍ଭାବ୍ୟ ଲଘୁଚାପକୁ ନେଇ ଚିନ୍ତାରେ ଚାଷୀ,ଏହାର ସିଧା ସଳଖ ଫାଇଦା ମାରୁଛନ୍ତି ଧାନ ଦଲାଲ। ଧାରକରଜ,ଋଣ କରି ଚାଷ କରିଥିବା ଚାଷୀ ଧାର ଟଙ୍କା ତଥା ଧାନ କଟା ଗାଡ଼ି ଓ ଟ୍ରାକ୍ଟର ଭଡ଼ା ଶୁଝିବା ପାଇଁ କମ ମୂଲ୍ୟରେ ନିଜ ଅମଳ ବିକ୍ରି କରିବାକୁ ବାଧ ହେଉଛନ୍ତି।ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ପ୍ରାୟ ୨୦ପ୍ରିତିଶତ ଚାଷୀଙ୍କ ଧାନ ଅମଳ ହୋଇ ସାରିଲାଣି। ହେଲେ ଏଯାଏଁ ମଣ୍ଡି ଖୋଲି ନ ଥିବାରୁ କୁଇଣ୍ଟାଲ ପିଛା ୧୫ ଶହରୁ ୧୮ ଶହ ଟଙ୍କାରେ ଦଲାଲଙ୍କୁ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି ଚାଷୀ। ଦୀର୍ଘ ୬ମାସ ଅକ୍ଲାନ୍ତ ପରିଶ୍ରମ ପରେ ଚାଷୀଙ୍କ ଧାନ କ୍ଷେତରେ ସୁନାର ଫସଲ ଫଳିଛି। ଅନେକ ଅଞ୍ଚଳରେ ଚାଷୀ ଧାନ ଫସଲ ଅମଳ କରି ରଖିଲେଣି କିନ୍ତୁ ଏଯାଏଁ ମଣ୍ଡି ଖୋଲି ନାହିଁ କି ଚାଷୀଙ୍କ ମୋବାଇଲକୁ ଟୋକାନ ମେସେଜ ଆସିନାହିଁ। ସମ୍ଭାବ୍ୟ ଲଘୁଚାପକୁ ବର୍ତ୍ତମାନ ଚିନ୍ତାରେ ଚାଷୀ।ତାଙ୍କ ପାଖରେ ପାଚଲା ଧାନର ସୁରକ୍ଷା ବ୍ୟବସ୍ଥା ନାହିଁ କି ଅମଳ ହୋଇଥିବା ଧାନକୁ ସୁରକ୍ଷିତ ରହିବା ପାଇଁ ବନ୍ଦୋବସ୍ତ ଅଛି। ଏଭଳିସ୍ଥିତି ଚାଷୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି।ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ମଣ୍ଡି ଆରମ୍ଭ ପାଇଁ ବ୍ୟବସ୍ଥା ଚାଲିଥିବା ସୂଚନା ମିଳିଛି।

## ଫେରାର ହତ୍ୟାକାରୀ ୬ ବର୍ଷ ପରେ ଗିରଫ

**ଲାଞ୍ଜିଗଡ,୨୪।୧୧(ସମିସ):**କଳାହାଣ୍ଡି ଲାଞ୍ଜିଗଡ଼ ବ୍ଲକ୍ ବିଜେପୁର ଥାନା ଅଞ୍ଚଳର ଏକ ହତ୍ୟା ମାମଲାର ଫେରାର ଥିବା ଅଭିଯୁକ୍ତକୁ ରବିବାର ବିଜେପୁର ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁସାରେ ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ତ୍ରିଲୋଚନପୁରପଞ୍ଚାୟତ ଆମଠା ପଦର ଗ୍ରାମର ବଚ୍ଚୁ ମାଝୀ (୪୬) ଗତ ୨୦୧୯ ମସିହା ମଇ ମାସ ୨ ତାରିଖ ଦିନ ଜଣକୁ ହତ୍ୟାକରୀ ଫେରାର ହୋଇଯାଇଥିଲା। ଏ ନେଇ ବିଜେପୁର ଥାନା କେଶ ନଂ ୫/୧୯ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଆସାମୀ ନିଜ ଗ୍ରାମ ଛାଡି କେଉଁଆଡେ ଫେରାର ହୋଇଯାଇଥିଲା। ଦୀର୍ଘ ଛଅ ବର୍ଷ ହେବ ପୁଲିସ ଅସାମୀକୁ ଖୋଜୁଥିବା ବେଳେ



ପାଇନଥିଲେ।ରବିବାର ଦିନ କୌଣସି ସୂତ୍ରରୁ ଖବର ପାଇ ବିଜେପୁର ଥାନାଧିକାରୀ ନୀଳାମ୍ବର ଜାନୀଙ୍କ ନେତୃତ୍ୱରେ ଏସଆଇ ଶ୍ୟାମ କୁଲସୀକା ଓ ପୁଲିସ ବଳ ସହିତ ବିଜେପୁର ପଞ୍ଚାୟତ ସିମିଳିଭଟା ଗ୍ରାମକୁ ଯାଇ ଅସାମୀକୁ ଗିରଫ କରି ଥାନାକୁ ଆଣିଥିଲେ।ଏ ନେଇ ବିଜେପୁର ଥାନା କେଶ ନଂ ୫/୧୯ରେ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନ ମିଳିବାରୁ କୋର୍ଟ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ଶ୍ରୀ ଜାନୀ ସୂଚନା ପ୍ରଦାନ କରିଛନ୍ତି।

## ଭାଲୁକୁନ୍ଦର ବିଭିନ୍ନ ସମସ୍ୟା ନେଇ ଗ୍ରାମସଭା

**ଦେଓଗାଁ,୨୪।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଭାଲୁକୁନ୍ଦ ଗାଁ ମଣ୍ଡପରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଟାଇଛି। ଲୋକ ଉନ୍ନତି ସଂଗଠନ ପକ୍ଷରୁ ବିକଶିତ ଯାତ୍ରା ଉପଲକ୍ଷେ ସୋମବାର ଅପରାହ୍ନରେ ଗାଁରେ ଏହି ସଭା ବସିଥିଲା। ଏଥିରେ ସଂଗଠନର ବ୍ଲକ ସଂଯୋଜକ ରୂପାଧର ପୁଟା ଅଧ୍ୟକ୍ଷତା କରିଥିଲେ। ଗାଁରେ ରହିଥିବା ବିଭିନ୍ନ ସମସ୍ୟା ତଥା ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଲୋକ ସ୍ଥାନୀୟ ସୋନଗଡ ନଦୀରେ ଚେକଡ୍ୟାମ୍ ନିର୍ମାଣ କରି ପାଣି ଅଟକାଇବା ସୁବିଧା କରାଗଲେ ଦେଷଣ୍ଡ ଅଞ୍ଚଳବାସୀ ଜଳସେଚନ ଓ ପାନୀୟଜଳର ସୁବିଧା ପାଇପାରିବେ ବୋଲି ଦାବି କରିଥିଲେ। ଏଥିସହ ଜଙ୍ଗଲ ଜମି ଅଧିକାର ଅନୁସାରେ ପୂର୍ବରୁ ଦଖଲରେ ଥିବା ଆଦିବାସୀ ଲୋକମାନେ କେମିତି ନିଜ ନାମରେ ପଟ୍ଟା ପାଇପାରିବେ ସେ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ସରକାରୀ ଯୋଜନା ବିଷୟରେ ଠିକ୍ ସମୟରେ ଅବଗତ ହୋଇପାରୁ ନ ଥିବାରୁ ଅନେକ ଯୋଜନା



ହତଛଡା ହେଉଥିବା ଗାଁର ମଦନ କାଲସାଏ, କୃପା ରାଉତ, ପଦ୍ମଲୋଚନ ବେମାଲ, ଜିବର୍ଦ୍ଧନ ଧରୁଆ, ଚମାର ବରିହା, ସଦାନନ୍ଦ ବରିହା, ଶ୍ୟାମ ଧରୁଆ, କୁବେର ଧରୁଆ ପ୍ରମୁଖ ସଭାରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ନିରନ୍ତର କୃଷି ପଦ୍ଧତି ଓ ଜଳ ସଂଚାଳନ ବିଷୟରେ ଆଲୋକପାତ କରିଥିଲେ। ଜୈବିକ ପଦ୍ଧତିରେ କୃଷିର ଉପାଦେୟତା ତଥା ଜୈବିକ ଅର୍କ ଜୀବାମୃତ, ନିମ୍ବ ଗୋମୂତ୍ର ଅର୍କ, ଲଙ୍କା ରସୁଣ ଅର୍କ, ମିଶ୍ରିତ ପତ୍ରର ଅର୍କ ଆଦି ପ୍ରସ୍ତୁତି ଓ ତାହାର ବ୍ୟବହାର ସମ୍ପର୍କରେ ଅବଗତ କରିଥିଲେ। ସଂଗଠନର ସଂଯୋଜକ ପୁଟା ଜଙ୍ଗଲଜାତ ଦ୍ରବ୍ୟର ଉପକାରିତା ଓ ବିଲୁପ୍ତ ହେବାକୁ ବସିଥିବା ପାରମ୍ପାରିକ ଖାଦ୍ୟ, ଫଳମୂଳ, ଚେରମୂଳି ଔଷଧ ବିଷୟରେ ଧାରଣା ଦେଇଥିଲେ। ଏହାସହ ପାରମ୍ପାରିକ ବିହନ ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। ସଭାରେ ଗାଁର ୱାର୍ଡ ସଭ୍ୟ, ଏସଏଚଜି ସଦସ୍ୟା, ଭିଏଲସି ସଭ୍ୟା, ଗ୍ରାମବାସୀ ଉପସ୍ଥିତ ଥଲେ। ସଂଗଠନର କର୍ମକର୍ତ୍ତା ସୁଶୀଳ ନନ୍ଦ, ଶରତ ସୁନା, ବିଦ୍ୟାଧର ଜାଲ ପ୍ରମୁଖ ସହଯୋଗ କରିଥିଲେ।

## ଗାଁ ଗାଁରେ ପହଞ୍ଚୁଛି ସମ୍ବିଧାନର ଗାଥା ଓ ଗାରିମା
## ବିଭିନ୍ନ ଅଞ୍ଚଳ ପରିକ୍ରମା କଲା ସଚେତନତା ରଥ

ଲାଞ୍ଜିଗଡ଼,୨୪।୧୧(ସମିସ):ନଭେମ୍ବର ୨୬ ତାରିଖ ସମ୍ବିଧାନ ଦିବସ ଅବ୍ୟବହିତ ପୂର୍ବରୁ ରାଉରକେଲାରୁ ଶୁଭାରମ୍ଭ ହୋଇଛି ସମ୍ବିଧାନ ସଚେତନତା ରଥଯାତ୍ରା। ବିଭିନ୍ନ ଜିଲ୍ଲା ପରିକ୍ରମା କରିସାରିବା ପରେ କଳାହାଣ୍ଡି ଜିଲ୍ଲାର ନର୍ଲା ବ୍ଲକ୍ ଦେଇ ସଚେତନତା ରଥ ଲାଞ୍ଜିଗଡ଼ ବ୍ଲକରେ ପ୍ରବେଶ କରିଥିଲା। ମୂଳନିବାସୀ ବହୁଜନ ମିଳିତ ମହାସଂଘ, ସମ୍ବିଧାନ ସଚେତନତା ଅଭିଯାନ, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟସ ଫେଡେରେସନ, ଅନୁସୂଚିତ ଜାତି ଓ ଜନଜାତି ଆଇନଜୀବୀ ସଂଗଠନ, ଓବିସି,ଏସଟି-ଏସସି ଆସୋସିଏସନ ତରଫରୁ ଆରମ୍ଭ ହୋଇଥିବା ଅଭିଯାନ ଲାଞ୍ଜିଗଡ଼ ବ୍ଲକ୍ ଗୋବର୍ଦ୍ଧନପୁର ପଞ୍ଚାୟତ ପାଣିମୁଣ୍ଡାରେ ପହଞ୍ଚିଥିଲା। ସେଠାରେ



ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀଙ୍କ ସହିତ ଯୁବ ସାମ୍ବାଦିକ ଓ ସମାଜସେବୀ ସୁଶୀଲ କୁମାର ବାଗ,ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନର ପଞ୍ଚାୟତ ସଭାପତି ଘାସିରାମ ବାଗ,ସଂପାଦକ ଯୁଧିଷ୍ଠିର କରୁଆଁ, ସଦସ୍ୟ ଜଳଧର ସାଗର, ମୋହନ ବାଗ, ରତ୍ନା କରୁଆଁ, ପ୍ରତିମା ମହାନନ୍ଦଙ୍କ ସହିତ ବହୁସଂଖ୍ୟକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ। ଏହାପରେ ସଚେତନତା ରଥ ଲକଟାଖମନ,ମଧୁପୁର, ରାମଚନ୍ଦ୍ରପୁର ଓ ଗୋପାଳପୁର ପହଞ୍ଚିଥିଲା। ରଥ ସହିତ ମହାସଂଘର ରାଜ୍ୟ ସାଧାରଣ ସଂପାଦକ ଦିଗାମ୍ବର ଦୁରିଆ, କଳାହାଣ୍ଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଯତୀନ୍ଦ୍ର କର,ରାଜ୍ୟ ମହିଳା ସଭାନେତ୍ରୀ ଏସ ସୁଜାତା, ଜିଲ୍ଲା ସଭାନେତ୍ରୀ ସ୍ନେହଲତା ଦୁର୍ଗା, କର୍ମକର୍ତ୍ତା ପଙ୍କଜ ବାଗ,ଜିଲ୍ଲା ଯୁବ ଯାଦବ ସଭାପତି ଡାକେଶ୍ୱର ଲହଜଲ,ବାମସେଫର କର୍ମକର୍ତ୍ତା କିଶୋର ଚନ୍ଦ୍ର ପଟେଲ, ସାବିତ୍ରୀବାଇ ଫୁଲେ ମହିଳା ସଂଗଠନର ସଭାନେତ୍ରୀ ରମଣୀ ଦୁରିଆ, ଗାଡେବନ୍ଧ ସରପଞ୍ଚ କବିତା ବାଗ, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନର ଆଇନ ପରାମର୍ଶ ଦାତା ଛବିଲାଲ ନିଆଲ, କାର୍ଯ୍ୟକାରୀ ସଭାପତି ଜୟପ୍ରକାଶ ଜାଲ,କେସିଙ୍ଗା ବ୍ଲକ୍ ସଭାପତି ଯୁଧିଷ୍ଠିର ଭଗତ,ସଦସ୍ୟ ସତ୍ୟାନନ୍ଦ ନାଗ, ଡମ୍ବରୁ କରୁଆଁ, ଅଭିଜିତ କର ପ୍ରମୁଖ ସାମିଲ ଥିଲେ। ଦ୍ୱିତୀୟ ଦିନରେ ସଚେତନତା ରଥ କାଉଗୁଡ଼ା ଆବାସିକ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ଦୋରା, ଲାଞ୍ଜିଗଡ଼ ରୋଡ଼ ସରପଞ୍ଚ ମମତା ଶବର, ଯୁବ ସାମ୍ବାଦିକ ନୀଲେଶ କୁମାର ନାଗ ପ୍ରମୁଖ ସ୍ୱାଗତ ଜଣାଇଥିଲେ।ଶିକ୍ଷକ ସତ୍ୟବାଦୀ ନାଏକ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସନ୍ଦୀପ ମିଶ୍ର, କୋକିଳ ଶବର, ନମିତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱନାଥପୁର ମାଁ ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ କଙ୍କଣ କୁମାର ରାୟ, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନ ଲାଞ୍ଜିଗଡ଼ ବ୍ଲକ ଶାଖାର ସଭାପତି ଜଗଦୀଶ ବେନିଆ,କାର୍ଯ୍ୟକାରୀ ସଭାପତି ହରିହର କୁମାର ପ୍ରମୁଖ ସ୍ୱାଗତ କରିଥିଲେ। ସେହିପରି ଲାଞ୍ଜିଗଡ଼ସ୍ଥିତ ନିୟମଗିରି ବେଦାନ୍ତ ନଗରରେ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ବୀରମହାରାଜପୁର,୨୪।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ରବୀନ୍ଦ୍ରନାଥ କଲେଜରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କର୍ଯ୍ୟମକ୍ରମକୁ କଲେଜ ଅଧକ୍ଷ ଜଗବନ୍ଧୁ ବେରିହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଛାତ୍ର ଛାତ୍ରୀ ମାନଙ୍କୁ ଦୂରେଇ ରହିବାକୁ ଉପଦେଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଅଧ୍ୟାପକ ଶରତଦଲେଇ ନିଶାଦ୍ରବ୍ୟ ଠାରୁ ଦୂରେଇ ରହି ଛାତ୍ର ଜୀବନରେ ଶୃଙ୍ଖଳା ରହିଲେ ଭବିଷ୍ୟତ ଉଜ୍ଜଳ ହେବବୋଲି ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପକ ସଞ୍ଜୟ ସାହୁ ନିଶା କେବେ କାହାରି ମଙ୍ଗଳ କରିନାହିଁ, ବରଂ ମଣିଷକୁ ମୃତ୍ୟୁମୁଖକୁ ଟାଣିନେବା ସହ ପରିବାର ରେ ଆସନ୍ତି ସୃଷ୍ଟି କରିଥାଏ ବୋଲି କହିଥିଲେ। ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକାରୀ ସଭାପତି ସୁଶାନ୍ତ ଭୋଇ ମଦଜନିତ ମୃତ୍ୟୁ ଓ ବିଭିନ୍ନ ରୋଗର କାରଣ ବୋଲି ଉପସ୍ଥାପନ କରାଇଥିଲେ। ବରିଷ୍ଠସଦସ୍ୟ ପ୍ରମୋଦ ପଣ୍ଡା ନିଶା ନିବାରଣ ପ୍ରଥମେ ନିଜେ ପାନ ନ କରି ଅନ୍ୟକୁ ନିଜପରି ନିଶା ଠାରୁ ଦୁରେଇ ରହିବାକୁ କହିଥିଲେ। ସୁଦାମ ଗାଇଗରିଆ ପୂର୍ବତନ ମୁଖ୍ୟ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ଆଲୋଚନା କରିବା ସହ ଓଡ଼ିଶାରେ ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନ୍ ଲାଗୁ କରିବା ବିଷୟରେ ଉପସ୍ଥାପନ କରିବାସହ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଏକତା ପଦଯାତ୍ରା





**ଭବାନୀପାଟଣା,୨୪।୧୧(ସମିସ):**ମହାପୁରୁଷ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳନ ଅବସରରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଏକତା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ, ଜିଲ୍ଲା କ୍ରୀଡା ବିଭାଗ, ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିଲା। ସାଂସଦ କଳାହାଣ୍ଡି ମାଳବିକା ଦେବୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଉପସ୍ଥିତିରେ ମା ମାଣିକେଶ୍ୱରୀଙ୍କ ଫଟୋ ଓ ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କ ଫଟୋ ଚିତ୍ରରେ ପୂଜ୍ୟ ପୂଜା ପୂର୍ବକ ମାଲ୍ୟାର୍ପଣ କରାଯାଇ ଆତ୍ମ ନିର୍ଭର ଭାରତର ଶପଥ ପାଠ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ପତାକା ଦେଖାଇ ଏକତା ପଦ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା।ପଦଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଜିଲ୍ଲା କାରାଗାର, ନୂଆ ବସଷ୍ଟାଣ୍ଡ, ଘୋଡାଘାଟ ଛକ,ସତ୍ୟମ୍ ସିନେମା,ଦୟାନିଧି ଛକ, ମାଣିକେଶ୍ୱରୀ ଛକ ଦେଇ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ବିଶ୍ୱ ବିଦ୍ୟାଳୟର ପରିସର ମଧ୍ୟରେ ସମାବେଶ ହୋଇଥିଲା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକତା ରଥ ମାଧ୍ୟମରେ ବନ୍ଦେ ମାତରମ ରାଷ୍ଟ୍ରୀୟ ସଂଗୀତ ଗାନ କରି ସମସ୍ତେ ଜାତୀୟ ପତାକା ହାତରେ ଧରି ସହର ପରିକ୍ରମା କରିଥିଲେ। ମୁଖ୍ୟ ଅତିଥି ଭାବେ ସାଂସଦ, କଳାହାଣ୍ଡି (ଲୋକସଭା) ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ କଳାହାଣ୍ଡି, ପାୱାର ସଚିନ ପ୍ରକାଶ, ଭାରପ୍ରାପ୍ତ ଭି. ସି,ଡ. ନିବେଦିତା ନାଥ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି ରେଜିଷ୍ଟର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଡ. ଜୟଦେବ ସାହୁ, ୬୪ ବାଟାଲିୟନ ଡେପୁଟି କମାଣ୍ଡେଣ୍ଟ ସଚ୍ଚିଦାନନ୍ଦ ପାତ୍ର,ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ଜୟ ଶଙ୍କର ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢି, ଜିଲ୍ଲା ଯୁବ ବ୍ୟାପାର ଅଧିକାରୀ ପ୍ରସନ୍ନ ମେହେର ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଶାରିରୀକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଶିଶୁ ସୁରକ୍ଷା ୟୁନିଟ୍ ର ଅଂଶୁମାନ ବାବୁ ସହଯୋଗ କରିଥିଲେ।ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅତିରିକ୍ତ ଜିଲାପାଳ ଶ୍ରୀ ଦରୱାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଧର୍ମଗଡ଼ି:** ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମସ୍ତ ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀଙ୍କୁ ନେଇ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବି,ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ,ଧର୍ମଗଡ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ,ଧର୍ମଗଡ ବ୍ଲକ୍ ଅଧକ୍ଷା ବବିତା ପଟ୍ଟଯୋଶୀ, ନଗରପାଳ ଅଶୋକ ମହାନ୍ତି,



ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ବିଡ଼ିଓ ସଦାଶିବ ନାୟକ, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନୀ ମାଝୀ, ପ୍ରମୁଖ ଉପସ୍ଥିତ ରହି ଧର୍ମଗଡ ଅଧିଷ୍ଠାତ୍ରୀ ଦେବି ମା'ଭଣ୍ଡାର ଘରୁଣୀ ମନ୍ଦିର ଠାରୁ ଗୋଡ଼ଭଞ୍ଜା ବିଜୁ ଏକ୍ସପ୍ରେସ ଗୋଲେଇ ଛକ ପର୍ଯ୍ୟନ୍ତ ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ। ଗୋଡ଼ଭଞ୍ଜା ଗୋଲେଇ ଛକ ନିକଟରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ବିଭିନ୍ନ ବିଭାଗର କର୍ମଚାରୀମାନେ ପଦଯାତ୍ରାରେ ସାମିଲ ହୋଇ ଭାଇଚାରାର ବାର୍ତ୍ତା ପ୍ରେରଣା ଦେଇଥିଲେ।

● ଅଖିଳ ଭାରତୀୟ ସାହିତ୍ୟ ପରିଷଦ

## ଓଟିଟି ପ୍ଲାଟଫର୍ମ ଉପରେ କଟକଣା ଲଗାଇବାକୁ ଦାବି

**ଭବାନୀପାଟଣା,୨୪।୧୧(ସମିସ):**ଅଖିଳ ଭାରତୀୟ ସାହିତ୍ୟ ପରିଷଦ,ମାଁ ମାଣିକେଶ୍ୱରୀ କଳାହାଣ୍ଡି ଶାଖା ପକ୍ଷରୁ ଓଟିଟି ପ୍ଲାଟ୍‌ଫର୍ମ ସମ୍ପର୍କରେ ଆଇନ ପ୍ରଣୟନ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଅଧକ୍ଷ ଜଗଦୀଶ୍ୱର ମୁଣ୍ଡଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧକ୍ଷ ଧବଳେଶ୍ୱର ପାତ୍ର, ସଂଯୋଜକ ମନୋଜ କୁମାର ନାୟକ ଓ କାର୍ଯ୍ୟକାରିଣୀ ସଦସ୍ୟା ଦୀପ୍ତି ମୁଣ୍ଡ ଉପସ୍ଥିତ ଥିଲେ।ସମ୍ପାଦିକା ସୁଦେଷ୍ଣା ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ଓଟିଟି ତଥା ସୋସିଆଲ ମିଡିଆରେ ବିଭ୍ରାନ୍ତିକର ଗେମ୍ ଏବଂ ଅନ୍ୟ ବିଷୟ ଉପରେ କଟକଣା ନିମନ୍ତେ ଦାବିର ଯୁକ୍ତିକୁ ଉପସ୍ଥାପନା କରାଯାଇଥିଲା। ମଧ୍ୟପ୍ରଦେଶର ରେବା ଠାରେ ଆୟୋଜିତ ରାଷ୍ଟ୍ରୀୟ ଅଧିବେଶନରେ ଆଇନ ପ୍ରଣୟନ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାସରିଛି। ଓଟିଟି ପ୍ଲାଟ୍ ଫର୍ମ ଏବଂ ଗେମିଂ ଆପରେ ପ୍ରସାରିତ ହେଉଥିବା ପ୍ରତ୍ୟେକ ସାମଗ୍ରୀ ଉପରେ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ରହିଛି। ଡିଜିଟାଲ ମାଧ୍ୟମରେ ପ୍ରସ୍ତୁତ ଯେକୌଣସି ଦୃଶ୍ୟ, ସମ୍ବାଦ, ଅଥବା ବିଚାର ଯାହା ଭାରତର ସାମ୍ବିଧାନିକ ଗାରିମା, ଧାର୍ମିକ ଆସ୍ଥା, ସାଂସ୍କୃତିକ ମୂଲ୍ୟବୋଧ ଅଥବା ସାମାଜିକ ମର୍ଯ୍ୟାଦା ଏବଂ ସନାତନ ପରମ୍ପରାକୁ ଆହତ କରୁଛି ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଉ। କିଶୋର ଓ ଯୁବ ବର୍ଗଙ୍କ ପାଇଁ ଉପଯୁକ୍ତ ସାମଗ୍ରୀର ବୟସ ଆଧାରରେ ନିୟନ୍ତ୍ରଣ କରାଯାଉ। ଯାହା ମଞ୍ଚ ବା ଅଶ୍ଳୀଳତା, ହିଂସା, ନିଶା କାରବାର,ବିକୃତ ଜୀବନ ମୂଲ୍ୟର ପ୍ରଚାର କରୁଛନ୍ତି ସେମାନଙ୍କ ବିରୋଧରେ କଠୋର ଦୃଷ୍ଟାନ୍ତମୂଳକ ଆଇନ ପ୍ରଣୟନ ହେଉ ବୋଲି ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ ପାଇଛି।କାରଣ ଏହା ଆଜିର ଯୁବ ସମାଜ ପାଇଁ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଏ ଦିଗରେ ଜନଜାଗରଣ ପାଇଁ ସହଯୋଗର ହାତ ବଢାଇବାକୁ ଅନୁରୋଧ କରାଯାଇଛି।



# ୨.୫ ଲକ୍ଷ ଛଟେଇ ପରେ ଟ୍ରମ୍ପଙ୍କ 'ଡୋଜ୍' ବିଭାଗ ବନ୍ଦ



ୱାଶିଂଟନ, ୨୪।୧୧ (ଏଜେନ୍ସି): ଶିଳ୍ପପତି ଏଲନ ମସ୍କଙ୍କ ନେତୃତ୍ୱରେ ଗଠିତ ଆମେରିକାର ଡିପାର୍ଟମେଣ୍ଟ ଅଫ ଗମେଣ୍ଟ ଏଫିସିଏନ୍ସି (ଡୋଜ୍) ବିଭାଗକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବନ୍ଦ କରିଦେଇଛନ୍ତି। ଆମେରିକାର ଅଢେଇ ଲକ୍ଷ ଚାକିରି ଖାଇବା ପରେ ନିର୍ଦ୍ଧାରିତ ସମୟର ୮ ମାସ ପୂର୍ବରୁ ଏହି ବିଭାଗରେ ତାଲା ଲଗାଇ ଦିଆଯାଇଛି। ବହୁ ପୂର୍ବରୁ ଏହି ବିଭାଗର ମୁଖ୍ୟ ହୋଇଥିବା ଶିଳ୍ପପତି ମସ୍କ ଇସ୍ତଫା ଦେଇ ସାରିଛନ୍ତି। ବନ୍ଧୁ ଟ୍ରମ୍ପଙ୍କ ସହ ଝଗଡ଼ା ହେବା ପରେ ସେ ଏହି ନିଷ୍ପତ୍ତି ନେଇଥିଲେ। ଏପରିକି ସରକାରଙ୍କଠାରୁ ଦୂରେଇ ଯାଇ ନିଜର ଏକ ଦଳ ମଧ୍ୟ ଗଢ଼ିଥିଲେ। ମାତ୍ର କିଛି ଦିନ ତଳେ ସେ ପୁଣି ଟ୍ରମ୍ପଙ୍କ ଗୋଷ୍ଠୀକୁ ଫେରି ରାଜନୈତିକ ଦଳକୁ ବନ୍ଦ କରିଦେଇଥିଲେ।

ଗତ ଜାନୁଆରୀ ୨୦ରେ ଟ୍ରମ୍ପଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ପରେ ଡୋଜ୍ ବିଭାଗର ଗଠନ ହୋଇଥିଲା। ଏହା ୨୦୨୬ ଜୁଲାଇ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିଥାନ୍ତା। ରିପୋର୍ଟ ଅନୁଯାୟୀ ଏହି ବିଭାଗ ଅଢ଼େଇ ଲକ୍ଷରୁ ଅଧିକ ,ସରକାରୀ କର୍ମଚାରୀଙ୍କୁ ସିଧାସଳଖ ଚାକିରିରୁ ହଟାଯାଇଛି କିମ୍ବା ଭିଆରଏସ ଦେଇ ବାହାର କରିଦିଆଯାଇଛି। ପ୍ରଥମେ ଏହି ବିଭାଗ ଖୁବ ସକ୍ରିୟ ଥିଲା। କିନ୍ତୁ ଏବେ ଏହାର ପ୍ରମୁଖ ଅଧିକାରୀଙ୍କୁ ଅଲଗା ଅଲଗା ସରକାରୀ ଅଫିସରେ କାମ କରୁଛନ୍ତି। ସରକାରଙ୍କ ଅର୍ଥ ସଞ୍ଚୟ ଏବଂ କାର୍ଯ୍ୟଶୈଳୀ ଦ୍ରୁତ କରିବା ଏହାର ଉଦ୍ଦେଶ୍ୟ ଥିଲା। ଏହି ବିଭାଗ ଟ୍ରମ୍ପଙ୍କ 'ପ୍ରୋଜେକ୍ଟ ୨୦୨୫'ର ଅଂଶବିଶେଷ ଥିଲା। ପ୍ରାରମ୍ଭରେ ଏଲନ ମସ୍କ ଏବଂ ଭାରତୀୟ ବ୍ୟବସାୟୀ ବିବେକ ରାମାସ୍ୱାମୀ ଏହାର ମୁଖ୍ୟ ହୋଇଥିଲେ।

କିନ୍ତୁ ବିଭାଗ ଆରମ୍ଭ ହେବା ପୂର୍ବରୁ ରାମାସ୍ୱାମୀ ଅଲଗା ହୋଇ ଯାଇଥିଲେ। ସେ ହଟିବା ପଛରେ ମସ୍କଙ୍କ ବଡ଼ ଭୂମିକା ଥିଲା। ଏହି ବିଭାଗ ସରକାରଙ୍କ ୨ ଟ୍ରିଲିୟନ ଡଲାର (୧୭୦ ଲକ୍ଷ କୋଟି ଟଙ୍କା) ସଞ୍ଚୟ କରିବ ବୋଲି କହିଥିଲେ। ତେବେ ଡୋଜ୍ ୱେବସାଇଟରେ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ବିଭାଗ ୨୧୪ ବିଲିୟନ ଡଲାର ସଞ୍ଚୟ କରିଥିଲା। କିନ୍ତୁ ଏକ ସଂସ୍ଥାର ଯାଞ୍ଚରୁ ଅର୍ଥକୁ ବଢ଼େଇ ଚଢ଼େଇ ଦର୍ଶାଯାଇଥିବା ଜଣା ପଡ଼ିଥିଲା। ଏହି ବିଭାଗ ସରକାରୀ ଖର୍ଚ୍ଚରେ ନିୟନ୍ତ୍ରଣ ଲଗାଇବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରଥମେ ଭଲ ଦ୍ରୁତ ଗତିରେ ପଦକ୍ଷେପ ମଧ୍ୟ ନିଆଯାଇଥିଲା। କିନ୍ତୁ ଗତ ମେ'ରେ ମସ୍କ ନିଜେ ଏହି ବିଭାଗ ଛାଡ଼ି ଦେଇଥିଲେ। ତେବେ ନ୍ୟାସନାଲ ନ୍ୟୁକ୍ଲିୟର ସିକ୍ୟୁରିଟି ଆଡମିନିଷ୍ଟ୍ରେସନ (ଏନଏନଏସଏ)ରୁ ୩୫୦ ଲୋକଙ୍କୁ ହଟାଇବାକୁ ନେଇ ଡୋଜ୍‌କୁ ତୀବ୍ର ସମାଲୋଚନା କରାଯାଇଥିଲା। ଏହି ନିଷ୍ପତ୍ତି ଏତେ ବିବାଦୀୟ ଥିଲା ଯେ ଶକ୍ତି ବିଭାଗ ପଛଘୁଞ୍ଚା ଦେଇଥିଲା। ଏବଂ ୩୨୨ କର୍ମଚାରୀଙ୍କୁ ପୁଣି ଡକାଇ ଥିଲା। ଡୋଜ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ କୌଣସି ଅଭିଜ୍ଞତା ନ ଥିଲା। ସେମାନେ ଡାଟା ସିଷ୍ଟମରେ ମୁଣ୍ଡ ପୁରାଇ ଡିଇଆଇ ପ୍ରୋଗ୍ରାମ ବନ୍ଦ କରିଥିଲେ। କିଛି ଏଜେନ୍ସିକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ମଧ୍ୟ ପ୍ରୟାସ କରିଥିଲେ।

## ଆଜି ଅଯୋଧ୍ୟା ରାମ ମନ୍ଦିରରେ ଧ୍ୱଜାରୋହଣ କରିବେ ପ୍ରଧାନମନ୍ତ୍ରୀ

ଅଯୋଧ୍ୟା, ୨୪।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନଭେମ୍ବର ୨୫ରେ ରାମ ମନ୍ଦିରର ମୁଖ୍ୟ ଶିଖରରେ ଧ୍ୱଜାରୋହଣ କରିବେ। ଏହି ଐତିହାସିକ ସମାରୋହରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଧୁ-ସନ୍ଥ, ଧର୍ମାଚାର୍ଯ୍ୟ ଓ ଶ୍ରଦ୍ଧାଳୁ ଯୋଗ ଦେବେ। ଏହି ସମାରୋହକୁ ସଫଳ କରିବା ପାଇଁ ସମ୍ପୂର୍ଣ୍ଣ ସହରକୁ ୧୦୦୦ କ୍ୱିଣ୍ଟାଲ ଫୁଲରେ ସଜ୍ଜିତ କରାଯାଇଛି। ମୋଦୀ ୧୬୧ ଫୁଟ ଉଚ୍ଚ ଶିଖରରେ ପ୍ରଥମଥର ପାଇଁ ଧ୍ୱଜା ଉଡାଇବେ। ଏହି ମୂହୁର୍ତ୍ତକୁ ଏବେ ସମସ୍ତେ ଅପେକ୍ଷା କରି ରହିଛନ୍ତି। ଏଥିପାଇଁ ରାମ ଜନ୍ମଭୂମିର ଆଖାପାଖ ଅଞ୍ଚଳରେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାକୁ କଡ଼ା କରାଯାଇଛି। ଏଟିଏସ ଓ ଏନ୍‌ଏସ୍‌ଜି କମାଣ୍ଡୋ ମନ୍ଦିରକୁ ଘେରାଉ କରି ରଖିଛନ୍ତି।

## ଉତ୍ତରାଖଣ୍ଡରେ ଖାଇକୁ ବସ୍ ଖସି ୫ ମୃତ

ଟେହରୀ, ୨୪।୧୧(ଏଜେନ୍ସି): ଉତ୍ତରାଖଣ୍ଡର ଟେହରୀ ଜିଲ୍ଲାରେ ଏକ ଯାତ୍ରୀବାହୀ ବସ୍ ୭୦ ମିଟର ଖାଇକୁ ଖସି ଦୁର୍ଘଟଣା ସମ୍ମୁଖୀନ ହୋଇଛି। ଏଥିରେ ୫ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୩ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି ବୋଲି ଟେହରୀ ଏସ୍‌ପି ଆୟୁଷ ଅଗ୍ରୱାଲ ସୂଚନା ଦେଇଛନ୍ତି। ସୋମବାର ଦ୍ୱିପହର ପାଖାପାଖି ସାଢ଼େ ୧୨ଟାରେ ଘଟିଥିବା ଏହି ଦୁର୍ଘଟଣା ଘଟିଥିଲା। ୭ଜଣ ଆହତ ବ୍ୟକ୍ତିଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଇଛି। ଏହି ବସ୍ ଋଷିକେଶର ଦୟାନନ୍ଦ ଆଶ୍ରମରୁ ୨୯ ଶ୍ରଦ୍ଧାଳୁଙ୍କୁ ନେଇ କୁଞ୍ଜାପୁରୀ ମନ୍ଦିର ନେଇ ଯାଇଥିଲା। କିନ୍ତୁ ବସ୍ ଫେରିବା ବେଳେ କୁଞ୍ଜାପୁରୀ-ହିଣ୍ଡୋଲାଖାଲ୍ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଅଚାନକ ବ୍ରେକ୍ ଫେଲ୍ ହେବା କାରଣରୁ ଡ୍ରାଇଭର ବସ୍ ଉପରୁ ନିୟନ୍ତ୍ରଣ ହରାଇଥିଲେ।

## ଆମେରିକା ଭିସା ନ ମିଳିବାରୁ ମହିଳା ଡାକ୍ତରଙ୍କ ଆତ୍ମହତ୍ୟା

ହାଇଦରାବାଦ, ୨୪।୧୧ (ଏଜେନ୍ସି): ଆମେରିକା ଭିସା ନ ମିଳିବାରୁ ହାଇଦରାବାଦରେ ମହିଳା ଡାକ୍ତର ରୋହିଣୀ (୩୮) ଆତ୍ମହତ୍ୟା କରିଛନ୍ତି। ପୁଲିସ ସୁଇସାଇଡ ନୋଟ ଜବତ କରିଛି। ଏଥିରେ ଭିସା ନ ମିଳିବାରୁ ଅବସାଦର ଶିକାର ହୋଇ ଆତ୍ମହତ୍ୟା କରିଥିବା ଲେଖା ଯାଇଛି। ରୋହିଣୀ ନିଦ ବଟିକା କିମ୍ବା କୌଣସି ପ୍ରକାରର ଇଞ୍ଜେକ୍ସନ ନେଇ ଥିବା ପୁଲିସ ସନ୍ଦେହ କରୁଛି। ସୂଚନା ଅନୁଯାୟୀ, ରୋହିଣୀ ଆନ୍ଧ୍ର ପ୍ରଦେଶ ଗୁଣ୍ଟୁର ଜିଲ୍ଲାର ବାସିନ୍ଦା। ସେ ହାଇଦରାବାଦର ପଦାମ ନଗର ସ୍ଥିତ ଫ୍ଲାଟରେ ରହୁଥିଲେ। ସେ 'ଇଣ୍ଟରନାଲ ମେଡିସିନ' ପଢ଼ିବା ପାଇଁ ଆମେରିକା ଯିବାକୁ ଚାହୁଁଥିଲେ। ସେ କ୍ୟାରିୟର ପାଇଁ ବିବାହ ମଧ୍ୟ କରି ନ ଥିଲେ। ମାତ୍ର ବାରମ୍ବାର ଭିସା ଆବେଦନ ଖାରଜ କରାଯାଉଥିବାରୁ ସେ ଚିନ୍ତିତ ଥିଲେ।

## ବିନା ଭିସାରେ ଭାରତରେ ୨୭ ବର୍ଷ

ଇନ୍ଦୋର, ୨୪।୧୧(ଏଜେନ୍ସି): କେନିଆ ନାଗରିକ ରିଚାର୍ଡ ଏସ୍ ମାଇକା ଗତ ୨୭ ବର୍ଷ ହେବା ବିନା ଭିସାରେ ମଧ୍ୟପ୍ରଦେଶର ଇନ୍ଦୋରରେ ରହିଆସୁଥିଲେ। ଏକଥା କେହି ଜାଣିପାରି ନଥିଲେ। କିନ୍ତୁ ଇନ୍ଦୋର ପୁଲିସ ଏବେ ତାଙ୍କୁ ଚିହ୍ନଟ କରିବାରେ ସଫଳ ହୋଇଛି। ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ଇନ୍ଦୋର ପୁଲିସ ସହର ସାରା ଭଡାଟିଆଙ୍କ ବିବରଣୀ ସଂଗ୍ରହ କରୁଛି। ଫଳରେ ପୁଲିସ ମାଇକାଙ୍କ ସମ୍ପର୍କରେ ବିଶେଷ ତଥ୍ୟ ହାସଲ କରିଛି। ସେ ମଧ୍ୟ ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ପୋଷ୍ଟ କରୁଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ୭ ବର୍ଷ ତଳେ ତାଙ୍କ ବିରୋଧରେ ପୁଲିସ ଏଫ୍‌ଆଇଆର ଦାଏର କରିଥିଲା। ସେତେବେଳେ ସବୁ ଜାଣି ବି କିଛି ପଦକ୍ଷେପ ନିଆଯାଇ ନ ଥିଲା।

## ଡାକ୍ତର ପତ୍ନୀ ମୃତ୍ୟୁ ମାମଲାରେ ମନ୍ତ୍ରୀଙ୍କ ପିଏ ଗିରଫ

ମୁମ୍ବଇ, ୨୪।୧୧ (ଏଜେନ୍ସି): ପତ୍ନୀ ତଥା ଡ. ଗୌରୀ ପାଲୱେ (୨୮)ଙ୍କ ଆତ୍ମହତ୍ୟାକୁ ନେଇ ମହାରାଷ୍ଟ୍ର ମନ୍ତ୍ରୀ ପଙ୍କଜା ମୁଣ୍ଡେଙ୍କ ପିଏ ଅନନ୍ତ ଗର୍ଜେଙ୍କୁ ସୋମବାର ଗିରଫ କରାଯାଇଛି। ସେ ଶନିବାର ୱର୍ଲି ସ୍ଥିତ ଫ୍ଲାଟରେ ଦଉଡ଼ି ଦେଇଥିଲେ। ଏହାକୁ ନେଇ ଅନନ୍ତ ଏବଂ ଦୁଇ ସମ୍ପର୍କୀୟଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ଉସୁକାଇବା ମାମଲା ରୁଜୁ କରାଯାଇଛି। ଗୌରୀ କେଇଏମ ହସ୍ପିଟାଲରେ ଦନ୍ତ ଚିକିତ୍ସକ ଥିଲେ। ୨୦୨୪ରେ ଉଭୟେ ବିବାହ କରିଥିଲେ। ଅନ୍ୟ ମହିଳାଙ୍କ ସହ ସମ୍ବନ୍ଧ ଥିବା ନେଇ ସନ୍ଦେହ କରିବାରୁ ଅନନ୍ତ ନିଜ ପତ୍ନୀଙ୍କୁ ନିର୍ଯାତନା ଦେଉଥିଲେ।

## ବଢ଼ି ଚାଲିଛି କର୍ଣ୍ଣାଟକ କଂଗ୍ରେସ କଳି

# ବଦଳିପାରନ୍ତି ମୁଖ୍ୟମନ୍ତ୍ରୀ

- ଗୃହମନ୍ତ୍ରୀ ନୂଆ ଦାବିଦାର
- ହାଇକମାଣ୍ଡ ନେବେ ଚୂଡ଼ାନ୍ତ ନିଷ୍ପତ୍ତି: ଖଡ୍‌ଗେ



ନୂଆଦିଲ୍ଲୀ, ୨୪।୧୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ କଳି ଥମିବା ପରିବର୍ତ୍ତେ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଅଢେଇ ବର୍ଷ କାର୍ଯ୍ୟକାଳ ପୂରଣ ହେବା ପରେ ମୁଖ୍ୟମନ୍ତ୍ରୀ ବଦଳାଇବା ଚର୍ଚ୍ଚା ଦଳରେ ଗୋଷ୍ଠୀ କନ୍ଦଳ ସୃଷ୍ଟି କରିଛି। କଥା କର୍ଣ୍ଣାଟକରୁ ଯାଇ ଦିଲ୍ଲୀରେ ପହଞ୍ଚିଛି। ତଥାପି ଅଙ୍କ ଛିଡ଼ି ପାରୁନି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଏକ ଗୋଷ୍ଠୀ ଦାବି କରୁଥିବାବେଳେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ପଦ ଛାଡ଼ିବାକୁ ଚାହୁଁନାହାନ୍ତି। ସେ ନିଜ କାର୍ଯ୍ୟକାଳ ପୂରଣ କରିବେ ବୋଲି କହି ସାରିଛନ୍ତି। ଶିବକୁମାର ଏବଂ ସେ ହାଇକମାଣ୍ଡଙ୍କ ନିଷ୍ପତ୍ତି ମାନିବା ଉଚିତ ବୋଲି କହି ସେ ନୂଆ ଚର୍ଚ୍ଚାକୁ ଖୋରାକ ଯୋଗାଇଛନ୍ତି। ତେବେ କିଛି ଦିନ ହେଲା ଡିକେ ଦେଇ ଚାଲିଥିବା ବୟାନ ମଧ୍ୟ ସଂଶୟକୁ ଅଧିକ ଘନୀଭୂତ କରୁଛି। ରାଜ୍ୟର ସବୁ ବିଧାୟକ ମୋର ଏବଂ ହାଇକମାଣ୍ଡଙ୍କ ନିଷ୍ପତ୍ତି ମାନିବୁ କହି ସେ ଦ୍ୱନ୍ଦ୍ୱ ବଢ଼ାଇଛନ୍ତି। କର୍ଣ୍ଣାଟକର କିଛି ବିଧାୟକ ଦିଲ୍ଲୀ ଯାଇ ଦଳୀୟ ନେତୃତ୍ୱଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପନ୍ଥା ଆପଣାଇଛନ୍ତି। ସେ ରବିବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଭେଟି ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଆଲୋଚନା କରିଛନ୍ତି। ଏହି ବୈଠକରେ କି ନିଷ୍ପତ୍ତି ନିଆଯାଇଥିଲା ତାହା ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦାବିଦାର ବଢ଼ିବାରେ ଲାଗିଛନ୍ତି। ଗୃହମନ୍ତ୍ରୀ ଜି. ପରମେଶ୍ୱର ନିଜକୁ ମୁଖ୍ୟମନ୍ତ୍ରୀ ଦାବିଦାର ବୋଲି କହିଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ନେଇ ଖଡଗେ ମୁହଁ ଖୋଲିଛନ୍ତି। ଏହା ଉପରେ ହାଇକମାଣ୍ଡ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। କିନ୍ତୁ ସେ ଏନେଇ ଆଉ କିଛିବାକୁ ଚାହୁଁ ନ ଥିବା ଉଲ୍ଲେଖ କରିଛନ୍ତି।

ଆଜି ସିଦ୍ଧରମୈୟାଙ୍କ ସହ ବୈଠକରେ କି ଚର୍ଚ୍ଚା ହେଲା ବୋଲି ସାମ୍ବାଦିକ ପ୍ରଶ୍ନ କରିବାରୁ ଖଡଗେ ଚିଡ଼ି ଯାଇଥିଲେ। ଯାହା ହେବ ତାହା ହାଇକମାଣ୍ଡ କରିବେ, ଆପଣଙ୍କୁ ଚିନ୍ତା କରିବାର ଆବଶ୍ୟକତା ନାହିଁ ବୋଲି କହିଥିଲେ। ଖଡ୍‌ଗେଙ୍କ ଏହି ବୟାନକୁ ନେଇ ବିଜେପି ନିଶାଣ କରିଛି। ଯଦି କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦଳର ହାଇକମାଣ୍ଡ ନୁହଁନ୍ତି,ତେବେ ସେ ଆଉ କିଏ ବୋଲି ବିଜେପି ବିଧାୟକ ସୁରେଶ କୁମାର ପଚାରିଛନ୍ତି। ଖଡ଼ଗେଙ୍କ ସ୍ଥିତି କଂଗ୍ରେସର ବାସ୍ତବିକ ସ୍ଥିତିକୁ ଦେଖାଉଛି। ନକଲି ଗାନ୍ଧୀ ପରିବାର କଂଗ୍ରେସର ସବୁ କ୍ଷମତା ନିଜ ପାଖରେ ରଖିଛି ବୋଲି କର୍ଣ୍ଣାଟକ ବିରୋଧୀ ଦଳ ନେତା ଆର ଅଶୋକ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ଗୃହମନ୍ତ୍ରୀ ଜି ପରମେଶ୍ୱର ନିଜକୁ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ନେତା ଭାବେ ଉପସ୍ଥାପନ କରିଛନ୍ତି। ତେବେ ହାଇକମାଣ୍ଡଙ୍କ ସହ କିମ୍ବା ବିଧାୟକ ଦଳ ବୈଠକରେ ମୁଖ୍ୟମନ୍ତ୍ରୀ ବଦଳାଇବାକୁ କୌଣସି ଚର୍ଚ୍ଚା ହୋଇନାହିଁ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ବଦଳାଇବାର ଚର୍ଚ୍ଚାକୁ ନେଇ ଆଜି ସିଦ୍ଧରମେୟା କହିଛନ୍ତି ଯେ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ମୁଁ ଏବଂ ଡିକେ ପାଳନ କରିବା ଉଚିତ। ଯାହା ନିଷ୍ପତ୍ତି ଆସିବ ସେଥିରେ ସହମତ ହେବା ଆବଶ୍ୟକ। ସେହିପରି ସିଦ୍ଧରମେୟାଙ୍କ ଘନିଷ୍ଠ ମନ୍ତ୍ରୀ ଏଚ.ଚି ମହାଦେବପା ଏବଂ କେ ଭେଙ୍କଟେଶ ମଧ୍ୟ ଖଡଗେଙ୍କୁ ଭେଟିଛନ୍ତି।

## ପାକ୍ ସେନା ଉପରେ ଆତ୍ମଘାତୀ ଆକ୍ରମଣ; ୩ କମାଣ୍ଡର ନିହତ

ଇସଲାମାବାଦ୍, ୨୪।୧୧(ଏଜେନ୍ସି): ପାକିସ୍ତାନର ପେଶାୱରରେ ସୋମବାର ସକାଳେ ଫ୍ରଣ୍ଟିୟର କନଷ୍ଟାବୁଲାରୀ ମୁଖ୍ୟାଳୟରେ ଦୁଇଟି ଆତ୍ମଘାତୀ ଆକ୍ରମଣ ହୋଇଛି। ଏଥିରେ ୬ ଜଣ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୩ ଜଣ କମାଣ୍ଡର ଓ ୩ ଜଣ ଆକ୍ରମଣକାରୀ ସାମିଲ ରହିଛନ୍ତି। ଏଥିରେ ଏକାଧିକ ଲୋକ ଆହତ ହୋଇଛନ୍ତି। ଆକ୍ରମଣକାରୀ ଚାଦର ଘୋଡ଼ାଇ ହୋଇ ଆସିଥିଲେ ଏବଂ ସେନା କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ। ଏହାପରେ ବଡ଼ ଧରଣର ଅପରେସନ୍ କରାଯାଇଥିଲା। ସକାଳ ୮ଟାରେ ଏହି ଆକ୍ରମଣ ହୋଇଥିଲା। ପାରାମିଲିଟାରୀ ବିଲ୍ଡିଂର ଦ୍ୱାରରେ ଦୁଇଟି ବିସ୍ଫୋରଣ ହୋଇଥିଲା ବୋଲି ପୁଲିସ କହିଛି।

## ଇଣ୍ଡିଆ ଗେଟ୍‌ରେ ଲାଗିଲା ମାଓବାଦୀ ହିଡମାର ପୋଷ୍ଟର; ୨୨ ଗିରଫ

ନୂଆଦିଲ୍ଲୀ, ୨୪।୧୧ (ଏଜେନ୍ସି): ଦିଲ୍ଲୀରେ ବାୟୁ ପ୍ରଦୂଷଣ ସାଙ୍ଘାତିକ ହେବାରେ ଲାଗିଛି। ଏହାକୁ ନେଇ ରବିବାର ସନ୍ଧ୍ୟାରେ 'ଇଣ୍ଡିଆ ଗେଟ' ସାମ୍ନାରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ଦୁର୍ଦ୍ଦାନ୍ତ ମାଓବାଦୀ 'ମାଡଭି ହିଡମା'ର ପୋଷ୍ଟର ଲଗାଯାଇଛି। ଏଥିରେ ହିଡମାର ତୁଳନା ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ସହ କରାଯାଇଛି। ହିଡମା ଅମର ରହେ ସ୍ଲୋଗାନ ମଧ୍ୟ ଲେଖାଯାଇଛି। ଏହାକୁ ନେଇ ପୁଲିସ ଦୁଇଟି ଏତଲା ରୁଜୁ କରିଛି। ଏ ପର୍ଯ୍ୟନ୍ତ ୨୨ ଜଣଙ୍କୁ ଗିରଫ କରାଗଲାଣି।ଅନ୍ୟପକ୍ଷରେ ପ୍ରଦୂଷଣକୁ ଦେଖି ଦିଲ୍ଲୀରେ ୫୦ ପ୍ରତିଶତ ଘରୋଇ ଏବଂ ସରକାରୀ କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୯ ସେନା ଅଧିକାରୀଙ୍କୁ ବରଖାସ୍ତ କଲା ଇସ୍ରାଏଲ୍

ତେଲ ଅଭିଭ୍, ୨୪।୧୧(ଏଜେନ୍ସି): ଇସ୍ରାଏଲ ୯ ଜଣ ଆଗଧାଡିର ସେନା ଅଧିକାରୀଙ୍କୁ ବରଖାସ୍ତ କରିଛି। ଦୁଇବର୍ଷ ତଳେ ୨୦୨୩ ଅକ୍ଟୋବର ୭ରେ ହୋଇଥିବା ହମାସ ଆକ୍ରମଣକୁ ରୋକିବାରେ ଏହି ଅଧିକାରୀମାନେ ବିଫଳ ହୋଇଥିଲେ ବୋଲି ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଚିଫ୍ ଅଫ୍ ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ଇଆଲ ଜମିର କହିଛନ୍ତି। ହମାସର ଏହି ଆକ୍ରମଣରେ ୧, ୨୦୦ ଇସ୍ରାଏଲ ନାଗରିକ ମୃତ୍ୟୁବରଣ କରିଥିଲେ। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ ହମାସ ଏହି ଆକ୍ରମଣ କରିବାର ସୁଯୋଗ ପାଇଥିଲା। ଏହାକୁ ନେଇ ରବିବାର ଇସ୍ରାଏଲ୍‌ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାର ନିରପେକ୍ଷ ତଦନ୍ତ ପାଇଁ ବିକ୍ଷୋଭକାରୀମାନେ ଦାବି କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନରେ ୫୦୦, ୦୦୦ ଲୋକ ଅଂଶଗ୍ରହଣ କରିଥିଲେ। ଫଳରେ ଏହି ଅଧିକାରୀମାନଙ୍କ ବରଖାସ୍ତ କରିବା ପାଇଁ ସରକାରଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା। କିନ୍ତୁ ବରଖାସ୍ତ ହୋଇଥିବା ଅଧିକାଂଶ ଅଧିକାରୀ ସେନ ଚାଡି ସାରିଛନ୍ତି ବୋଲି ଜଣାଯାଇଛି। ସେନାର ଏହି ନିଷ୍ପତ୍ତି କଷ୍ଟକର ବୋଲି ଆଇଡିଏଫ୍ ମୁଖ୍ୟ ଜମିର କହିଛନ୍ତି।

## ଇସିଙ୍କୁ ମମତାଙ୍କ ଚିଠି:ପଶ୍ଚିମବଙ୍ଗରେ ଘରୋଇ କମ୍ପାନୀଙ୍କୁ ବିରୋଧ

କୋଲକାତା, ୨୪।୧୧ (ଏଜେନ୍ସି): ପଶ୍ଚିମବଙ୍ଗରେ ନିର୍ବାଚନୀ ବ୍ୟବସ୍ଥାକୁ ନେଇ ଦିଆଯାଇଥିବା ଦୁଇଟି ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଶ୍ନ ଉଠାଇଛନ୍ତି। 'ଡାଟା ଏଣ୍ଟ୍ରି' କାମ ଘରୋଇ କମ୍ପାନୀଙ୍କୁ ଦେବା ଏବଂ ପ୍ରାଇଭେଟ ହାଉସିଂ ସୋସାଇଟିରେ ମତଦାନ କେନ୍ଦ୍ରକୁ ବିରୋଧ କରାଯାଇଛି। ଏହାକୁ ନେଇ ମମତା ସୋମବାର ନିର୍ବାଚନ କମିଶନଙ୍କୁ ଚିଠି ଲେଖିଛନ୍ତି। ଏଥିରେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଦେଇଥିବା ପ୍ରସ୍ତାବ ଉପରେ ଦିଦି ପ୍ରଶ୍ନ ଉଠାଇଛନ୍ତି। ହଜାରେ ଡାଟା ଏଣ୍ଟ୍ରି ଅପରେଟର୍ସ ଏବଂ ୫୦ ସଫ୍ଟୱେୟର ଡେଭଲପର୍ସଙ୍କୁ ବାହାରୁ ନିଯୁକ୍ତି ଦେବାକୁ ବିରୋଧ କରାଯାଇଛି। ଏହି ଦୁଇ ପ୍ରସ୍ତାବ ବିପଦପୂର୍ଣ୍ଣ ବୋଲି ଦିଦି କହିଛନ୍ତି। ଏହା ଦ୍ୱାରା ନିର୍ବଚନୀ ବ୍ୟବସ୍ଥାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିବ। ତେଣୁ ଏହି ପ୍ରସଙ୍ଗକୁ ନିରପେକ୍ଷ ଏବଂ ସ୍ୱଚ୍ଛତାର ସହ ଯାଞ୍ଚ କରିବାକୁ ନିବେଦନ କରିଛନ୍ତି। ଏହି ନିଷ୍ପତ୍ତି ପଛରେ ରାଜନୈତିକ ଉଦ୍ଦେଶ୍ୟ ଲୁଚି ରହିଥିବା ଦିଦି କହିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୬ ମାର୍ଚ୍ଚ ଏପ୍ରିଲରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟରେ ଏସଆଇଆର ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ ଉତ୍ତର ପ୍ରଦେଶ ନୋଏଡ଼ାର ବିଏଲଓ ପିଙ୍କି ସିଂହ ଏସଆଇଆର ଜନିତ କାର୍ଯ୍ୟଚାପ ଯୋଗୁଁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଶିକ୍ଷା ସହିତ ବିଏଲଓ କାର୍ଯ୍ୟ ତୁଲାଇବା କଷ୍ଟସାଧ ହେଉଛି ବୋଲି ଇସ୍ତଫାପତ୍ରରେ ସେ ଉଲ୍ଲେଖ କରିଛନ୍ତି।

## ସ୍ୱଦେଶୀ ଯୁଦ୍ଧପୋତ 'ଆଇଏନ୍‌ଏସ୍ ମାହେ' ନୌସେନାରେ ସାମିଲ




ନୂଆଦିଲ୍ଲୀ, ୨୪।୧୧(ଏଜେନ୍ସି): ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଯୁଦ୍ଧପୋତ ଆଇଏନ୍‌ଏସ୍ ମାହେ ସୋମାବାର ଭାରତୀୟ ନୌସେନାରେ ସାମିଲ ହୋଇଛି। ଏହା ମାହେ- କ୍ଲାସର ପ୍ରଥମ ଆଣ୍ଟି ସବମେରିନ ଓ ଅପେକ୍ଷାକୃତ କମ୍ ଗଭୀର ପାଣିରେ ଚାଲୁଥିବା ଯୁଦ୍ଧପୋତ। ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଏହାକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ପୁଡୁଚେରୀର ମାହେ ସହର ନାମ ଅନୁସାରେ ଏହାର ନାମକରଣ ହୋଇଛି। ମୁମ୍ବଇର ନୌସେନା ଡକୟାର୍ଡରେ ଆୟୋଜିତ କମିଶନିଂ ସମାରୋହରେ ଭାରତୀୟ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସେ ୩ଟି ସେନାର ମିଳିତ ସାମର୍ଥ୍ୟ ଓ ଶକ୍ତି ଉପରେ ଜୋର ଦେଇଥିଲେ। ସିନର୍ଜି ଅର୍ଥାତ ତାଳମେଳ ହିଁ ସଶସ୍ତ୍ର ବଳର ପ୍ରକୃତ ଶକ୍ତି। ଅପରେସନ ସିନ୍ଦୂରର ଉଦାହରଣ ଦେଇ ସେ ଏହି କଥା କହିଥିଲେ। ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଇଏନ୍‌ଏସ୍ ମାହେ ଓ ତା'ର କ୍ରୁ ମେମ୍ବରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା କେବଳ ନୌସେନା ନୁହଁ ପୂରା ଦେଶର ବିଶ୍ୱାସ ନେଇ ସାଥିରେ ଚାଲିବ। ଆଧୁନିକ ଯୁଗରେ ଯୁଦ୍ଧ କେବଳ ଗୋଟିଏ ସ୍ଥାନରେ ହେଉନାହିଁ। ଏହା ଜଳ, ସ୍ଥଳ, ଆକାଶ, ଅନ୍ତରୀକ୍ଷ ଓ ସାଇବର ସବୁ ସ୍ଥାନରେ ହେଉଛି। ୩ଟି ସେନା ସାଥି ହୋଇ ତାଳମେଳ ରକ୍ଷା କରିବା ସହ ନିଜ ରଣନୀତ ଅନୁସାରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହି ଜାହାଜ କମ୍ ଗଭୀର ଜଳରେ ଅପରେସନ, କୋଷ୍ଟାଲ ପାଟ୍ରୋଲିଂ, ସାମୁଦ୍ରିକ ରାସ୍ତାର ସୁରକ୍ଷା ଓ ଶତ୍ରୁ ଦେଶରୁ ବୁଡ଼ା ଜାହାଜକୁ ଖୋଜିବା ପ୍ରକ୍ରିୟାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ। ବିନା କୌଣସି ଶବ୍ଦରେ ଅତି ଶାନ୍ତ ଭାବେ ଏହି ଜାହଜ ତା'ର କାର୍ଯ୍ୟ କରିବ। ସେଥିପାଇଁ ଏହି ଜାହଜକୁ 'ସାଇଲେଣ୍ଟ ହଣ୍ଟର' ବୋଲି କୁହାଯାଇଛି। ଆଇଏନ୍‌ଏସ୍ ମାହେର ୮୦ ପ୍ରତିଶତ ଅଂଶ ଭାରତରେ ନିର୍ମିତ ହୋଇଛି। ଏହାକୁ କୋଚିନ ସିପ୍‌ୟାର୍ଡ ଲିମିଟେଡ (ସିଏସ୍‌ଏଲ୍)ରେ ପ୍ରସ୍ତୁତ କରାଯାଇଛି। ଏହା ନୌସେନାର ଆତ୍ମ ନିର୍ଭର ଭାରତ ଅଭିଯାନ ପାଇଁ ଏକ ବଳିଷ୍ଠ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

## ଅରୁଣାଚଳରେ ଜନ୍ମିତ ମହିଳାଙ୍କ ପାସ୍‌ପୋର୍ଟକୁ ଅବୈଧ କହିଲା ଚୀନ୍

ବେଜିଂ, ୨୪।୧୧(ଏଜେନ୍ସି): ବ୍ରିଟେନରେ ରହୁଥିବା ଜଣେ ଭାରତୀୟ ମହିଳା ପେମ୍ ୱାଙ୍ଗଜଙ୍ଗ୍‌ଙ୍କୁ ଚୀନର ସାଂଘାଇ ବିମାନ ବନ୍ଦରରେ ଇମିଗ୍ରେସ୍‌ନ ଅଧିକାରୀମାନେ ଘଣ୍ଟା ଘଣ୍ଟା ଧରି ଅଟକ ରଖିବା ସହ ସମସ୍ୟାରେ ପକାଇଥିଲେ ବୋଲି ଅଭିଯୋଗ କରିଛନ୍ତି। ଏକ ଗଣମାଧ୍ୟମ ଏଜେନ୍ସିକୁ ସେ କଥାବାର୍ତ୍ତା ବେଳେ ଏହି କଥା କହିଛନ୍ତି। ଚୀନ୍ ଅଧିକାରୀମାନେ ତାଙ୍କ ଭାରତୀୟ ପାସପୋର୍ଟକୁ ମାନିବାକୁ ମନା କରିଦେଇଥିଲେ। ପାସ୍‌ପୋର୍ଟରେ ତାଙ୍କ ଜନ୍ମସ୍ଥାନ ଅରୁଣାଚଳ ପ୍ରଦେଶ ଲେଖାଯାଇଥିବାରୁ ଅଧିକାରୀମାନେ ତାଙ୍କ ପାସ୍‌ପୋର୍ଟକୁ ଗ୍ରହଣ କରି ନ ଥିଲେ ବୋଲି ସେ କହିଛନ୍ତି। ନଭେମ୍ବର ୨୧ରେ ସେ ଲଣ୍ଡନରୁ ଜାପାନ ଯାଉଥିଲେ। କିନ୍ତୁ ସାଙ୍ଘାଇ ବିମାନ ବନ୍ଦରରେ ତାଙ୍କର ୩ ଘଣ୍ଟାର ଟ୍ରାନଜିଟ୍ ଥିଲା। ଏଠାରେ ଅଧିକାରୀମାନେ ମୋ ପାସ୍‌ପୋର୍ଟକୁ ଅବୈଧ ବୋଲି କହିଥିଲେ। ଅରୁଣାଚଳ ପ୍ରଦେଶ ଚୀନ୍‌ର ଅଂଶ ବୋଲି ସେମାନେ ଉଲ୍ଲେଖ କରିଥିଲେ। ମୋତେ ୧୮ ଘଣ୍ଟା ଧରି ପଚରା ଉଚରା କରିବା ସହ ପରିହାସ କରାଯାଇଥିଲା ବୋଲି ପେମ୍ କହିଛନ୍ତି। ଏହି ଅବସରରେ ମୋତେ କୌଣସି ସଠିକ ସୂଚନା ଦିଆଯାଇ ନଥିଲା ଓ ଖାଇବାକୁ ମଧ୍ୟ ଦିଆଯାଇ ନଥିଲା। କେବଳ ସେତିକି ନୁହଁ ବିମାନ ବନ୍ଦରର ସୁବିଧା ସୁଯୋଗ ବ୍ୟବହାର କରିବାକୁ ଦିଆଯାଇ ନ ଥିଲା ବୋଲି ସେ କହିଛନ୍ତି। ପେମ୍ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ନିକଟକୁ ଅଭିଯୋଗ କରି ଚିଠି ଲେଖିଛନ୍ତି। ଏହା ଦ୍ୱାରା ଭାରତର ସାର୍ବଭୌମତ୍ୱ ଓ ଅରୁଣାଚଳ ପ୍ରଦେଶ ନାଗରିକଙ୍କର ଅପମାନ ହୋଇଛି ବୋଲି ପେମ୍ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ସେମାନେ ପାସ୍‌ପୋର୍ଟକୁ ଜବତ କରିବା ସହ ଲିଗାଲ ଭିସା ସତ୍ତ୍ୱେ ଜାପାନ ଯିବାକୁ ଥିବା ଫ୍ଲାଇଟ୍‌ରେ ଚୀନ୍ ଅଧିକାରୀମାନେ ତାଙ୍କୁ ଚଢ଼ିବାକୁ ଦେଇ ନଥିଲେ। ଭାରତୀୟ ଦୂତାବାସର ସହାୟତାରେ ସେ ଏହି ସମସ୍ୟାରୁ ବାହାରିବା ସହ ଜାପାନ ଯାଇଥିଲେ।

# ପାକିସ୍ତାନକୁ ଅଣଦେଖା କରିବାର ଫଳ ଭୋଗୁଛି ଆମେରିକା



ୱାଶିଂଟନ, ୨୪।୧୧ (ଏଜେନ୍ସି): ଆମେରିକା ଗୁଇନ୍ଦା ଏଜେନ୍ସି ସିଆଇଏର ପୂର୍ବତନ ବରିଷ୍ଠ ଅଧିକାରୀ ଜେମ୍ସ ଲଲାର ପାକିସ୍ତାନ କଳାକାରନାମାର ମୁଖା ଖୋଲି ଦେଇଛନ୍ତି। ପୁଣିଥରେ ବିଶ୍ୱରେ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ଏହି ଦେଶ ନିନ୍ଦିତ ହୋଇଛି। ପାକିସ୍ତାନ କେମିତି ପରମାଣୁ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ କରୁଥିଲା, ଆଉ ଏହା ପଛରେ କିଏ କିଏ ରହିଥିଲେ ତାହାର ଗୁମର ଖୋଲି ଯାଇଛି। ପାକିସ୍ତାନୀ ବୈଜ୍ଞାନିକ ଡ.ଅବଦୁଲ କାଦିର ଖାନଙ୍କ 'ପରମାଣୁ ଚୋରାଚାଲାଣ ନେଟୱର୍କ'କୁ ନେଇ ଲଲାର ଅନେକ ସୂଚନା ଦେଇଛନ୍ତି। ପାକିସ୍ତାନକୁ ପ୍ରଥମେ ଅଣଦେଖା କରିବାର ଭଳ ଆଜି ଯାଏଁ ଆମେରିକା ଭୋଗୁଛି ବୋଲି ସେ କହିଛନ୍ତି।

ଏକ ସାକ୍ଷାତକାରରେ ଜେମ୍ସ କହିଛନ୍ତି ଯେ କାଦିର ଖାନ୍ କେବଳ ଆମେରିକା ପାଇଁ ପରମାଣୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଆମେରିକା ଭାବୁଥିଲା। କିନ୍ତୁ ପରେ ସେ ଲିବିୟା, ଇରାନ ଭଳି ଅନେକ ଦେଶ ପାଇଁ ପରମାଣୁ ଜ୍ଞାନକୌଶଳ ଏବଂ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିବାର ସାମଗ୍ରୀ ବେଆଇନ ଭାବେ ବିକ୍ରି କରୁଥିବା ଜଣାପଡ଼ିଥିଲା। ବହୁତ ବିଳମ୍ବରେ ଆମେରିକାର ନିଦ ଭାଙ୍ଗି ଥିଲା। କାଦର ଏତେ ବଡ଼ ଚୋର ବୋଲି ଆମେ ସ୍ୱପ୍ନରେ ସୁଧା ଭାବି ନ ଥିଲୁ। ସେ କିଛି ନେତା ଏବଂ ସେନା ଅଧିକାରୀଙ୍କ ସହ ମିଶି ଏପରି କରୁଥିଲା। ସେମାନଙ୍କୁ ମୋଟା ଅଙ୍କର ଲାଞ୍ଚ ଦେଉଥିଲେ। ସିଆଇଏର ପୂର୍ବତନ ମୁଖ୍ୟ ଜର୍ଜ ଟେନେଟ ଏ ବିଷୟରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁଶାରଫଙ୍କୁ ସୂଚନା ଦେଇଥିଲେ। ସେ ଏହା ଶୁଣି ରାଗି ଯାଇଥିଲେ ଏବଂ କାଦର ଖାନଙ୍କୁ ଗାଳି ଦେଇ ମାରି ଦେବେ ବୋଲି ଧମକ ଦେଇଥିଲେ।

କାଦିର ପାକିସ୍ତାନ ପରମାଣୁ କାର୍ଯ୍ୟକ୍ରମର ଜନକ ଭାବେ ପରିଚିତ। ସେହିପରି ତାଙ୍କ ନେଟୱର୍କକୁ ଭୁଶୁଡ଼ାଇବାର ଶ୍ରେୟ ଜେମ୍ସଙ୍କୁ ଯାଉଛି। ସିଆଇଏର ପୂର୍ବତନ ଅଧିକାରୀ ଏହି କାଦିରଙ୍କୁ ମୃତ୍ୟୁର ସୌଦାଗର କହୁଥିଲେ। ତାଙ୍କ ନେଟୱର୍କ ବହୁତ ବଡ଼ ଥିଲା। ସାରା ବିଶ୍ୱରେ ପରମାଣୁ ବୋମା ପ୍ରସ୍ତୁତିର ମେସିନ୍, ବ୍ଲୁ-ପ୍ରିଣ୍ଟ, ସେଣ୍ଟ୍ରିଫ୍ୟୁଜ ଏବଂ ୟୁରାନିୟମ ବିଶୁଦ୍ଧ କରିବାର ଜ୍ଞାନକୌଶଳକୁ ବେଆଇନ ଭାବେ ଅନ୍ୟ ଦେଶକୁ ପଠା ଯାଉଥିଲା। ସେ ବିଶ୍ୱର ସବୁଠୁ ବିପଜ୍ଜନକ ପରମାଣୁ ବ୍ଲାକ ମାର୍କେଟ ଚଳାଉ ଥିଲେ। ଏହା ୧୯୯୦ରେ ଜଣା ପଡ଼ିଥିଲା। ଏହି ନେଟୱର୍କରେ ସାମିଲ ହେବାର କାମ ଲଲାରଙ୍କୁ ଦିଆଯାଇଥିଲା। ସ୍ୱିଜରଲାଣ୍ଡ, ଜର୍ମାନୀ, ମାଲେସିଆ ଏବଂ ଦୁବାଇରେ ଜାଲ କମ୍ପାନୀ ଗଢ଼ା ଯାଇଥିଲା।ଏହା ମାଧ୍ୟମରେ ପରମାଣୁ ଡିଭାଇସ ବିକ୍ରି କରାଯାଉଥିଲା। ଖାନ୍‌ଙ୍କ ଲୋକ ଏହି କମ୍ପାନୀ ମାଧ୍ୟମରେ ସାମଗ୍ରୀ ଅର୍ଡର କରୁଥିଲେ। ଚୋରଙ୍କୁ ହରାଇବା ପାଇଁ ଆମକୁ ଚୋର ହେବାକୁ ପଡ଼ିଥିଲା। ଏହି ଜାଲ୍ କମ୍ପାନୀରୁ ଖରାପ ଯନ୍ତ୍ରାଂଶ ପଠା ଯାଉଥିଲା। ସେଥିପାଇଁ ଇରାନ ଏବଂ ଲିବିୟା ଭଳି ଦେଶର ସେଣ୍ଟ୍ରିଫ୍ୟୁଜ ବାରମ୍ବାର ଖରାପ ହେଉଥିଲା। ୨୦୦୩ରେ ଧରା ପଡ଼ିବାରୁ ଇରାନ ନିଜ ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିଥିଲା। ଇରାନକୁ ପରମାଣୁ ବୋମା ଜ୍ଞାନକୌଶଳ ଦିଆଯାଇଥିଲା। ଏହା ଉପରେ ଏବେ ବି ଇରାନ କାମ କରୁଛି। ଲଲାର କହିଛନ୍ତି ଯେ ୧୯୮୦ରେ ଆଫଗାନିସ୍ତାନରେ ସୋଭିଏତ ସଂଘ ସହ ଲଢ଼ିବା ପାଇଁ ଆମେରିକାକୁ ପାକିସ୍ତାନର ଆବଶ୍ୟକତା ଥିଲା। ତେଣୁ ଜାଣିଶୁଣି କାଦିରଙ୍କୁ ଆମରିକା ଅଣଦେଖା କରିଥିଲା। ଏହା ଏକ ବଡ଼ ଭୁଲ୍ ଥିଲା। ଆମେରିକା ଏହାର ଫଳ ଆଜି ଯାଏଁ ଭୋଗୁଛି। ଭାରତ ଏବଂ ଆମେରିକା ମିଶି ପରମାଣୁ ଚୋରାଚାଲାଣକୁ ରୋକିବା ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ସେ କହିଛନ୍ତି।

## ତାମିଲନାଡୁ: ଦୁଇ ବସ୍ ମୁହାଁମୁହିଁ ଧକ୍କାରେ ୬ ମୃତ

ତେନକାସୀ, ୨୪।୧୧(ଏଜେନ୍ସି): ତାମିଲନାଡୁର ତେନକାସି ଜିଲ୍ଲାରେ ସୋମାବାର ଦୁଇଟି ବସ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ବଡ଼ ଦୁର୍ଘଟଣା ଘଟିଛି। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ଜଣ ମହିଳା ଓ ଜଣେ ପୁରୁଷ ସାମିଲ ଅଛନ୍ତି। ଗୋଟିଏ ବସ ମଦୁରାଇରୁ ସେନକୋଟାଇ ଓ ଅନ୍ୟ ବସ୍‌ଟି ଟେନ୍‌କାସିରୁ କୋଭିଲପାଟି ଯାଉଥିବା ବେଳେ ସୋମବାର ସକାଳ ୧୧ଟାରେ ଏହି ଦୁର୍ଘଟଣା ଘଟିଥିଲା। ପ୍ରାରମ୍ଭିକ ଯାଞ୍ଚ୍‌ରୁ ଡ୍ରାଇଭରର ତ୍ରୁଟି ଥିଲା ବୋଲି ପୁଲିସ କହିଛି। ମଦୁରାଇରୁ ସେନକୋଟାଇ ଯାଉଥିବା ବସ୍‌ର ଡ୍ରାଇଭର ବେପରୁଆ ଭାବେ ଓ ଦ୍ରୁତ ଗତିରେ ଗାଡ଼ି ଚଳାଉଥିଲେ। ଆହତ ଯାତ୍ରୀଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କର ଚିକିତ୍ସା ଚାଲିଛି। କିଛି ପୀଡିତଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଇଛି। ମୃତକଙ୍କ ସଂଖ୍ୟ ବୃଦ୍ଧି ପାଇପାରେ ବୋଲି ପୁଲିସ ଆଶଙ୍କା ପ୍ରକଟ କରିଛି। ୨୫ଟି ଆମ୍ବୁଲାନ୍ସରେ ଆହତଙ୍କୁ ହସ୍ପିଟାଲ ନିଆଯାଇଥିଲା। ବସରେ ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ ଜେସିବିର ସହାୟତା ନିଆଯାଇଥିଲା। ବସ୍‌ର କ୍ଷତିଗ୍ରସ୍ତ ହୋଇଥିବା ଅଂଶକୁ କାଟି ଯାତ୍ରୀମାନଙ୍କୁ ବାହାରକୁ ନିଆଯାଇଥିଲା। ଦୁର୍ଘଟଣା ବେଳେ ଦୁଇଟି ବସ୍‌ରେ ମୋଟ୍ ୫୫ ଯାତ୍ରୀ ରହିଥିଲେ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୮୬୬- ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ଉଦ୍‌ଘାଟନ।
- ୧୯୪୮ - ଭାରତରେ ରାଷ୍ଟ୍ରୀୟ କ୍ୟାଡେଟ୍ କୋର୍ (ଏନ୍‌ସିସି)ର ସ୍ଥାପନା।
- ୧୯୬୦- ଭାରତରେ ପ୍ରଥମେ କାନପୁର ଓ ଲକ୍ଷ୍ନୌ ମଧ୍ୟରେ ଏସ୍‌ଟିଡି ସେବା ଆରମ୍ଭ ହେଲା।
- ୧୯୬୫- ଫ୍ରାନ୍ସ ପ୍ରଥମ ସାଟେଲାଇଟ୍ ଲଞ୍ଚ୍ କଲା।
- ୨୦୦୧- ପାକିସ୍ତାନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋ ପାଞ୍ଚଦିନିଆ ଯାତ୍ରାରେ ଭାରତ ପହଞ୍ଚିଲେ।
- ୨୦୧୪: ପ୍ରସିଦ୍ଧ କଥକ ନୃତ୍ୟଶିଳ୍ପୀ ସିତାରା ଦେବୀଙ୍କ ପରଲୋକ।

# ଦୀର୍ଘ ଜୀବନର ରହସ୍ୟ କାମ



ଦୀର୍ଘାୟୁ ହେବା ତଥା ସୁସ୍ଥ ଜୀବନ କଥା ଉଠିଲେ ଅଧିକାଂଶ ଶାରୀରିକ ଓ ମାନସିକ ସୁସ୍ଥତା ସହ ହେଲଦି ଡାଏଟ୍ କଥା ଭାବିଥାନ୍ତି। ହେଲେ ଦୀର୍ଘାୟୁ ହେବାର ବି ଆଉ ଏକ ରହସ୍ୟ ଅଛି। ଯାହା ସମ୍ପର୍କରେ ଲୋକେ ଖୁବ୍ କମ୍ ଆଲୋଚନା କରିଥାନ୍ତି। ଦୀର୍ଘାୟୁ ହେବାର ଅନ୍ୟତମ ରହସ୍ୟ କାମକୁ କୁହାଯାଉଛି। ତେବେ ଏ ଲାଗି କାମକୁ ବୋଝ ବୋଲି ଭାବିବା ଉଚିତ ନୁହେଁ ବରଂ ଏହାର ମଜା ନେବାକୁ ପଡ଼ିଥାଏ। ଅନେକଙ୍କ ପାଇଁ କାମ ଚାପ ଓ ଥକ୍କାଯୁକ୍ତ ଲାଗେ। ହେଲେ ଜାପାନର ଲୋକପ୍ରିୟ ସୁଶୀ ସେଫ୍ ଜିରୋ ଓନୋ କାମକୁ ଜୀବନର ଶକ୍ତି ବୋଲି କହିଛନ୍ତି। ଜିରୋ ତାଙ୍କର ଶହେ ତମ ଜନ୍ମ ଦିବସ ଅକ୍ଟୋବର ୨୭ରେ ପାଳନ କରିଛନ୍ତି। ୧୦୦ଟି ବସନ୍ତ ଅତିକ୍ରମ କରିଥିବା ଜିରୋ ଏବେ ବି କାମରୁ ଅବସର ନେଇ ନାହାନ୍ତି। ତାଙ୍କ ସ୍ୱାସ୍ଥ୍ୟର ରହସ୍ୟ କ'ଣ ବୋଲି ପଚରାଯିବାରୁ ଜିରୋ କୁହନ୍ତି, ସବୁଦିନ ସେ ଏବେ ରେସ୍ତୋରାଁ ଯାଇପାରୁ ନାହାନ୍ତି। ହେଲେ ଯଥା ସମ୍ଭବ କାମ କରିବାକୁ ଚେଷ୍ଟା କରୁଛନ୍ତି। ତାଙ୍କ ମତରେ ମଣିଷ ପାଇଁ ମହୌଷଧି ହେଉଛି କାମ କରିବା। ଯଦିଓ ବୟସାଧିକ ଯୋଗୁ ତାଙ୍କ କାମ କରିବାର ବେଗ ପୂର୍ବ ଭଳି ନାହିଁ। ହେଲେ ତାଙ୍କ ଇଚ୍ଛାଶକ୍ତି ପୂର୍ବଭଳି ରହିଛି। ସେହିପରି ସୁଶୀ ତିଆରି କରିବା ତାଙ୍କ ପାଇଁ କେବଳ ଏକ କାମ ନୁହେଁ, ବରଂ ଜୀବନ ପ୍ରତି ଭଲପାଇବା ବୋଲି ସେ କହିଛନ୍ତି। ଆଜିର ବ୍ୟସ୍ତତାପୂର୍ଣ୍ଣ ଜୀବନରେ ଲୋକେ ଶୀଘ୍ର ଥକ୍କି ଯାଉଛନ୍ତି ଏବଂ ଅବସର ଅପେକ୍ଷାରେ ରହୁଛନ୍ତି। ନିଜ କାମକୁ ଭଲପାଇଲେ କେହି ଥକ୍କିବେ ନାହିଁ, ବରଂ ଏହା ଜଣକୁ ଜୀବନ ଜିଇଁବା ପାଇଁ ଉତ୍ସାହିତ କରିଥାଏ ବୋଲି ସେ କହିଛନ୍ତି। ତେଣୁ ଏ ଦୃଷ୍ଟିରୁ ଦୀର୍ଘାୟୁ ହେବାର ଜୀବନର ମୂଳ ରହସ୍ୟ କେବଳ ଖାଦ୍ୟ ଓ ବ୍ୟାୟାମ ନୁହେଁ, ବରଂ ଏମିତି କିଛି କାର୍ଯ୍ୟ କରିବା ଯାହା ମନକୁ ଆନନ୍ଦ ଦେଉଥିବ। ସେହିପରି ଚାପ ଗ୍ରସ୍ତ ହୋଇ କାମ କରୁଥିଲେ ଏମିତି ନ କରି ଏବେଠୁ ତାକୁ ଉପଭୋଗ କରିବାକୁ ଚେଷ୍ଟା କରନ୍ତୁ ବୋଲି ସେ କହିଛନ୍ତି।

# ନିଖୋଜଙ୍କୁ ଖୋଜିବାର ନିଆରା ଉପାୟ

ଦକ୍ଷିଣ କୋରିଆରେ ମାନବ ଚାଲାଣ ଚିନ୍ତାର ବିଷୟ ପାଲଟିଛି। କାରଣ ଗତ କିଛି ବର୍ଷ ମଧ୍ୟରେ ଏଠାରେ ମାନବ ଚାଲାଣ ମାମଲା ବଢ଼ି ଚାଲିଛି। ତେବେ ଏହି ଚାଲାଣରେ ଅଧିକାଂଶ ପିଲା ସାମିଲ ଅଛନ୍ତି। ଏଭଳି ସ୍ଥଳରେ ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ ନିଆରା ଉପାୟ ବାହାର କରାଯାଇଛି। ଏହି ଉପାୟ ମାଧ୍ୟମରେ ଅନେକ ନିଖୋଜ ମାମଲାର ସମାଧାନ ମଧ୍ୟ କରାଗଲାଣି। ସାଧାରଣତଃ ନିଖୋଜ ପିଲାମାନଙ୍କୁ ଖୋଜିବା ଲାଗି ପୋଷ୍ଟର ବଣ୍ଟାଯାଏ, ଟିଭିରେ ମଧ୍ୟ ସୂଚନା ପ୍ରଦାନ କରାଯାଏ। ଏହିସବୁ ଉପାୟ କାମ ନ କରିବା ପରେ କୋରିଆନ ନେସନାଲ ପୁଲିସ୍ ଏଜେନ୍ସି (କେନ୍‌ପିଏ) ହାର୍ ମାନିଲା ନାହିଁ। ଏଥିପାଇଁ କେନ୍‌ପିଏ ପକ୍ଷରୁ 'ହୋପ ଟେପ୍' ଅଭିଯାନ ଆରମ୍ଭ କରାଯାଇଥିଲା। ଏହା ହେଉଛି ଏକ ସାଧାରଣ ପ୍ୟାକେଜିଂ ଟେପ୍ ଯାହାକି ଡେଲିଭରି ସେବାକୁ ଏକ ସର୍ଚ୍ଚ ମିଶନରେ ପରିଣତ କରିଥିଲା। ତେବେ ଏଭଳି ଏକ ପରିକଳ୍ପନା ଚେଲ୍ ୱାର୍ଲଡ୍‌ୱାଇଡ୍ ଏଜେନ୍ସିର ଥିଲା। କରୋନା ମହାମାରୀ ଏହାକୁ ସୁଯୋଗ ଦେଇଥିଲା। ଲୋକେ ଏହି ସମୟରେ ଘରେ ବସି ସପିଂ କରୁଥିଲେ। ହୋପ୍ ଟେପ୍‌ରେ ଦୀର୍ଘଦିନ ପର୍ଯ୍ୟନ୍ତ ନିଖୋଜ ଥିବା ୨୮ ଜଣ ପିଲାଙ୍କ ବିବରଣୀ ପ୍ରିଣ୍ଟ କରାଯାଇଥିଲା। କେବଳ ସେତିକି ନୁହେଁ ପୁରୁଣା ଫଟୋ ସହ ଏଆଇ ଦ୍ୱାରା ବୟସ ବଢ଼ିବା ପରେ ସେମାନେ କିପରି ଦେଖାଯାଉଥିବେ ତା'ର ଫଟୋ ଲଗାଯାଇଥିଲା। ତା'ସହ ସେମାନଙ୍କ ଶାରୀରିକ ବୈଶିଷ୍ଟ୍ୟ ମଧ୍ୟ ଉଲ୍ଲେଖ କରାଯିବା ସହ କ୍ୟୁଆର କୋଡ୍ ବି ପ୍ରଦାନ କରାଯାଇଥିଲା। ତେବେ ଏହି ଅଭିଯାନ ସଫଳ ସାବ୍ୟସ୍ତ ହୋଇଛି ଏବଂ ଅନେକ ପିଲାଙ୍କୁ ଚିହ୍ନଟ ବି କରାଯାଇଛି। ଏହି ଟେପ୍ ୨୨ଟି ସେଣ୍ଟ୍ରାଲ ଅଫିସ୍‌ରେ ମାଗଣାରେ ମିଳୁଛି। ଡେଲିଭରି ପ୍ୟାକେଜ୍‌ରୁ ଏହି ଟେପ୍‌କୁ ଖୋଲିବା ମାତ୍ରେ ଲୋକେ ନିଖୋଜ ପିଲାମାନଙ୍କୁ ଦେଖିପାରନ୍ତି।



# 'ଦ ରାଜା ସାବ୍'ର ଗୀତ ରିଲିଜ୍



ସାଉଥ୍ ସୁପରଷ୍ଟାର୍ ପ୍ରଭାସ 'ବାହୁବଳି' ଫିଲ୍ମ ପରେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ହୋଇଯାଇଛନ୍ତି। ଏବେ ପ୍ରଭାସ ତାଙ୍କ ହରର୍-କମେଡି ଫିଲ୍ମ 'ଦ ରାଜା ସାବ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ପୂର୍ବରୁ ଟିଜର୍ ଓ ଟ୍ରେଲର୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିବାବେଳେ ଏବେ ଏହି ଫିଲ୍ମର ପ୍ରଥମ ଗୀତ 'ରିବେଲ୍ ସାବ୍' ରିଲିଜ୍ ହୋଇଛି। ଏହି ଗୀତକୁ ରବିବାରଦିନ ହାଇଦ୍ରାବାଦସ୍ଥିତ ବିମଲ ଥିଏଟରରେ ଓ ଅନ୍‌ଲାଇନ୍‌ରେ ଲଞ୍ଚ କରାଯାଇଛି। ଏହାକୁ ତାମିଲ, କନ୍ନଡ଼, ମଲୟାଲମ୍ ଓ ହିନ୍ଦୀରେ ରିଲିଜ୍ କରାଯାଇଛି। ଏଥିରେ ପ୍ରଭାସ ରଙ୍ଗୀନ ପୋଷାକ ପିନ୍ଧି ଜବରଦସ୍ତ ନାଚୁଥିବାର ଦେଖାଯାଇଛି। ଦର୍ଶକଙ୍କୁ ଏହି ଗୀତ ବେଶ୍ ପସନ୍ଦ ଆସିଛି। 'ଦ ରାଜା ସାବ୍' ଆସନ୍ତା ଜାନୁଆରୀ ୯ରେ ପରଦାକୁ ଆସିବ। ଏଥିରେ ମାଳବିକା ମୋହନନ୍, ନିଧି ଅଗ୍ରୱାଲ୍, ରିଦ୍ଧି କୁମାର, ଯୋଗୀ ବାବୁ, ଜରିନା ବହାବ ଲିଡ୍ ରୋଲରେ ନଜର ଆସିବେ। ୪୫୦ କୋଟି ବଜେଟ୍‌ରେ ନିର୍ମିତ 'ଦ ରାଜା ସାବ୍' ନିର୍ଦ୍ଦେଶନା ଦେଇଛନ୍ତି ମାରୁତି ଦସାରି। ଏହି ଫିଲ୍ମ ପାଇଁ ପ୍ରଭାସ ୧୦୦ କୋଟି ନେଇଥିବା ଚର୍ଚ୍ଚା ହେଉଛି।




## କୃଷି ପରାମର୍ଶ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ପାଚିଯାଇଥିଲେ କାଟି ନିଅନ୍ତୁ।
- ମୁଗ ଓ ବିରି ବିହନ ବୁଣିବାର ଦୁଇ ଦିନ ମଧ୍ୟରେ ଘାସ ନିୟନ୍ତ୍ରଣ ପାଇଁ ମାଟି ବତର ଥିବା ଅବସ୍ଥାରେ ଏକର ପ୍ରତି ୧ ଲିଟର ପେଣ୍ଡିମିଥାଲିନ୍ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଶୀତଦିନିଆ ପନିପରିବା ତଳିଘରାରେ ବିହନ ବୁଣିବା କାର୍ଯ୍ୟ ସମାପ୍ତ କରନ୍ତୁ। ସକାଳ ଓ ସନ୍ଧ୍ୟା ସମୟରେ ପନିପରିବା ତଳିଘରାରେ ଜଳସେଚନ କରନ୍ତୁ।
- ୨୫ରୁ ୩୦ ଦିନର ପନିପରିବା ଚାରା ଯଥା -ଟମାଟୋ, ବାଇଗଣ, ଲଙ୍କା ଆଦିକୁ ମୁଖ୍ୟ ଜମିରେ ରୋପଣ କରିଦିଅନ୍ତୁ।
- କୋବି ଫସଲରେ ଠିକିରି ପିଠିଆ ପୋକର ପରିଚାଳନା ପାଇଁ ଏକର ପ୍ରତି ୬ରୁ ୮ଟି ଆଲୋକଯନ୍ତା ଲଗାନ୍ତୁ।
- କଦଳୀ କାନ୍ଦି ଅମଳ ଯୋଗ୍ୟ ହୋଇଥିଲେ, ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଶୀତଋତୁରେ ଗାଇଗୋରୁମାନଙ୍କୁ ବାୟୁ ଚଳାଚଳ ଗୁହାଳରେ ରଖନ୍ତୁ। ଗୁହାଳର ଚଟାଣ ସଫା ଓ ଶୁଖିଲା ରଖନ୍ତୁ। ସେମାନଙ୍କୁ ପ୍ରତିଦିନ ମିନେରାଲ ମିକ୍ସର ସହ ଲୁଣ, ଚୋକଡ଼ ଓ ଗୁଡ ୧୦ରୁ ୨୦ ଶତକଡ଼ା ମିଶାଇ ଖାଇବାକୁ ଦିଅନ୍ତୁ।

## ଅନନ୍ୟ ଚାଷୀ

# ବର୍ଜ୍ୟରୁ କୃଷିଯନ୍ତ୍ର ନିର୍ମିତ



ବର୍ଜ୍ୟ ଭଙ୍ଗା ଲୁହାକୁ ବ୍ୟବହାର କରି ହରିୟାଣା, ହିସାର ଜିଲ୍ଲା, ସାତରୋଡର ଚାଷୀ ରାଜେନ୍ଦ୍ର ପୁନିଆ ତିନିଟି କୃଷି ଯନ୍ତ୍ର ବନାଇଛନ୍ତି। ଡିଏସ୍‌ଆର୍ ଯନ୍ତ୍ର ଡିଜାଇନ୍ କରି ଏଥିରେ ରୋଟାଭେଟରକୁ ସଂଯୋଗ କରି ସେ ଧାନ ଧାଡ଼ି ବୁଣା କରିଥିଲେ। ଏହା ଦ୍ୱାରା ଜମିପ୍ରସ୍ତୁତ ସହିତ ବିହନ ବୁଣା କାମ ଏକାସାଙ୍ଗରେ ହୋଇଥିଲା। ଏହି ଯନ୍ତ୍ରଟି ବିହନକୁ ମାଟିରେ ସମାନ୍ତରାଳ ଭାବେ ଖୋଳି ବିହନ ପୋତିଥାଏ। ତେଣୁ ପାରମ୍ପରିକ ରୁଆ ତୁଳନାରେ ଏହି ଯନ୍ତ୍ରରେ ପାଣି ଓ ଡିଜେଲ ଖର୍ଚ୍ଚ କମ୍ ହୋଇଥିଲା। ସେହିପରି ସେ 'ଟାର୍‌ଜନ' ନାମକ ଦେଶୀ ଯୋଗାଡ ବିକଶିତ କରିଛନ୍ତି। ଏହା ବିନା ଟ୍ରାକ୍ଟରରେ ଚାଲିପାରିବ। ହାଲୁକା ଏବଂ ସ୍ୱୟଂଚାଳିତ ଏହି ଯନ୍ତ୍ରଟି ଜମିରେ ହଳ କରେ, ପଥରକୁ ଭାଙ୍ଗେ, ଘାସନିୟନ୍ତ୍ରଣ, ଖତକୁ ପ୍ରୟୋଗ କରିବା କାମ କରିଥାଏ। ଏତିକିରେ ସରିନି ରାଜେନ୍ଦ୍ରଙ୍କ ସୃଜନଶୀଳତା। ଶସ୍ୟକୁ ସଫା କରିବାକୁ ସେ ବର୍ଜ୍ୟରୁ ଏକ ସ୍ୱତନ୍ତ୍ର ପଙ୍ଖା ବିକଶିତ କରିଛନ୍ତି। ଏହି ପଙ୍ଖା ଏତେ ଶକ୍ତିଶାଳୀ ଯେ, ଘଣ୍ଟାକରେ ୧୨୦ରୁ ୧୫୦ କି.ଗ୍ରା ଶସ୍ୟ ଯଥା- ଗହମ, ଧାନ, ଗୁଆର, ବାଜରା ଆଦିକୁ ସଫା କରିପାରିଥାଏ।

# ଫସଲକୁ ପ୍ରଭାବିତ କରିପାରେ ପ୍ରଦୂଷିତ ବାୟୁ



**ଅଧୁନା ଭାରତର ଦିଲ୍ଲୀ ସମେତ ପ୍ରମୁଖ ସହରରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଚାରିଆଡ଼େ ଧୂଆଁମୟ ପରିସ୍ଥିତି। ହେଲେ ଜାଣନ୍ତିକି, ପ୍ରଦୂଷିତ ବାୟୁ ଫସଲକୁ ପ୍ରଭାବିତ କରିଥାଏ। ତେଣୁ ବାୟୁ ପ୍ରଦୂଷଣରୁ ଫସଲକୁ କେମିତି ସୁରକ୍ଷା ଦେବେ ଜାଣନ୍ତୁ।**

ବାୟୁରେ ବିଷାକ୍ତମାତ୍ରା ବୃଦ୍ଧି ପାଇଲେ ଗଛ ଏବଂ ପତ୍ରରେ ଏକ ପରସ୍ତ ଭଳି ବସିଯାଏ। ଏହାଦ୍ୱାରା ଗଛକୁ ସୂର୍ଯ୍ୟକିରଣ ପହଞ୍ଚି ପାରେ ନାହିଁ। ଗଛକୁ ଆଲୋକ ଏବଂ ଅମ୍ଳଜାନ ମିଳିପାରୁନଥିବାରୁ ଗଛର ବିକାଶ ହୁଏନି। ଗଛରେ କଳା ଦାଗ ପଡ଼ି ପତ୍ର ମଉଳିଯାଏ। ପତ୍ରଜନିତ ରୋଗ ସୃଷ୍ଟି ହୁଏ। ଫସଲ ପ୍ରଭାବିତ ହୁଏ। ଫୁଲ ଓ ଫଳ ଆସିବାରେ ମଧ୍ୟ ସମସ୍ୟା ହୁଏ।

**କେଉଁ ଫସଲକୁ କାଳ:** ମୁଖ୍ୟତଃ ବାୟୁ ପ୍ରଦୂଷଣର ପ୍ରଭାବ ତୁଳସୀ, ମନିପ୍ଲାଣ୍ଟ, ଗୋଲାପ, ଘି-କୁଆଁରୀ, ଟମାଟୋ, ବାଇଗଣ, ଲଙ୍କା, କଣ୍ଟାଜାତୀୟ ଗଛକୁ ନଷ୍ଟ କରିଥାଏ। ସେହିପରି ରୋଷେଇଶାଳ ବଗିଚାରେ ବାଇଗଣ, ଲଙ୍କା, ଟମାଟୋ ଆଦି ଫସଲରେ ଉତ୍ପାଦନ ହ୍ରାସ ପାଇଥାଏ।

**ସୁରକ୍ଷିତ ଉପାୟ:** ପତ୍ରରୁ ଧୂଳି ସଫା କରିବାକୁ ହାଲୁକା ପାଣି ସିଞ୍ଚନ କରିପାରିବେ। ଏହାଦ୍ୱାରା ଗଛକୁ ଅମ୍ଳଜାନ ଓ ବାୟୁ ଚଳାଚଳ ହୋଇପାରେ। ଗଛ ମୂଳେ ଶୁଖିଲା ପତ୍ର, କୋକୋପିଟ୍, ଖତ ପକାଇଲେ ମାଟିର ଆର୍ଦ୍ରତା ଠିକ୍ ରହିଥାଏ। ସକାଳ ୮ଟା ପୂର୍ବ ଏବଂ ସନ୍ଧ୍ୟା ୫ଟା ପରେ ଜଳସେଚନ କରନ୍ତୁ। ନିମ୍ବ ତେଲ, ପଟାସିୟମ ବାଇକାର୍ବୋନେଟ୍ ସ୍ପ୍ରେ ଗଛକୁ ପ୍ରଦୂଷଣ ପ୍ରଭାବରୁ ସୁରକ୍ଷା ଦିଏ। ଇନ୍‌ଡୋର ପ୍ଲାଣ୍ଟକୁ ଘର ଭିତରେ ରଖନ୍ତୁ। ୧୫ ଦିନ ଅନ୍ତରରେ ଗଛରେ ହ୍ୟୁମିକ୍ ଏସିଡ, ଗୋମୂତ୍ର, ନିମ୍ବ ଖତ ଆଦି ପ୍ରୟୋଗ କଲେ, ଗଛରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।

# ମାଛଙ୍କ ଖାଦ୍ୟପେୟରେ ସତର୍କତା

**ଶୀତଋତୁରେ ପୋଖରୀର ପାଣି ଶୀଘ୍ର ଥଣ୍ଡା ହୋଇଥାଏ। ଥଣ୍ଡା ପାଣି ମାଛମାନଙ୍କ ଶରୀରକୁ ଅଧିକ ପ୍ରଭାବିତ କରିଥାଏ। ତେଣୁ ଏହି ସମୟରେ ନିୟମିତ ପାଣିର ତାପମାତ୍ରା ଓ ଅମ୍ଳଜାନ ଚେକ୍ କରିବା ସହ ମାଛଙ୍କ ଖାଦ୍ୟପେୟରେ ବିଶେଷ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।**



- ଶୀତଦିନେ ପୋଖରୀର ଥଣ୍ଡା ପାଣି ଯୋଗୁ ମାଛ ବିଭିନ୍ନ ରୋଗରେ ପୀଡ଼ିତ ହୁଅନ୍ତି। ତେଣୁ ପାଣିର ତାପମାତ୍ରା ସନ୍ତୁଳିତ ରଖିବାକୁ ସକାଳ ଏବଂ ସନ୍ଧ୍ୟା ସମୟରେ ମଟର ଚଳାଇ ପୋଖରୀ ପାଣିରେ ନଳକୂପ ପାଣି ମିଶାଇ ପାରିବେ। ପାଣିର ସ୍ୱଚ୍ଛତାକୁ ଧ୍ୟାନ ଦିଅନ୍ତୁ।
- ତାପମାତ୍ରା କମିବା ଦ୍ୱାରା ମାଛଙ୍କ ପାଚନ ଶକ୍ତି ଧୀମା ହୋଇଯାଏ। ସେମାନଙ୍କ ଖାଇବା ପରିମାଣ କମିଯାଏ। ମାଛଙ୍କୁ ଭାସମାନ ତଥା ପୌଷ୍ଟିକ ଖାଦ୍ୟ ଦେଇ ପାରିବେ। ଖାଦ୍ୟରେ ପ୍ରୋଟିନ୍ ମାତ୍ରା ୨୮%ରୁ ୩୦% କରି ରଖନ୍ତୁ। ଦିନରେ ଗୋଟିଏ ଥର ଅପରାହ୍ନ ୩ଟା ସମୟରେ ମାଛଙ୍କୁ ଖାଇବାକୁ ଦେବା ଉଚିତ। କାରଣ ସେହି ସମୟରେ ପୋଖରୀ ପାଣିର ଉତ୍ତାପ ସର୍ବାଧିକ ରହିଥାଏ। ଫ୍ରେମ୍ ଫିଡିଂ ମାଧ୍ୟମରେ ମାଛଙ୍କୁ ଭାସମାନ ଖାଦ୍ୟ ଖାଇବାକୁ ଦେବା ଉଚିତ।
- ପାଣିର ତାପମାତ୍ରା ୨୪ ଡିଗ୍ରୀ ତଳକୁ ଖସିଲେ ଦାନା ପକାଇବା ପରିମାଣ କମ୍ କରିବା ଆବଶ୍ୟକ। ମାଛ ଅଧଘଣ୍ଟାରେ ଯେତିକି ଖାଦ୍ୟ ଖାଇବେ ସେତିକି ଖାଦ୍ୟ ଦିଅନ୍ତୁ। ଅଧଘଣ୍ଟା ପରେ ଯଦି ଖାଦ୍ୟ ବଳକା ରୁହେ ଖାଦ୍ୟ ପରିମାଣ କମ୍ କରନ୍ତୁ। ସେହିପରି ଅଧଘଣ୍ଟା ଭିତରେ ଯଦି ଖାଦ୍ୟ ସରିଯାଉଛି, ତାହେଲେ ଖାଦ୍ୟ ପରିମାଣକୁ ସେହି ଅନୁପାତରେ ବଢ଼ାଇ ପାରିବେ।

### ଜାନ୍‌ସେନ୍‌ଙ୍କୁ ୬ ୱିକେଟ, ଲଢ଼ିଲେ ସୁନ୍ଦର-କୁଲଦୀପ୍

# ଦକ୍ଷିଣ ଆଫ୍ରିକା ନିୟନ୍ତ୍ରଣରେ ବର୍ଷାପଡ଼ା ଟେଷ୍ଟ

ଗୌହାଟୀ,୨୪ା୧୧(ଏଜେନ୍ସି)





ଘରୋଇ ମାଟିରେ ଟେଷ୍ଟ କ୍ରିକେଟ ଖେଳିବାର କଳା ଭୁଲିଗଲାଣି ଭାରତ। ଏଠାରେ ଦକ୍ଷିଣ ଆଫ୍ରିକା ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଦଳର ତଥାକଥିତ ସୁପରଷ୍ଟାର ମାନେ କ୍ରିକେଟ ଖେଳର ସବୁ ବିଭାଗରେ ଫେଲ୍ ମାରିଛନ୍ତି। ଯାହା ଫଳରେ ଏଠାରେ ଭାରତ ମ୍ୟାଚ୍ ବଞ୍ଚାଇବାକୁ ସଂଘର୍ଷ କରୁଛି। ଭାରତର ବୋଲିଂ ଫେଲ୍ ମାରିବା ପରେ ଏଠାରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ କରିଥିଲା ୪୮୯ ରନ୍। ଜବାବରେ କାମଚଳା ଅଧିନାୟକ ଋଷଭ ପନ୍ତଙ୍କ ନେତୃତ୍ୱରେ ଖେଳୁଥିବା ଭାରତ ପ୍ରତିପକ୍ଷ ପେସ୍ (ଜାନସେନ-୬/୪୮) ଓ ସ୍ପିନ୍ (ହାର୍ମର (୩/୬୪) ବୋଲିଂର ମୁକାବିଲା କରି ନ ପାରି ପ୍ରଥମ ଇନିଂସରେ କରିଥିଲା ୨୦୧ ରନ୍। ଯାହା ଫଳରେ ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକାକୁ ୨୮୮ ରନ୍‌ର ଅଗ୍ରଣୀ ମିଳିଥିଲା। କିନ୍ତୁ ଦଳ ଭାରତକୁ ଫଲୋଅନ୍ ନ ଦେଇ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତୃତୀୟ ଦିନ ଖେଳ ଶେଷ ସୁଦ୍ଧା କୌଣସି ୱିକେଟ ନ ହରାଇ ୨୬ ରନ୍ ସଂଗ୍ରହ କରିନେଇଛି। ଏହା ଫଳରେ ଦଳ ୩୧୪ ରନ୍‌ରେ ଆଗୁଆ ରହି ଏହି ଟେଷ୍ଟରେ ନିଜର ସ୍ଥିତି ସୁଦୃଢ଼ କରିଛି। ଖେଳ ଆଉ ଦୁଇ ଦିନ ଥିଲାବେଳେ ଭାରତ ଯଦି ଅତି ଭଲ ବ୍ୟାଟିଂ ନ କରେ ତେବେ ମ୍ୟାଚ୍ ଓ ସିରିଜ୍ ହାରିଯିବାର ଆଶଙ୍କା ପ୍ରକାଶ ପାଇଛି। ଭ୍ରମଣକାରୀ ଦଳ ଦୀର୍ଘ ୧୭ ବର୍ଷ ପରେ କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଜିତି ନେଇଥିଲା। ଏଠାରେ ଦଳ ଯଦି ମ୍ୟାଚ୍ ବିଜୟୀ ହୁଏ କିମ୍ବା ଡ୍ର ରଖେ, ତେବେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ଐତିହାସିକ ଟେଷ୍ଟ ସିରିଜ୍ ବିଜୟୀ ହେବ।

ଏହି ଟେଷ୍ଟର ତୃତୀୟ ଦିନରେ ଭାରତର ପ୍ରଥମ ଇନିଂସ ୭ ୱିକେଟରେ ୧୨୨ରନ୍‌ରେ ପହଞ୍ଚିଥିଲା। ଏହି ସମୟରେ ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବ ୮ମ ୱିକେଟ ଭାଗୀଦାରିରେ ୨୦୮ ବଲ୍‌ରୁ ୭୨ ରନ୍ ଉଠାଇ ଦଳର କିଛି ସମ୍ମାନ ରଖିଥିଲେ। ୪୮ ରନ୍‌ରେ ସୁନ୍ଦର ଆଉଟ ହେବା ସହ ଭାରତ ଇନିଂସ ୨୦୧ ରନ୍‌ରେ ଶେଷ ହୋଇଯାଇଥିଲା। କୁଲଦୀପ ୧୩୪ ବଲ୍ ଖେଳି ୧୯ ରନ୍ କରିଥିଲେ। ଏହା ଫଳରେ ଏହି ସିରିଜ୍‌ରେ ସେ ସର୍ବାଧିକ ବଲ୍ ଖେଳିବାର ରେକର୍ଡ କରିଥିଲେ। ଏଥିରୁ ସ୍ପଷ୍ଟ ହେଉଛି, ଭାରତର ଟପ୍ ଅର୍ଡର ବ୍ୟାଟରଙ୍କ ଅନିଚ୍ଛା ଯୋଗୁ କ୍ରିଜ୍‌ରେ ବେଶି ସମୟ ରହୁନାହାନ୍ତି। ଭାରତ ପକ୍ଷରୁ ଜୟସ୍ୱାଲ ୫୮ ଓ ସୁନ୍ଦରଙ୍କ ୪୮କୁ ଛାଡିଦେଲେ ଅନ୍ୟ କେହି କ୍ଲିକ୍ କରିନାହାନ୍ତି। ରାହୁଲ ୨୨, ସାଇ ସୁଦର୍ଶନ ୧୫, ଧ୍ରୁବ ଜୁରେଲ ୦, ଋଷଭ ପନ୍ତ ୭, ରବୀନ୍ଦ୍ର ଜାଡେଜା ୬ ଓ ନୀତୀଶ କୁମାର ରେଡ୍ଡୀ ୧୦ ରନ୍‌ରେ ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଫାଷ୍ଟ ବୋଲର ମାର୍କୋ ଜାନ୍‌ସେନ୍ ଚମତ୍କାର ବୋଲିଂ କରି ୪୮ ରନ୍‌ରେ ୬ଟି ଓ ଅଫ୍ ସ୍ପିନର ସାଇମନ ହାର୍ମର ୩ଟି ୱିକେଟ ପାଇଥିଲେ। ବ୍ୟାଟିଂରେ ଜାନ୍‌ସେନ ମଧ୍ୟ ୯୧ ବଲ୍‌ରୁ ୯୩ ରନ୍‌ର ଭଲ ଇନିଂସ ଖେଳିଥିଲେ। ଭାରତରେ ଗୋଟିଏ ଟେଷ୍ଟରେ ୬ ୱିକେଟ ନେବା ଓ ଅର୍ଦ୍ଧଶତକ ହାସଲ କରିବାରେ ସେ ଦକ୍ଷିଣ ଆଫ୍ରିକାର ପ୍ରଥମ ଖେଳାଳି ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**
**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୪୮୯/୧୦ (ମୁଥୁସାମୀ-୧୦୯, ଜାନ୍‌ସେନ୍-୯୩, କୁଲଦୀପ-୪/୧୧୫) ଓ ଦ୍ୱିତୀୟ ଇନିଂସ: ୨୬/୦।
**ଭାରତ ପ୍ରଥମ ଇନିଂସ:** ୨୦୧/୧୦ (ଜୟସ୍ୱାଲ-୫୮, ସୁନ୍ଦର-୪୮, ଜାନ୍‌ସେନ୍-୬/୪୮, ହାର୍ମର-୩/୬୪)।

### ମହିଳା କବାଡ଼ି ବିଶ୍ୱକପ୍

## କ୍ରମାଗତ ୨ୟ ଟାଇଟଲ୍ ଜିତିଲା ଭାରତ



ଢାକା, ୨୪।୧୧ (ଏଜେନ୍ସି): ବାଂଲାଦେଶରେ ଶେଷ ହୋଇଥିବା ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭାରତୀୟ ମହିଳା ଦଳ ୭ (୩୫-୨୮) ପଏଣ୍ଟରେ ଚାଇନିଜ ତାଇପେଇକୁ ପରାସ୍ତ କରିଥିଲା। ଫଳରେ ଭାରତୀୟ ମହିଳା କବାଡ଼ି ଦଳ କ୍ରମାଗତ ୨ୟଥର ଲାଗି ବିଶ୍ୱକପ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ଏଥିପୂର୍ବରୁ ୨୦୧୨ରେ ପାଟନାରେ ଖେଳାଯାଇଥିବା ମହିଳା ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଇରାନକୁ ହରାଇ ଭାରତ ବିଶ୍ୱ ବିଜୟିନୀ ହୋଇଥିଲା। ଭାରତ ଏଥର ଟାଇଟଲ୍ ବଜାୟ ରଖିବା ସହ ସମ୍ପୂର୍ଣ୍ଣ ବିଶ୍ୱକପ୍‌ରେ ଗୋଟିଏ ହେଲେ ମ୍ୟାଚ୍ ହାରି ନ ଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ୪ଟି ଯାକ ମ୍ୟାଚ୍ ଜିତି ସେମିଫାଇନାଲରେ ପହଞ୍ଚିଥିଲା। ଏହାପରେ ସେମିଫାଇନାଲରେ ଭାରତ ୩୩-୨୧ରେ ଇରାନକୁ ହରାଇ ଫାଇନାଲକୁ ଉଠିଥିଲା। ଏହି ବିଶ୍ୱକପ୍‌ରେ ମୋଟ୍ ୧୧ଟି ଦେଶ ଅଂଶଗ୍ରହଣ କରିଥିଲେ।

### ବଧିର ଅଲିମ୍ପିକ୍ସ

## ଓଡ଼ିଶାର ଲୋମା ସ୍ୱାଇଁଙ୍କୁ କାଂସ୍ୟ ପଦକ



ଟୋକିଓ, ୨୪।୧୧ (ଏଜେନ୍ସି): ଜାପାନରେ ଚାଲିଥିବା ଡିଫ୍ (ବଧିର) ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଲୋମା ସ୍ୱାଇଁଙ୍କୁ କାଂସ୍ୟ ପଦକ ମିଳିଛି। ସେ କରାଟେର ୫୦ କିଲୋରୁ କମ୍ କାଟାଗୋରୀରେ ଏହି ସଫଳତା ହାସଲ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ଲୋମା ହାରିଯିବା ପରେ ବିଜୟୀ କରାଟେକା ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲେ। ଯାହା ଫଳରେ ଲୋମାଙ୍କୁ ରିପ୍‌ଚେଜ୍‌ରେ ଖେଳିବାକୁ ସୁଯୋଗ ମିଳିଥିଲା। ଏଥିରେ ସେ ବ୍ରାଜିଲ୍‌ର ପ୍ରତିଯୋଗୀଙ୍କୁ ପରାସ୍ତ କରି କାଂସ୍ୟ ପଦକ ଜିତିବାରେ ସଫଳତା ପାଇଥିଲେ। ସେହିଭଳି ମହିଳା ସୁଟିଂର ୨୫ ମିଟର ପିସ୍ତଲ ଇଭେଣ୍ଟରେ ଭାରତର ପ୍ରାଞ୍ଜଳି ପ୍ରଶାନ୍ତ ଧୁମାଳ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ତାଙ୍କର ୨ୟ ସ୍ୱର୍ଣ୍ଣ ପଦକ। ଚଳିତ ଅଲିମ୍ପିକ୍ସରେ ଭାରତୀୟ ସୁଟରମାନେ ବର୍ତ୍ତମାନ ସୁଦ୍ଧା ୧୬ଟି ପଦକ ଜିତିସାରିଛନ୍ତି। ଯେଉଁଥିରେ ୭ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ରହିଛି।

### ୨୩ ବର୍ଷରୁ କମ୍ ମହିଳା ଟି-୨୦

## ଓଡ଼ିଶାର ସହଜ ବିଜୟ


ଅଲିସ୍ମା ବିଶ୍ୱାଳ

ଭୁବନେଶ୍ୱର, ୨୪।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ଥିରୁଅନନ୍ତପୁରମରେ ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୮୫ ରନରେ ସିକ୍କିମକୁ ପରାସ୍ତ କରିଛି। ଅଲିସ୍ମା ବିଶ୍ୱାଳ (୨୯ ବଲରେ ଅପରାଜିତ ୫୧ ରନ)ଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୪ ୱିକେଟ୍‌ରେ ୧୫୨ ରନ କରିଥିଲା। ସିକ୍କିମର ପ୍ରିତୀକା ଛେତ୍ରୀଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ ସିକ୍କିମ ସମ୍ପୂର୍ଣ୍ଣ ୨୦ ଓଭର ଖେଳି ୭ ୱିକେଟରେ ମାତ୍ର ୬୭ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଦଳର ଏସ୍‌ବି ଲରେନ୍ସ ୨ଟି ଓ ଜ୍ୟୋତି ପ୍ରସାଦଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

## ସେଫିଲ୍ଡ ସିଲ୍ଡରେ ଶତକ: ନିଖିଳ ପ୍ରଥମ ଭାରତୀୟ



ସିଡ୍‌ନୀ, ୨୪।୧୧ (ଏଜେନ୍ସି): ଅଷ୍ଟ୍ରେଲିଆର ଘରୋଇ ପ୍ରଥମ ଶ୍ରେଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସେଫିଲ୍ଡ ସିଲ୍ଡରେ ଶତକ ମାରି ଭାରତୀୟ ଖେଳାଳି ନିଖିଳ ଚୌଧୁରୀ ଇତିହାସ ପୃଷ୍ଠାରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ତାସମାନିଆ ପକ୍ଷରୁ ଖେଳି ନ୍ୟୁ ସାଉଥ୍ ୱେଲ୍ସ ଦଳ ବିପକ୍ଷରେ ନିଖିଳ ୧୬୩ ରନର ମାରାଥନ ଇନିଂସ ଖେଳିଥିଲେ। ଫଳରେ ଚଳିତ ଶତାବ୍ଦୀରେ ପ୍ରଥମ ଭାରତୀୟ କ୍ରିକେଟର୍ ଭାବେ ୨୯ ବର୍ଷୀୟ ନିଖିଳ ସେଫିଲ୍ଡ ସିଲ୍ଡ ଟୁର୍ଣ୍ଣାମେଣ୍ଟରେ ଶତକ ମାରିବାର ସୌଭାଗ୍ୟ ଲାଭ କରିଛନ୍ତି। ତାଙ୍କର ଏହି ଶତକ ବଳରେ ତାସମାନିଆ ପ୍ରଥମ ପାଳିରେ ୮ ୱିକେଟରେ ୬୨୩ ରନର ବିଶାଳ ସ୍କୋର କରିଛି।

ଦିଲ୍ଲୀ ଜନ୍ମିତ ନିଖିଳ ପଞ୍ଜାବ ପକ୍ଷରୁ ବିଜୟ ହଜାରେ ଟ୍ରଫି କ୍ରିକେଟ୍ ଖେଳିଛନ୍ତି। ସେ ଶୁବମନ ଗିଲ୍, ଅଭିଷେକ ଶର୍ମା ଓ ଅର୍ଶଦୀପ୍ ସିଂହଙ୍କ ଭଳି ଖେଳାଳିଙ୍କ ସହ ଏକାଠି ଡ୍ରେସିଂ ରୁମ ଶେୟାର କରିଛନ୍ତି। ତେବେ ୨୦୨୦ ମସିହାରେ ସେ ଏକ ସଂକ୍ଷିପ୍ତ ସମୟ ଲାଗି ଅଷ୍ଟ୍ରେଲିଆ ଯାଇଥିଲେ। କିନ୍ତୁ କୋଭିଡ୍-୧୯ ଲାଗି ସେଠାରେ ଫସି ରହିଥିଲେ। ଏହାପରେ ସେ ଅଷ୍ଟ୍ରେଲିଆରେ ସ୍ଥାୟୀ ଭାବେ ରହି ସେଠାକାର ନାଗରିକତ୍ୱ ଗ୍ରହଣ କରିଥିଲେ। କିନ୍ତୁ କ୍ରିକେଟ୍ ଖେଳକୁ ଜାରି ରଖିବା ତାଙ୍କ ଲାଗି ସହଜ ନ ଥିଲା। ସେ ଖେଳ ସହିତ ପାର୍ଟଟାଇମ ଚାକିରି ଭାବେ ମାଂସ କାଟିବା, ପାର୍ସଲ ଡେଲିଭରୀ ଓ ଉବେର ଗାଡ଼ି ଚଳାଉଥିଲେ।

### ଜାତୀୟ ଜୁନିଅର ବାଳିକା ଫୁଟ୍‌ବଲ

## ବିହାର ବିପକ୍ଷରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୨୪।୧୧ (ସମିସ): ଅନନ୍ତପୁରରେ ଚାଲିଥିବା ଜାତୀୟ ଜୁନିଅର ବାଳିକା ଫୁଟ୍‌ବଲ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବା ଲାଗି ୨୦ ଜଣିଆ ଓଡ଼ିଶା ଦଳ ସୋମବାର ଆନ୍ଧ୍ର ପ୍ରଦେଶ ଅଭିମୁଖେ ଗସ୍ତ କରିଛି। ଏହି ଚାମ୍ପିଅନସିପ୍‌ରେ ଓଡ଼ିଶା ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାର ଏହି ଗ୍ରୁପ୍‌ରେ ରହିଛନ୍ତି। ନଭେମ୍ବର ୨୮ ରେ ବିହାର ବିପକ୍ଷରେ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ଏହାପରେ ଓଡ଼ିଶା ୩୦ରେ ପଶ୍ଚିମବଙ୍ଗକୁ ଏବଂ ଡିସେମ୍ବର ୨ରେ ଝାଡ଼ଖଣ୍ଡ ସହ ଶେଷ ଗ୍ରୁପ୍ ମ୍ୟାଚ୍ ଖେଳିବ। ଚାରୋଟି ଯାକ ଗ୍ରୁପ୍‌ର ପଏଣ୍ଟ ଟେବଲ ଶୀର୍ଷରେ ରହିଥିବା ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ସୋମବାର ଆନ୍ଧ୍ର ଗସ୍ତ କରିବା ପୂର୍ବରୁ ଓଡ଼ିଶା ଦଳର ଖେଳାଳି ଓ ୪ଜଣ ସପୋର୍ଟ ଷ୍ଟାଫ୍‌ଙ୍କୁ କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଯାଇଥିଲା।

### ଆନ୍ତଃଜିଲ୍ଲା ଟିଟି ଚାମ୍ପିଅନସିପ୍

## ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର,୨୪।୧୧(ସମିସ): ସିଡିଏ ସେକ୍ଟର-୭ରେ ଥିବା ବିଜୁ ପଟ୍ଟନାୟକ ଇଣ୍ଡୋର ହଲ୍‌ରେ ଚାଲିଥିବା ୩୧ତମ ଆନ୍ତଃଜିଲ୍ଲା ଟିଟି ଚାମ୍ପିଅନସିପ୍‌ର ୧୫ ବର୍ଷରୁ କମ୍ ବାଳକ, ୧୯ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଆସନ୍ତାକାଲି ସେମିଫାଇନାଲ ଖେଳାଯିବ। ୧୫ ବର୍ଷରୁ କମ୍ ବାଳକ ବିଭାଗ ପ୍ରଥମ ସେମିଫାଇନାଲରେ ପୁରୀର ଜିଜ୍ଞାସୁ ସାଇ କିରଣ ପ୍ରଧାନଙ୍କ ସହ ଭୁବନେଶ୍ୱରର ସୋମନାଥ ସୁବୁଦ୍ଧି, ଦ୍ୱିତୀୟ ସେମିରେ ଭୁବନେଶ୍ୱରର ହିତେଶ ଅଗରୱାଲଙ୍କ ସହ କଟକର ସୟଦ୍ ଅର୍ଶ ଅଲିଙ୍କର ମୁକାବିଲା ହେବ। ୧୯ ବର୍ଷରୁ କମ୍ ବାଳକ ସେମିଫାଇନାଲରେ କଟକର ସାର୍ଥକ ରାୟଙ୍କ ସହ ପୁରୀର ଜିଜ୍ଞାସୁଙ୍କର ଓ କଟକର ଜିଜ୍ଞାସୁ ସାହୁଙ୍କ ସହ ଖୋର୍ଦ୍ଧାର ଅନିନ୍ଦ୍ୟ ଅନୁପମ ଦାସ୍‌ଙ୍କର ଲଢ଼େଇ ହେବ। ବାଳିକା ସିଙ୍ଗଲ୍ସ ଫାଇନାଲ ଟିକଟ ଲାଗି କଟକର ସାକ୍ଷୀ ଭଗତଙ୍କ ସହ ଖୋର୍ଦ୍ଧାର ଆସ୍ମା ଅଦିତି ଓ କଟକର ଆରାଧ୍ୟା ସାହୁଙ୍କ ସହ ଖୋର୍ଦ୍ଧାର ଉର୍ଜା ବର୍ମାଙ୍କର ମୁକାବିଲା ହେବ।

## ବିଶାଖାଙ୍କୁ ରୌପ୍ୟ, ତନ୍ୱୀଙ୍କୁ କାଂସ୍ୟ





ଭୁବନେଶ୍ୱର, ୨୪ ।୧୧ (ସମିସ): ଓଡ଼ିଶାର ଦୁଇ ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ବିଶାଖା ଟପ୍ପୋ ଓ ତନ୍ୱୀ ପତ୍ରି ଜାତୀୟ ପ୍ରତିଯୋଗିତାରେ ପଦକ ସଫଳତା ପାଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଅରୁଣାଚଳର ଇଟାନଗରରେ ଅନୁଷ୍ଠିତ ୪୮ତମ ଆନ୍ତଃ ରାଜ୍ୟ ଜୋନାଲ ଓ ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ବିଶାଖା ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ଭବ୍ୟା ଛାବ୍ରାଙ୍କୁ ସାଥୀ କରି ମିକ୍ସଡ ଡବଲ୍ସରେ ରନର୍ସଅପ୍ ହୋଇଥିଲେ। ସେହିଭଳି ତନ୍ୱୀ ଏହି ଚାମ୍ପିଅନସିପ୍‌ର ବାଳିକା ସିଙ୍ଗଲ୍ସରେ କାଂସ୍ୟ ପଦକ ସଫଳତା ପାଇଥିଲେ। ଉଭୟ ପଦକ ବିଜୟିନୀଙ୍କୁ ଏହି ଅବସରରେ ରାଜ୍ୟ କ୍ରୀଡ଼ାଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ବାରବାଟୀ ଟି-୨୦

## ଫ୍ଲଡ୍‌ଲାଇଟ୍ ତ୍ରୁଟି ଧରିବ ସଫ୍ଟୱେୟାର

 କଟକ,୨୪।୧୧(ସମିସ)

- ମ୍ୟାଚ୍ ପୂର୍ବରୁ ହେବ ଲାଇଟ୍ ଶୋ
- ସମସ୍ୟା କରୁଛି ସାଇଡ୍‌ସ୍କ୍ରିନ; ଘୁଞ୍ଚିବ ସିଏମ୍ ଲାଉଞ୍ଜ

ବାରବାଟୀରେ ହେବାକୁ ଥିବା ଭାରତ-ଦକ୍ଷିଣଆଫ୍ରିକା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍‌କୁ ଆଉ ୧୪ଦିନ ବାକି। ଶୃଙ୍ଖଳିତ ଢ଼ଙ୍ଗରେ ମ୍ୟାଚ୍ ପରିଚାଳନା କରାଯିବା ଏବଂ ପୂର୍ବ ତ୍ରୁଟିକୁ ନଦୋହରାଇବା ଦିଗରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଫ୍ଲଡ୍‌ଲାଇଟ୍ ତ୍ରୁଟିକୁ ଏଡାଇବା ନିମନ୍ତେ ଆଗାମୀ ମ୍ୟାଚ୍‌ରେ ସ୍ୱତନ୍ତ୍ର ରୂପେ ଏକ ସଫ୍ଟୱେୟାର ବ୍ୟବହାର କରାଯିବ ବୋଲି ଓସିଏ କନସଲଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି। ବାରବାଟୀରେ ୮ଟି ଫ୍ଲଡଲାଇଟ୍ ରହିଛି। ପ୍ରତ୍ୟେକ ଖୁଣ୍ଟିରେ ୪୮ଟି ଲାଇଟ୍‌କୁ ମିଶାଇ ସମୁଦାୟ ୩୮୪ଟି ଯାକ ଲାଇଟ୍‌କୁ ଏବେ ଯାଞ୍ଚ କରାଯାଉଛି। ପ୍ରତ୍ୟେକ ଖୁଣ୍ଟିକୁ ସଫ୍ଟୱେୟାର ଜରିଆରେ ମନିଟରିଂ କରାଯିବ। ଯେକୌଣସି ସ୍ଥାନରେ ତ୍ରୁଟି ରହିଥିବ ତାହାର ସୂଚନା ଆଗୁଆ ମିଳିପାରିବ। ପ୍ରଥମଥର ନିମନ୍ତେ ଓସିଏ ଏହି ପଦକ୍ଷେପ ନେଇଛି ବୋଲି ବିଷ୍ଣୁପ୍ରସାଦ କହିଛନ୍ତି। ସେହିପରି ପ୍ରତ୍ୟେକ ଫ୍ଲଡଲାଇଟ୍‌କୁ ୨ଟି ଲେଖାଏ ଡିଜି ସେଟ୍ ସଂଯୋଗ କରାଯିବ। ଆଉ ୨ଟି ଡିଜି ସେଟ୍ ପାୱାର ଅନ୍ ଅବସ୍ଥାରେ ମହଜୁଦ ରଖାଯିବ।

ଗତ ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍ ବେଳେ ଫ୍ଲଡଲାଇଟ୍ ଲିଭିବା ଘଟଣାର ପୁନଃରାବୃତ୍ତି ଘଟିବାକୁ ଦିଆଯିବ ନାହିଁ ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଆଗାମୀ ମ୍ୟାଚ୍ ପାଇଁ ମୁଖ୍ୟମନ୍ତ୍ରୀ ଲାଉଞ୍ଜକୁ ସ୍ଥାନାନ୍ତର କରାଯିବା ପାଇଁ ଯୋଜନା ହୋଇଛି। ଲାଉଞ୍ଜ ସମ୍ମୁଖରେ ସାଇଡ୍ ସ୍କ୍ରିନ ରହି ବାଧା ସୃଷ୍ଟି କରୁଛି। ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ ହାଇକୋର୍ଟର ମୁଖ୍ୟ ବିଚାରପତି ଲାଉଞ୍ଜରେ ଦେଖିବାକୁ ମିଳିବେ। ପଦ୍ମ ଉପାଧି ବିଜେତା ଏବଂ ରାଜ୍ୟର ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଲାଉଞ୍ଜ ହେବ। ମ୍ୟାଚ୍ ଆରମ୍ଭ ପୂର୍ବରୁ ବାରବାଟୀରେ ଏଥର ଆକର୍ଷଣୀୟ ଲାଇଟ୍ ଶୋ ହେବ ବୋଲି ସୂଚନା ମିଳିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS